୬ ଏସିଆ କପ୍ : ସେପ୍ଟେମ୍ବର ୧୪ରେ ଭାରତ-ପାକିସ୍ତାନ ଟକ୍କର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୮୦ ● ୨୮ ଜୁଲାଇ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-180 ●28th July 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ମନ୍ କି ବାତ୍ : ସାନ୍ତାଳି ଶାଢ଼ିର ପୁନରୁଦ୍ଧାର କରିଥିବା ଆଦିବାସୀ ମହିଳାଙ୍କୁ ପ୍ରଶଂସା

**ନୂଆଦିଲ୍ଲୀ, ୨୭।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୨୪ତମ ଅଧ୍ୟାୟରେ ଦେଶବିଦେଶର ଶ୍ରୋତାଙ୍କ ସହ ମତବିନିମୟ କରିଛନ୍ତି। ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଦେଶର ଉଲ୍ଲେଖନୀୟ ଉପଲବ୍ଧି ଏବଂ ସମୃଦ୍ଧ ଲୋକ ପରମ୍ପରା ବିଷୟରେ ଆଲୋଚନା ବେଳେ ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ବିଷୟରେ ଉଲ୍ଲେଖ କରିଛନ୍ତି।

ଦେଶର ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ଏବଂ ସମୃଦ୍ଧ ହସ୍ତଶିଳ୍ପ ପରମ୍ପରା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସାନ୍ତାଳି ଶାଢ଼ି ବୁଣୁଥିବା ମୟୂରଭଞ୍ଜର ଆଦିବାସୀ ମହିଳାଙ୍କ ଉଦାହରଣ ଦେଇଛନ୍ତି। ସେ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ୬୫୦ରୁ ଅଧିକ ଆଦିବାସୀ ମହିଳା ପାରମ୍ପରିକ ସାନ୍ତାଳି ଶାଢ଼ିର ପୁନରୁଦ୍ଧାର କରି ପାରିଛନ୍ତି । ବର୍ତ୍ତମାନ ଏହି ମହିଳାମାନେ ପ୍ରତ୍ୟେକ ମାସରେ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେମାନେ କେବଳ ବସ୍ତ୍ର ତିଆରି କରୁନାହାନ୍ତି ବରଂ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କର ମନ କି ବାତ କାର୍ଯ୍ୟକ୍ରମରେ ବିଶ୍ୱ ପାଇଁ ଚିନ୍ତାଜନକ ସମସ୍ୟା ପାଲଟିଥିବା ବନାଗ୍ନି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରୟାସ କରୁଥିବା କେନ୍ଦୁଝରର କୀର୍ତ୍ତନ ମଣ୍ଡଳୀ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଭାରତର ବିବିଧତାର ସବୁଠାରୁ ସୁନ୍ଦର



ଝଲକ ଦେଶର ଲୋକଗୀତ ଏବଂ ପରମ୍ପରାରେ ଦେଖିବାକୁ ମିଳିଥାଏ। ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ । କିନ୍ତୁ ବନାଗ୍ନି ସମ୍ପର୍କରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଥିବା କଥା ଆପଣମାନେ କେବେ ଶୁଣିଛନ୍ତି କି ? ବୋଧହୁଏ, ଆପଣମାନେ ଏକଥାକୁ ବିଶ୍ୱାସ କରି ନ ପାରନ୍ତି, କିନ୍ତୁ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ ଏଭଳି ଏକ ଅଭିନବ ପ୍ରୟାସ କରାଯାଇଛି । ଏଠାରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଗୋଟିଏ ଦଳ ଅଛି । ଏହି ଦଳ ଆଜି ଭକ୍ତି ସହିତ ପରିବେଶ ସୁରକ୍ଷାର (ପୃଷ୍ଠା ୭ରେ)

### ବନବାସୀ ଆଶ୍ରମ ପିଲାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଶୁଣିଲେ ମୁଖ୍ୟମନ୍ତ୍ରୀ

## ଭଲ ପାଠ ପଢ଼ି ବଡ଼ ମଣିଷ ହେବାକୁ ଦେଲେ ପରାମର୍ଶ

**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିନ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ଆଶ୍ରମ ଅନ୍ତେବାସୀ ପିଲାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମର ଆଜି ଥିଲା ୧୨୪ ତମ (ପୃଷ୍ଠା ୭ରେ)



## ନଦୀରୁ ଜଳସ୍ତର କମୁଛି

**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ କିଛିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ହେବା ଫଳରେ ୬ଟି ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ଏକ ହଜାରରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୯ଟି ଆଶ୍ରୟସ୍ଥଳରେ ରଖାଯାଇଛି ।

ବନ୍ୟା ପରିସ୍ଥିତି ନେଇ ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ



ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଉପସ୍ଥିତିରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଭାସି ମାଧ୍ୟମରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କୁ ନିରାପଦ ଆଶ୍ରୟସ୍ଥଳିରେ ରଖିବା ଓ ରିଲିଫ୍ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ରାଜୀବ ଭବନଠାରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂହ କହିଲେ ଯେ ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ୍ ଟିମ୍ ସହ ଗୋଟିଏ ଏନ୍‌ଡିଆରଏଫ୍, ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀ ନିୟୋଜିତ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଦଳ, ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ (ପୃଷ୍ଠା ୭ରେ)

## ଜେଲ୍ ଗଲେ କର୍ପୋରେଟର ଅମରେଶ ଜେନା

**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ବିଜେଡି କର୍ପୋରେଟର ଅମରେଶ ଜେନାଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ୍। ତାଙ୍କୁ ବାଲେଶ୍ୱରରୁ ଗିରଫ କରାଯାଇଥିବାର ସୂଚନା ରହିଛି। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଜେଲ୍ ଯିବା ପୂର୍ବରୁ ଅମରେଶ ଜେନା ଗଣମାଧ୍ୟମକୁ କହିଛନ୍ତି, ଅର୍ଚ୍ଚନା ନାଗ ମୋତେ ଫସାଇ ଦେଇଛନ୍ତି। ଶନିବାର ତାଙ୍କୁ ଫେରାର ହେବାରେ ସହଯୋଗ କରିଥିବା ଅଭିଯୋଗରେ ଅମରେଶଙ୍କ ୫ ସହଯୋଗୀଙ୍କୁ ଲକ୍ଷ୍ମୀସାଗର ଥାନା ପୁଲିସ ଗିରଫ କରିଥିଲା।

ଅମରେଶ ଜେନାଙ୍କ ଗିରଫଦାରି ନେଇ



ଭୁବନେଶ୍ୱର ଏସିପି ଜୋନ୍-୪ କହିଛନ୍ତି ଅଭିଯୋଗ ଅନୁସାରେ ଯଥେଷ୍ଟ ତଥ୍ୟ ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି। ଦୁଷ୍କର୍ମ, ଗାଳିଗୁଲଜ, (ପୃଷ୍ଠା ୭ରେ)

### ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର କର୍ପୋରେଟର ଅମରେଶ ଜେନା ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦୁଷ୍କର୍ମ ଅଭିଯୋଗରେ କମିଶନରେଟ୍ ପୁଲିସ୍ ତାଙ୍କୁ ଗିରଫ କରିବା ପରେ ଦଳ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ଦଳର ଉପ ସଭାପତି ପ୍ରତାପ ଜେନା ଏକ ବିଜ୍ଞପ୍ତିରେ ଜଣାଇଛନ୍ତି।

### ରକ୍ଷାବନ୍ଧନରେ ମିଳିବ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି

**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ରକ୍ଷାବନ୍ଧନ ଦିନ କୋରାପୁଟର ଜୟପୁର ଠାରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯିବ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି।

ଏକ୍ସରେ ଶ୍ରୀମତୀ ପରିଡା ଲେଖିଛନ୍ତି ଅଗଷ୍ଟ ୯ ପବିତ୍ର ରକ୍ଷାବନ୍ଧନ ଅବସରରେ ୧ କୋଟି ୨ ଲକ୍ଷ ୪୦ ହଜାର ସୁଭଦ୍ରା ଭଉଣୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଉପହାର ପାଇବେ। କୋରାପୁଟ ଜିଲ୍ଲାର ଜୟପୁରରୁ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯିବ। କୋରାପୁଟର କୋଟିଆ ଗସ୍ତ କରି ସମୀକ୍ଷା କରିବା ସହ କୋଟିଆର ଓଡ଼ିଆମାନେ ସୁଭଦ୍ରା କିସ୍ତି ମିଳିବା ସୁନିଶ୍ଚିତ କରାଯିବ। ଯେଉଁମାନେ କିଛି ପ୍ରତିବନ୍ଧକ ପାଇଁ ଏହି ଯୋଜନାରେ ସାମିଲ ହୋଇପାରିନାହାନ୍ତି ଆମେ ପର୍ଯ୍ୟାୟକ୍ରମେ ସେମାନଙ୍କ ପାଇଁ ବ୍ୟବସ୍ଥା କରିବୁ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

### ୨୦୨୬ ସୁଦ୍ଧା ରାଜ୍ୟରେ ପ୍ରତିଘରକୁ ନଳ ଯୋଗେ ଜଳ

**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

୨୦୨୬ ସୁଦ୍ଧା ରାଜ୍ୟରେ ପ୍ରତିଘରକୁ ନଳ ଯୋଗେ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଜଳଯୋଗାଣରେ ଫେଲ୍ ମାରିଥିଲା ତତ୍କାଳୀନ ପୂର୍ବ ସରକାର । ମା, ଭଉଣୀ ମାନଙ୍କୁ ଘଣ୍ଟା ଘଣ୍ଟା ଧରି ଗରା, ବାଲଟି ଧରି ରାସ୍ତା ଉପରେ ଛିଡା ହେବାକୁ ପଡୁଥିଲା । ଜଳଯୋଗାଣ ଦାୟିତ୍ୱ ଦକ୍ଷିଣୀ ଠିକାଦାରଙ୍କୁ ଦିଆଯାଉଥିବାରୁ ଏଭଳି ସ୍ଥିତି ଉପୁଜିଥିଲା । ମୋହନ ସରକାରଙ୍କ ଅମଳରେ ଜଳଯୋଗାଣ ସ୍ଥିତିରେ ସୁଧାର ଆସିଛି । ହର୍ ଘର୍ ଜଳ ଯୋଜନାରେ ପ୍ରତ୍ୟେକ ଘରର ଦୁଆରେ ପିଇବା ପାଣି ପହଞ୍ଚୁଛି । ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ ଜୋରରେ ଚାଲିଛି । ଜଣେ ବ୍ୟକ୍ତିଙ୍କ ଘର ହେଲେ ବି ସିଙ୍ଗଲ ପ୍ରୋଜେକ୍ଟର ପ୍ରାବଧାନ କରାଯାଉଛି । ୨୦୨୬ ସୁଦ୍ଧା ଲକ୍ଷ୍ୟ ପୂରଣ ପାଇଁ ଧାର୍ଯ୍ୟ କରିଛନ୍ତି ଓଡ଼ିଶାର ବିଜେପି ସରକାର ବୋଲି ସେ କହିଛନ୍ତି ।

## ମନ୍‌ସା ଦେବୀ ମନ୍ଦିରରେ ଦଳାଚକଟା : ୬ ମୃତ, ୨୫ରୁ ଊର୍ଦ୍ଧ୍ୱ ଆହତ

**ହରିଦ୍ୱାର, ୨୭।୭**

ହରିଦ୍ୱାରର ମନ୍‌ସା ଦେବୀ ମନ୍ଦିର ମାର୍ଗରେ ରବିବାର ସକାଳେ ଘଟିଥିବା ଦଳାଚକଟା ଘଟଣାରେ ୬ ଜଣଙ୍କ ମୃତ୍ୟୁ ଓ ୨୫ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲକୁ ନିଆଯାଇଛି ଏବଂ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏହି ଦୁଃଖଦ ଘଟଣା ପ୍ରତି ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ସରକାର ଘଟଣାକ୍ରମ ଉପରେ ଲଗାତାର ନଜର ରଖିଛନ୍ତି।

ଗଡ଼ୱାଲ ମଣ୍ଡଳର କମିଶନର ଆୟୁକ୍ତ ବିନୟ ଶଙ୍କର ପାଣ୍ଡେୟଙ୍କ ଅନୁସାରେ ମନ୍‌ସା



ଦେବୀ ମନ୍ଦିର ମାର୍ଗରେ ରବିବାର ସକାଳ ୯ଟା୩୦ରେ ଦଳାଚକଟା ଯୋଗୁ ୬ ଜଣଙ୍କ ମୃତ୍ୟୁ ହୋଇଛି ଓ ୨୫ ଆହତଙ୍କୁ ରାଜ୍ୟ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସଡିଆରଏଫ୍‌ର (ପୃଷ୍ଠା ୭ରେ)

### ସହାୟତା ଘୋଷଣା ସହ ମାଜିଷ୍ଟ୍ରେଟ୍ ତଦନ୍ତ ନିର୍ଦ୍ଦେଶ

**ହରିଦ୍ୱାର, ୨୭।୭**

ହରିଦ୍ୱାର ଜିଲ୍ଲାରେ ଅବସ୍ଥିତ ମନ୍‌ସା ଦେବୀ ମନ୍ଦିରର ଫୁଟ୍‌ପାଥରେ ଦଳାଚକଟା ଦୁର୍ଘଟଣାର ମାଜିଷ୍ଟ୍ରେଟ୍ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଧାମି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ପଚାଶ ହଜାର ଟଙ୍କା ସହାୟତା ଘୋଷଣା (ପୃଷ୍ଠା ୭ରେ)

### ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ

**ନୂଆଦିଲ୍ଲୀ, ୨୭।୭**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଉତ୍ତରାଖଣ୍ଡର ହରିଦ୍ୱାରରେ ମନ୍‌ସା ଦେବୀ ମନ୍ଦିର ପଥରେ ଘଟିଥିବା ଦଳାଚକଟା ଘଟଣାରେ ଧନଜୀବନ ହାନିକୁ ନେଇ ଶୋକ ପ୍ରକାଶ କରିଛନ୍ତି। ହରିଦ୍ୱାର ସ୍ଥିତ ମନ୍‌ସା ଦେବୀ ମନ୍ଦିର ମାର୍ଗରେ ଦଳାଚକଟା ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ ହୋଇଛି।

ରାଷ୍ଟ୍ରପତି ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, 'ହରିଦ୍ୱାରର (ପୃଷ୍ଠା ୭ରେ)

## ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ

**ବଲାଙ୍ଗୀର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ପାଖେଇ ଆସିଲାଣି ପଶ୍ଚିମ ଓଡ଼ିଶାର ଗଣପର୍ବ ତଥା କୃଷି ଭିତ୍ତିକ ପର୍ବ ନୂଆଁଖାଇ । ଏହି ପର୍ବକୁ ନେଇ ଚଳଚଞ୍ଚଳ ପୂରା ପଶ୍ଚିମ ଓଡ଼ିଶା । ଏଥିପାଇଁ ସମସ୍ତଙ୍କ ମନରେ ଭରିଯାଇଛି ଉତ୍ସାହ । ଆଉ ଏହାରି ମଧ୍ୟରେ ନୂଆଁଖାଇ ପର୍ବ ପାଇଁ ବଲାଙ୍ଗୀରରେ ଲଗ୍ନ ଧାର୍ଯ୍ୟ ହୋଇଛି।

ବଲାଙ୍ଗୀର ଶୈଳଶ୍ରୀ ପେଲେସଠାରେ ଆଜି ରାଜପୁରୋହିତ ସନ୍ତୋଷ ଦାସ ତାରିଖ ଏବଂ ସମୟ ଘୋଷଣା କରିଛନ୍ତି । ମା' ପାଟଣେଶ୍ୱରୀ ଓ ମା' ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ସହ ପାଟଣା ମହାରାଜଙ୍କ ରାଶି ନକ୍ଷତ୍ର



ଆନୁଯାୟୀ ପଣ୍ଡିତ ମହାସଭାରେ ଲଗ୍ନ ଧାର୍ଯ୍ୟ ହୋଇଛି । ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଆସନ୍ତା ମାସ ୨୮ ତାରିଖ ଦିନ ୯ ଟା ୪୭ ମିନିଟରୁ ୧୧ଟା ୧୧ ମିନିଟ ମଧ୍ୟରେ ନବାନ୍ନ ଲାଗି ହେବ। ନୂଆଁଖାଇ ଆଦ୍ୟ ପରମ୍ପରାର ପ୍ରଥମ କାର୍ଯ୍ୟ ଯାହା କି ଏହି ଲଗ୍ନ ଧାର୍ଯ୍ୟ ପରମ୍ପରା ଅଟେ । ଲଗ୍ନ ନିର୍ଘଣ୍ଟ ଧାର୍ଯ୍ୟ ପରେ ଜିଲ୍ଲାରେ ଏନେଇ ଉତ୍ସାହ ଦେଖିବାକୁ ମିଳିଛି।

## ଚାଷୀ ପଞ୍ଜୀକରଣ ଅବଧି ବଢ଼ିଲା

**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ଖରିଫ ଋଷ ପାଇଁ ଋଷୀମାନଙ୍କ ପଞ୍ଜୀକରଣ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି, ଋଷୀ ପଞ୍ଜୀକରଣ ଲାଗି ଶେଷ ତାରିଖ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ରହିଛି। ଯଦି କିଛି ଅଭିଯୋଗ ଆସେ ସର୍ଭର ଡାଉନ କାରଣରୁ ପଞ୍ଜୀକରଣ ହୋଇପାରୁନାହିଁ ତେବେ ସମୟସୀମା ବୃଦ୍ଧି କରିବେ ସରକାର। ପଞ୍ଜୀକରଣ ଲାଗି ସମସ୍ୟାର ସମାଧାନ କରିଦିଆଯାଇଛି । ଯେଉଁ ଋଷୀମାନଙ୍କର ରେକର୍ଡ ବାପା, ଜେଜବାପାଙ୍କ ନାମରେ ଥିବ ସେମାନେ ଅଣ୍ଡରଟେକିଂ ଫର୍ମ ଦାଖଲ କରି ପଞ୍ଜୀକରଣ କରିପାରିବେ। ନବରଙ୍ଗପୁର ଗସ୍ତ ପୂର୍ବରୁ କୃଷ୍ଣଚନ୍ଦ୍ର ପାତ୍ର (ପୃଷ୍ଠା ୭ରେ)

## କଟକ ଓଏମ୍‌ପିରୁ କନ୍ଦରପୁର ପର୍ଯ୍ୟନ୍ତ ଏଲିଭେଟେଡ କରିଡର: ଖର୍ଚ୍ଚ ହେବ ୬୪୦ କୋଟି

**ଭୁବନେଶ୍ୱର, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

କଟକ ସହରରେ ଯାତାୟାତ ସମସ୍ୟା ଓ ଭିଡ଼କୁ ଦୃଷ୍ଟିରେ ରଖି ଓଏମ୍‌ପି ଛକଠାରୁ କନ୍ଦରପୁର ପର୍ଯ୍ୟନ୍ତ ଏକ ଏଲିଭେଟେଡ କରିଡର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ସୂଚନା ଦେଇଛନ୍ତି କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ। ସାଂସଦ ଶ୍ରୀ



ମହତାବ କହିଛନ୍ତି, ଏହି ପ୍ରକଳ୍ପ ସମ୍ପର୍କରେ କେନ୍ଦ୍ରୀୟ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରିଙ୍କ ସହ ଆଲୋଚନା ହୋଇଛି। ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇ ସାରିଛି ଏବଂ ଖୁବଶୀଘ୍ର ଏହାକୁ ମଞ୍ଜୁରୀ ମିଳିବ। ଆସନ୍ତା ୩ ମାସ ମଧ୍ୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

ଏହି ଏଲିଭେଟେଡ କରିଡର ନିର୍ମାଣ ପାଇଁ ପ୍ରାୟ ୬୪୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସାଂସଦ ଶ୍ରୀ (ପୃଷ୍ଠା ୭ରେ)

## ମହିଳା ନକ୍ସଲ ଗିରଫ

**ମାଲକାନଗିରି, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ସହିଦ ସପ୍ତାହ ପୂର୍ବରୁ ପୁଲିସକୁ ମିଳିଛି ବଡ ସଫଳତା। ଜିଲ୍ଲାର ସୀମାନ୍ତ ଛତିଶଗଡ଼ର ସୁକମା ପୁଲିସକୁ ୫ ଲକ୍ଷ ଘୋଷିତ ଜଣେ ମହିଳା ନକ୍ସଲକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ମହିଳା ନକ୍ସଲ ଜଣକ ହେଲେ ସୋଡି ସାମଡୁ । ସୋଡି ସାମଡୁ ପାମେଡ ଏରିଆ କମିଟିର କମାଣ୍ଡର ରହିଥିଲା। ବିଶେଷ (ପୃଷ୍ଠା ୭ରେ)

## ସୀମାରେ ସେବା କର, ଆମେ ପରିବାରର ଯତ୍ନ ନେବୁ



**ନୂଆଦିଲ୍ଲୀ, ୨୭।୭**

ଭାରତ ଇତିହାସରେ ପ୍ରଥମ ଥର ପାଇଁ ସୈନିକଙ୍କ ପରିବାରକୁ ସକ୍ରିୟ ଭାବେ ଆଇନଗତ ସହାୟତା ଯୋଗାଇ ଦିଆଯିବ। ନାଲ୍ସା ବୀର ପରିବାର ସହାୟତା ଯୋଜନା-୨୦୨୫ ନାମକ ଏହି ନୂତନ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଭାରତୀୟ ସୈନିକମାନେ ଦୁର୍ଗମ ଅଞ୍ଚଳ ଓ ଦୂର ଦୂରାନ୍ତରେ ସେବା କରୁଥିବା ବେଳେ ସେମାନଙ୍କୁ ଘରୋଇ ଆଇନଗତ ବୋଝରୁ ମୁକ୍ତ କରିବା ଏହି ଐତିହାସିକ ନ୍ୟାୟିକ ପଦକ୍ଷେପରେ ବାର୍ତ୍ତା ହେଉଛି: ଆପଣ ସୀମାରେ ଦେଶର ସେବା କରନ୍ତୁ, ଆମେ ଘରେ ଆପଣଙ୍କ ପରିବାରର ଯତ୍ନ ନେବୁ । ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍ସା)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସୂର୍ଯ୍ୟକାନ୍ତ ରବିବାର ଶ୍ରୀନଗରରେ ଆୟୋଜିତ ଏକ ସମ୍ମିଳନୀରେ ଏହି ଯୋଜନାର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଓ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଯୋଗ ଦେଇଥିଲେ। ଅପରେସନ ସିନ୍ଦୂର ପରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ମାମଲା ସହ ଜଡ଼ିତ ସୂତ୍ରରୁ ପ୍ରକାଶ ଯେ ଜଷ୍ଟିସ ସୂର୍ଯ୍ୟକାନ୍ତ ଅପରେସନ ସମୟରେ ସଶସ୍ତ୍ର ବାହିନୀର ବଳିଦାନରେ ଗଭୀର ଭାବରେ (ପୃଷ୍ଠା ୭ରେ)

## ମାଟି ତଳୁ ବାହାରିଲା ଲକ୍ଷ ଲକ୍ଷ ଟଙ୍କା



**ମାଲକାନଗିରି, ୨୭।୭**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରୁ ମାଟି ତଳୁ ମିଳିଛି ଲକ୍ଷ ଲକ୍ଷ ଟଙ୍କା। ମାଓବାଦୀମାନେ ଏହି ଟଙ୍କା ଲୁଚାଇ ରଖିଥିବା ଜଣାପଡ଼ିଛି। ଗୁପ୍ତ ସୂଚନା ଆଧାରରେ ଝାଡ଼ଖଣ୍ଡର ଚାଇବାସା ପୁଲିସ ପ୍ରାୟ ୩୫ ଲକ୍ଷ ଟଙ୍କା ଜବତ କରିଛି । ଉଦ୍ଧାର ଟଙ୍କାବିଡ଼ାଗୁଡ଼ିକ କାଗଜ ଏବଂ ପ୍ଲାଷ୍ଟିକରେ ଗୁଡ଼ାଯାଇଛି । ମୋଟ ୩୫ଟି ପୃଥକ ବିଡ଼ା ରହିଛି । ଉଦ୍ଧାର ଟଙ୍କା ମାଓବାଦୀମାନେ ସୁରକ୍ଷା ବାହିନୀ ବିରୁଦ୍ଧରେ ଅଞ୍ଚଳରେ ଲ୍ୟାଣ୍ଡମାଇନ ବିଛାଇବା ଏବଂ ବିସ୍ଫୋରକ କିଣିବା ପାଇଁ ରଖିଥିଲେ। (ପୃଷ୍ଠା ୭ରେ)



## ହଜାର ବର୍ଷ ପୁରୁଣା ଲିଙ୍ଗରାଜ ମନ୍ଦିର ପାଇଁ ନିଘା ନାହିଁ

# ମନ୍ଦିରରୁ ଗଳୁଛି ପାଣି, ରୋଷଘର ମରାମତି ଆରମ୍ଭ ପାଇଁ ଲାଗିଲାଣି ଦୁଇ ବର୍ଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପ୍ରଭୁ ଲିଙ୍ଗରାଜ ମନ୍ଦିର ଯାଞ୍ଚ ହେବ। ଏଥିପାଇଁ ସାଟେଲାଇଟ୍ ମାଧ୍ୟମରେ ଡିଜିପିଏଫ୍ ପ୍ରକ୍ରିୟାରେ ମନ୍ଦିରର ଡ୍ରୋନ୍ ସର୍ଭେ କରାଯାଇ ହାଇ ରିଜୋଲ୍ୟୁସନ୍‌ର ଫଟୋ ଉଠାଯିବ। ମନ୍ଦିର ଭିତର ପାର୍ଶ୍ୱର ଥ୍ରିଡି ଲେଜର ସ୍କାନିଂ ହେବ। ମନ୍ଦିରର ସୁରକ୍ଷା ଯାଞ୍ଚ ପାଇଁ ମନ୍ଦିର ଭିତରେ ୨୫୦ ଫୁଟର ଉଚ୍ଚ ଏବଂ ୫୦ ଟନ୍ ଓଜନ ବହନ କରୁଥିବା ଏକ କ୍ରେନ୍ ଏଏସ୍ଆଇ ପକ୍ଷରୁ ରଖାଯିବ। ଏଥିସହ ପାଣି ଗଳୁଥିବା ସ୍ଥାନକୁ ଚିହ୍ନଟ କରାଯାଇ ମରାମତି କରାଯିବ। ଲିଙ୍ଗରାଜ ମନ୍ଦିର ପରିସରରେ ଥିବା ସମସ୍ତ ମନ୍ଦିରର ରକ୍ଷଣାବେକ୍ଷଣ କରାଯିବ। ଲିଙ୍ଗରାଜଙ୍କ ରୋଷଘର ମଧ୍ୟ ମରାମତି କରାଯିବ। ୨୦୨୩ ଅଗଷ୍ଟରେ ଏଏସ୍ଆଇ ପକ୍ଷରୁ କିଛି ଏମିତି ଯୋଜନା ହୋଇଥିଲା। ହେଲେ ଏଯାଏ କିଛି କାମ ହୋଇପାରିନାହିଁ। ବଡ଼ କଥା ହେଲା, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଅଧିକାରୀ ଏନେଇ କିଛି ଜାଣି ନଥିବା କହିବା ଅନେକଙ୍କୁ ଚକିତ କରିଛି। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଭିତରେ ଏକାଧିକ ସ୍ଥାନରେ ପାଣି ଗଳୁଛି। ଭିତର ଓ ବାହାରେ ପଥର ନଷ୍ଟ ହେଉଛି। ମନ୍ଦିର ଭିତର କେଉଁ ଅବସ୍ଥାରେ ଅଛି ତାହା ବାହାରୁ ଜଣାପଡୁନାହିଁ। ତେଣୁ ତୁରନ୍ତ ଲିଙ୍ଗରାଜ ମନ୍ଦିରର ଭିତର ଓ ବାହାର ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ ସହ ମନ୍ଦିର ସରଂକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବହୁ ଦିନ ଧରି ଦାବି ହେଉଛି। ବାରମ୍ବାର ଦାବି ପରେ ଦୁଇ ବର୍ଷ ତଳେ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ସ୍ଥିତି ଅନୁଧ୍ୟାନ ପାଇଁ ଏଏସ୍ଆଇର ନିର୍ଦ୍ଦେଶକ (ସଂରକ୍ଷଣ) ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରି ମନ୍ଦିର ଯାଞ୍ଚ ସହ ଆବଶ୍ୟକ ପଦେକ୍ଷପ ନିଆଯିବ ବୋଲି କହିଥିଲେ। ହେଲେ ଦୁଇ ବର୍ଷ ପରେ ବି ଗୋଟେ ହେଲେ କାମ ଆରମ୍ଭ ହୋଇନାହିଁ। ହଜାର ବର୍ଷ ପୁରୁଣା ଲିଙ୍ଗରାଜ ମନ୍ଦିର କଳିଙ୍ଗ ପଞ୍ଚରଥ ଶୈଳୀରେ ତିଆରି ହୋଇଛି। ଲିଙ୍ଗରାଜ ମନ୍ଦିର ପରିସରରେ ପାଖାପାଖି ଶହେ ଛୋଟବଡ଼ ମନ୍ଦିର ରହିଛି। ଯାହା କି ବିଶ୍ୱରେ ବିରଳ। ଏହି ସବୁ ମନ୍ଦିର ଏଏସ୍ଆଇ ଅଧୀନରେ ରହିଛି। ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନଥିବାରୁ ଲିଙ୍ଗରାଜ ମନ୍ଦିର ସହ ଅନ୍ୟସବୁ ମନ୍ଦିର ସ୍ଥିତି ବିଗିଡ଼ିବାରେ ଲାଗିଛି। ମୁଖ୍ୟ ମନ୍ଦିରର ବାହାର କାରୁକାର୍ଯ୍ୟ ଲିଭିଗଲାଣି। ଏକାଧିକ ସ୍ଥାନରୁ ପଥର ଭାଙ୍ଗିଗଲାଣି। ଅଧିକାଂଶ ମନ୍ଦିରରେ ପାର୍ଶ୍ୱଦେବଦେବୀ ନାହାନ୍ତି। କିଛି ମନ୍ଦିରରେ ପଥର ଫାଟ ଦେଖାଯାଉଛି। ବର୍ଷା ହେଲେ ଜଗମୋହନ, ଅରଗଳି ଓ ନାଟମଣ୍ଡପରେ ପାଣି ଗଳୁଛି। ବେଢ଼ାରେ ଥିବା ମା' ପାର୍ବତୀଙ୍କ ମନ୍ଦିର ସମେତ ପ୍ରାୟ ସବୁ ମନ୍ଦିରରେ ପାଣି ଗଳୁଛି। ରୋଷଘର ବହୁବର୍ଷ ହେବ ମରାମତି ନହେବାରୁ ସେଠାରେ ରୋ ?ଷେଇ ହୋଇପାରୁନାହି। ଡ୍ରେନେଜ୍ ସମସ୍ୟାର ସମାଧାନ ହେଉନଥିବାରୁ ସାମାନ୍ୟ ବର୍ଷା ହେଲେ ସିଂହଦ୍ୱାର ଓ ବୃଷଭ(ନନ୍ଦୀ)ଘର ଭିତରେ ଥିବା ପାହାଚ ଓ ଗଣେଶ ମନ୍ଦିରରେ ପାଣି ଜମୁଛି। ଏସବୁ ସମସ୍ୟାର ସମାଧାନ ପାଇଁ ସେବାୟତ ଦାବି କରିଛନ୍ତି। ଏଏସ୍ଆଇ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ନନ୍ଦ କିଶୋର ସ୍ୱାଇଁ କହିଛନ୍ତି ପୂର୍ବରୁ କ'ଣ ନିଷ୍ପତ୍ତି ସେ ସମ୍ପର୍କରେ ମୋ ପାଖରେ ସୂଚନା ନାହିଁ। ଯେଉଁ ସ୍ଥିତିରେ ମନ୍ଦିର ଅଛି ତାକୁ କିଭଳି ରକ୍ଷଣାବେକ୍ଷଣ କରାଯିବ ତାହା ହେଉଛି ଏଏସ୍ଆଇର ଦାୟିତ୍ୱ। ତେଣୁ ଲିଙ୍ଗରାଜ ମନ୍ଦିରରେ ପାଣି ଗଳୁଥିବା ସ୍ଥାନକୁ ମରାମତି କରାଯିବ। ଖୁବ୍ ଶୀଘ୍ର ରୋଷଘର କାମ ଆରମ୍ଭ ହେବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

## 'ହରେ କୃଷ୍ଣ ହରେ ରାମ'କୁ ଅପଭ୍ରଂଶ

# ହିନ୍ଦୀ ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କଲେ ଯୁବତୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

'ହରେ କୃଷ୍ଣ ହରେ ରାମ'କୁ କରାଯାଉଛି ବିକୃତ । ହିନ୍ଦୀ ଗୀତର ତାଳେ ତାଳେ ଏହି ଗୀତ ବୋଲାଯାଉଛି । ଆଶ୍ଚର୍ଯ୍ୟର କଥା ଏହି ଅପଭ୍ରଂଶ ହରେ କୃଷ୍ଣ ହରେ ରାମ ଗୀତ ଗାଇବା ବେଳେ ଏହାର ତାଳେ ତାଳେ କିଛି ଯୁବତୀ ନୃତ୍ୟ ପରିବେଷଣ କରୁଛନ୍ତି । ଏହି ନୃତ୍ୟରେ ମଧ୍ୟ ଆଧୁନିକତାର ସ୍ପର୍ଶ ରହିଛି । ଯାହାକୁ ଦେଖିଲେ ଲାଗୁଛି ଆମ ସଂସ୍କୃତି ଓ ପରମ୍ପରାକୁ କିଭଳି କଦର୍ଯ୍ୟ କରାଯାଉଛି । ହରେ କୃଷ୍ଣ ହରେ ରାମ ଗୀତର ଅପଭ୍ରଂଶ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାକୁ ଲାଗିଛି । ଏହି ଭିଡିଓ ଦେଖିବା ପରେ ଲୋକମାନେ ରାଗିବା ସହିତ କମେଣ୍ଟ ମାଧ୍ୟମରେ ଗାଳି ଦେଉଛନ୍ତି । କିଏ ଘୋର କଳିଯୁଗ ଲେଖିବା ବେଳେ ଆଉ କିଏ ଏଭଳି ଭଜନର ଅପମିଶ୍ରଣକୁ କିଭଳି ଗ୍ରହଣ କରୁଛନ୍ତି ଲେଖାଯାଇଛି । ହିନ୍ଦୀ ଗୀତ 'ଚୁରାକେ ଦିଲ୍ ମେରା ଗୋରିଆ ଚଲି'ର ଲିରିକ୍ସରେ ହରେ କୃଷ୍ଣ ହରେ ରାମ ଗୀତ ଗାଉଥିବା ଦେଖିବାକୁ ମିଳିଛି । କୌଣସି ଏକ ଗାଁରେ ଅଷ୍ଟପ୍ରହରି କରାଯାଉଥିବା ବେଳେ ଏହି ଗୀତ ପରିବେଷଣ କରାଯାଉଛି । ଜଣେ ପୁରୁଷ ଏହାକୁ ଗାଉଥିବା ବେଳେ ୩ରୁ ଅଧିକ ମହିଳା ନୃତ୍ୟ କରୁଛନ୍ତି । ଗାଁ ଲୋକ ମଧ୍ୟ ଏଭଳି ଏକ କାର୍ଯ୍ୟକ୍ରମ ଦେଖିବା ସହିତ ଭିଡିଓ କରୁଥିବା ଦେଖିବାକୁ ମିଳିଛି ।



# ପିଚୁ ହେବ ସବୁ ଗାଁ ରାସ୍ତା: ପ୍ରତି ନିର୍ବାଚନମଣ୍ଡଳୀକୁ ଦୁଇ କୋଟି ଲେଖାଏଁ ପାଣ୍ଠି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗାଁ ଗଣ୍ଡା ରାସ୍ତାର ବିକାଶ ହେବ । ପଞ୍ଚାୟତ, ବ୍ଲକକୁ ସଂଯୋଗ କରୁଥିବା ରାସ୍ତାକୁ ପିଚୁ କରାଯିବ । ଯେଉଁ ରାସ୍ତାଗୁଡ଼ିକ ପିଚୁ ହୋଇନଥିବ ତୁରନ୍ତ ଉନ୍ନତୀକରଣ କାମ ଆରମ୍ଭ ହେବ । ଏଥିପାଇଁ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀକୁ ଦୁଇଟି ଆର୍ଥିକ ବର୍ଷ ପାଇଁ ୨ କୋଟି ଲେଖାଏଁ ଅନୁମୋଦନ କରିଛନ୍ତି ସରକାର । ଗ୍ରାମାଞ୍ଚଳରେ ଥିବା ୧୪୨ଟି ନିର୍ବାଚନମଣ୍ଡଳୀକୁ ଏ ସ୍ୱତନ୍ତ୍ର ପାଣ୍ଠି ମିଳିବ । ପ୍ରଥମ ବର୍ଷ ପାଣ୍ଠିରେ ୨୦ଟି ରାସ୍ତାର ନବୀକରଣ କରାଯିବ। ରାସ୍ତା ନବୀକରଣ ପାଇଁ ସର୍ବନିମ୍ନ ୫ଲକ୍ଷ ଲେଖାଏଁ ଏଷ୍ଟିମେଟ୍ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଛି । ରାଜ୍ୟର ଗ୍ରାମାଞ୍ଚଳରେ ଏବେ ବହୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିରହିଛି । ରାଜ୍ୟ ସରାକାର ଗମନାଗମନକୁ ଗୁରୁତ୍ୱ ଦେଉଥିଲାବେଳେ ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଇଁ ପିଚୁ ରାସ୍ତା କରିବାକୁ ଅଣ୍ଟା ଭିଡ଼ିଛନ୍ତି । କୌଣସି ଯୋଜନାରେ ନବୀକରଣ ହୋଇପାରୁନଥିବା ଗ୍ରାମ୍ୟ ରାସ୍ତାକୁ ପିଚୁ କରିବାକୁ ସ୍ଥିର ହୋଇଛି । ତେବେ ପିଏଜିଏସ୍ୱାଇ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କିମ୍ବା ଅନ୍ୟ କୌଣସି ରାଜ୍ୟ ଯୋଜନାରେ ନିର୍ମିତ ରାସ୍ତାର ଯଦି ୫ ବର୍ଷ ରକ୍ଷଣାବେକ୍ଷଣ ଅବଧି ଥିବ ତେବେ ଏଥିରେ ଅନ୍ତର୍ଭୁକ୍ତ ହୋଇପାରିବନି । ଏହି ରାସ୍ତା କାମ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଇଞ୍ଜିନିୟର ପ୍ଲାନ ପ୍ରସ୍ତୁତ କରିବେ । ନିର୍ବାହୀ ଯନ୍ତ୍ରୀ ଟେଣ୍ଡର କରି କାମ କରିବେ । କାମର ଗୁଣାତ୍ମକ ମାନକୁ ମଧ୍ୟ ଅଗ୍ରାଧିକାର ଦିଆଯିବ। ଏ ବାବଦକୁ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବରାଦ ବଜେଟ ପାଣ୍ଠିରୁ ଖର୍ଚ୍ଚ ହେବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି । ଚଳିତ ଆର୍ଥିକ ବର୍ଷରେ ଦୁଇ ଆର୍ଥିକ ବର୍ଷର ପାଣ୍ଠି ଯୋଗାଣ ହେବ । ସରକାର ନିଷ୍ପତ୍ତି ନେଇଛନ୍ତି ପ୍ରସ୍ତାବିତ ରାସ୍ତାଗୁଡ଼ିକ ମଧ୍ୟରୁ ୫୦ ପ୍ରତିଶତ ସ୍ଥାନୀୟ ବିଧାୟକଙ୍କ ସୁପାରିସରେ କରାଯିବ । ବଳକା ୫୦ ପ୍ରତିଶତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ସୁପାରିସରେ ହେବ । ଏହି ରାସ୍ତା ଉନ୍ନତୀକରଣ ଦ୍ୱାରା ଗାଁ ଗଣ୍ଡାର ଲୋକମାନେ ସୁବିଧାରେ ଯାତାୟତ କରିପାରିବେ । ଶିକ୍ଷା, ସ୍ୱାସ୍ଥ୍ୟସେବା, ପଞ୍ଚାୟତ କିମ୍ବା ବ୍ଲକକୁ ଯିବା ଆସିବାରେ ସୁବିଧା ହେବ । ଏହାଦ୍ୱାରା ଗ୍ରାମାଞ୍ଚଳ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ ହୋଇପାରିବ ।

# ବର୍ଷା ଆଣିଲା ରୋଗ ଭୟ : କନ୍ଦାଇଲାଣି ସଂକ୍ରମିତ ଓ ଅଣସଂକ୍ରମିତ ରୋଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବର୍ଷା ଆଣିଛି ରାଜ୍ୟକୁ ରୋଗ ଭୟ । କୋଣ ଅନୁକୋଣରେ ବ୍ୟାପିଲାଣି ସଂକ୍ରମିତ ଓ ଅଣସଂକ୍ରମିତ ରୋଗ । ବିଭିନ୍ନ ରୋଗରେ ସଂକ୍ରମିତ ହୋଇ ରୋଗୀ ହସ୍ପିଟାଲ ଧାଇଁବାରେ ଲାଗିଛନ୍ତି । ଲୋକେ ଝାଡ଼ାବାନ୍ତିରେ ସଂକ୍ରମିତ ହୋଇ କଲବଲ ହେଉଥିଲା ବେଳେ ହଇଜାରେ ରୋଗୀଙ୍କ ଜୀବନ ଯାଉଛି । ଘରେ ଘରେ ଲୋକେ ଥଣ୍ଡା ଜ୍ୱର ଯନ୍ତ୍ରଣାରେ ଭୋଗୁଛନ୍ତି । ମ୍ୟାଲେରିଆ ଆଉ ଡେଙ୍ଗୁ କାୟାବିସ୍ତାର କଲାଣି । ଜୁଲାଇ ପ୍ରଥମ ସପ୍ତାହର ରିପୋର୍ଟ ମୁତାବକ ୧ରୁ ୭ ତାରିଖ ଭିତରେ ୬ ହାଡ଼ଫୁଟି, ୫୦୭ ଡେଙ୍ଗୁ, ଗୋଟିଏ ଡିପ୍‌ଥେରିଆ, ୬ ମିଳିମିଳା ଓ ୮୯୦ ଟାଇଫଏଡ୍ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାଛଡ଼ା ରାଜ୍ୟରେ ମଶା କଲାଣି କଲବଲ । ଡେଙ୍ଗୁ ଓ ମ୍ୟାଲେରିଆରେ ଛଟପଟ ରୋଗୀ । ରାଜ୍ୟରେ ୬୨୦୦ ଜଣଙ୍କ ନିକଟରେ ମ୍ୟାଲେରିଆ ରୋଗ ଥିବା ସନ୍ଦେହ କରାଯାଇଛି । ୯୦ ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଲକ୍ଷଣ ଥାଇ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ହେଲେ ଏହା ପ୍ରକୃତରେ ସ୍କ୍ରବ୍ ଟାଇଫସ୍ କି ନାହିଁ ତାହା ଜାଣିବା ପାଇଁ ଲ୍ୟାବ୍‌କୁ ନମୁନା ପଠାଯାଇଛି । ଅନ୍ୟପଟରେ ୭୪ ଜଣ ଅଚିହ୍ନା ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି । ସ୍ୱାସ୍ଥ୍ୟ ବିଭାଗ କମିଟି ଗଠନ କରି ଏହାର କାରଣ ଖୋଜୁଛି । ରାଜ୍ୟରେ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ୧୧,୧୮୦ରେ ପହଞ୍ଚିଥିଲା । କଟକ, ପୁରୀ, ଖୋର୍ଦ୍ଧା, ରାୟଗଡ଼ା, ବ୍ରହ୍ମପୁର, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଆଦି ଜିଲ୍ଲାରେ ଝାଡ଼ାବାନ୍ତି ଦେଖାଦେଇଛି । ଜୁଲାଇ ଆରମ୍ଭରୁ ହିଁ ଘରେ ଘରେ ଥଣ୍ଡା ଜ୍ୱର ଓ କାଶ କମିବା ନାଁ ନେଉନି । ୪୮୧୭ ଜଣ ୫ ବର୍ଷରୁ କମ୍ ପିଲାଙ୍କୁ ଜ୍ୱର ହୋଇଥିବା ବେଳେ ୩୦,୮୫୫ ଜଣ ୭ ଦିନ ହେବ ଜ୍ୱରରେ ପୀଡ଼ିତ । ୧୫୮୪ ଜଣ ପିଲାଙ୍କ ଝାଡ଼ା ଲାଗି ରହିଥିଲା । ଏହାର ନିରାକରଣ ଲାଗି ରାଜ୍ୟରେ ୪ ଜୁଲାଇରୁ ୧୧ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଛି ଜୀବାଣୁମୁକ୍ତ ଓ ସଚେତନତା ସପ୍ତାହ। ବିଶେଷ କରି ଚଳିତ ବର୍ଷା ଋତୁରେ ସମ୍ଭାବ୍ୟ ଜଳବାହିତ ଓ ଜୀବାଣୁ (ଭେକ୍ଟର) ବାହିତ ରୋଗ ପ୍ରତିରୋଧ ପାଇଁ ସ୍ୱାସ୍ଥ୍ୟ ଓ ପଞ୍ଚାୟତିରାଜ ବିଭାଗ ମିଳିତ ଭାବେ ଏହି ଅଭିଯାନ ଚଳାଇଛନ୍ତି । ଏଥିରେ ସମସ୍ତ ଗ୍ରାମ, ସ୍ୱାସ୍ଥ୍ୟ ସୁବିଧା, ସାର୍ବଜନୀନ ସ୍ଥାନ, ପାନୀୟ ଜଳ ଉତ୍ସ ଓ ଜଳାଶୟ ବିଶୋଧନ କାର୍ଯ୍ୟ ଜାରି ରହିଛି ।

# ରେଭେନ୍ସା ନିଷ୍ପତ୍ତି ପ୍ରତ୍ୟାହାର, କଟକଣା ଉଠାଇଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ରୀ, ଅଧ୍ୟାପିକାଙ୍କ ପାଇଁ ପୂର୍ବ କଟକଣା ପ୍ରତ୍ୟାହାର କଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଘଣ୍ଟାଏରେ ବଦଳିଗଲା ନୋଟିସ। ସାଢ଼େ ୫ଟା ପରେ ବି କ୍ୟାମ୍ପସରେ ରହିପାରିବେ ଛାତ୍ରୀ ଓ ମହିଳା କର୍ମଚାରୀ। ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଢ଼େ ୫ଟା ପରେ ଛାତ୍ରୀ କ୍ୟାମ୍ପସ ବାହାରେ ନରହିବାକୁ ଥିଲା ପୂର୍ବ ନିର୍ଦ୍ଦେଶ।



## ରଙ୍ଗାଧର ବେହେରାଙ୍କ ଅନୁବାଦ ପୁସ୍ତକ "ଭୋଜପ୍ରବନ୍ଧ" ଉନ୍ମୋଚିତ

**କେନ୍ଦୁଝର, ନ୍ୟୁଜ**

ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ କବିବଲ୍ଲାଳଙ୍କ ଦ୍ୱାରା ରଚିତ ଭୋଜପ୍ରବନ୍ଧର ପଣ୍ଡିତ ରଙ୍ଗାଧର ବେହେରାଙ୍କ ଦ୍ୱାରା ଅନୂଦିତ ପୁସ୍ତକ ର ପାଠକାର୍ପଣ ଅନୁଷ୍ଠିତ ହୋଇ ଯାଇଛି। ଯୁଗ୍ମସମ୍ପାଦକ କବି ହରିହର ମହାନ୍ତ ପ୍ରଥମେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଥିଲେ। ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପଣ୍ଡିତ ସଦାଶିବ ମିଶ୍ର ଉତ୍ସବର ଉଦଘାଟନ କରି କେନ୍ଦୁଝରର ସଂସ୍କୃତ ସାହିତ୍ୟର ପରମ୍ପରା ଅତ୍ୟନ୍ତ ସମୃଦ୍ଧ ବୋଲି ମତ ଦେଇଥିଲେ । ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର୍ ରାମଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କେନ୍ଦୁଝର ସାହିତ୍ୟ ର ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ସୁଧାକର ଦାଶ ଉନ୍ମୋଚିତ ପୁସ୍ତକ ର ପୁଙ୍ଖାନୁପୁଙ୍ଖ ସମୀକ୍ଷଗତ ଆଲୋଚନା କରିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ କେନ୍ଦୁଝରର ଅନୁବାଦ ପରମ୍ପରା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ରଙ୍ଗଧର ବେହେରାଙ୍କ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। କବୟିତ୍ରୀ ବିଜୟଲକ୍ଷ୍ମୀ ମହାନ୍ତିଙ୍କ ସଂଯୋଜନା ରେ ମମତା ରାଣୀ ଦାସ, ରିତାଞ୍ଜଳି ସାହୁ, ଇନ୍ଦୁମତି ପାତ୍ର, ବୀଣାପାଣି ଜେନା, ଶୋଭନା ଜେନା,ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ବିରଞ୍ଚି ସାମନ୍ତରାୟ, ଶାନ୍ତନୁ ମହାପାତ୍ର, ଜିତେନ୍ଦ୍ର ପରିଡ଼ା, ଦେବଦର୍ଶନ ଦାଶ,ମଧୁସୁଦନ ମିଶ୍ର,ପ୍ରାଧ୍ୟାପକ ଜଗନ୍ନାଥ ଜେନା,ଲିପିକା ପଟ୍ଟନାୟକ, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ରତ୍ନ ମଞ୍ଜରୀ ରାଉତ, ସୁଭଦ୍ରା ମହାନ୍ତ, ରୂପଶ୍ରୀ ଗନ୍ତାୟତ, ମୀନତି ମିଶ୍ର, ଭାବିପ୍ରିୟା ସାହୁ,ଧ୍ରୁବାନନ୍ଦ ରାଉତ, ମନରଞ୍ଜନ ମହାନ୍ତି, ସୁଜିତ କୁମାର ମିଶ୍ର, ହରେକୃଷ୍ଣ ବେଜ , ଦେବଦତ୍ତ ଦେହୁରୀ, ମାୟାଧର ନାୟକ, ତ୍ରିଲୋଚନ ଦାସ ପ୍ରମୁଖ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟ କବି ଜିତେନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଇବ୍ରେରି ପାଠପଢ଼ି ବେକାର: ପ୍ରତି ବର୍ଷ ବାହାରୁଛନ୍ତି ୬ରୁ ୭ ହଜାର ଲାଇବ୍ରେରିଆନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ଓଡ଼ିଶାରୁ ୬ରୁ ୭ ହଜାର ଲାଇବ୍ରେରିଆନ୍ ବାହାରୁଛନ୍ତି। କିଏ ସ୍ନାତକରେ ତ ଆଉ କିଏ ସ୍ନାତକୋତ୍ତର ପାଠ୍ୟକ୍ରମ ଶେଷ କରୁଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଡିଗ୍ରି ହାସଲ କରୁଥିଲେ ମଧ୍ୟ ଚାକିରି ପାଉ ନାହାନ୍ତି। ଘରୋଇ କ୍ଷେତ୍ରରେ ଯାହା କିଛି ସୁଯୋଗ ରହିଥିବା ବେଳେ ସରକାରୀ କ୍ଷେତ୍ରରେ ଆଦୌ ପଦବୀ ସୃଷ୍ଟି ହେଉ ନାହିଁ। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗ୍ରନ୍ଥାଗାରରେ ଖାଲିପଡ଼ିଥିବା ଗ୍ରନ୍ଥାଗାରିକ ପଦବି ପୂରଣ କରିବାକୁ ପୂର୍ବ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ ହୋଇପାରି ନ ଥିଲା। ବର୍ତ୍ତମାନ ସରକାର ସମୟରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। କ୍ଷମତାକୁ ଆସିବାର ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି ହୋଇଛି। ୪୮୮ ବର୍ଗ ବେସରକାରୀ ମହାବିଦ୍ୟାଳୟ ପାଇଁ ମଞ୍ଜୁରପ୍ରାପ୍ତ ୨୫୭ ସହାୟକ ଲାଇବ୍ରେରିଆନ୍ ପଦବି ମଧ୍ୟରୁ ୧୬୨ ଏବଂ ୧୧୩ଟି କନିଷ୍ଠ ଲାଇବ୍ରେରିଆନ୍ ମଧ୍ୟରୁ ୧୦୧ଟି ଖାଲି ପଡ଼ିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଠାଗାରରେ ଶତାଧିକ ଲାଇବ୍ରେରିଆନ୍ ପଦବି ଖାଲି ପଡିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ସରକାର ସମୟରେ ୧୦୬ଟି ଲାଇବ୍ରେରିଆନ୍ ପଦବି ସୃଷ୍ଟି ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଜ୍ଞପ୍ତି ବାହାରିପାରି ନାହିଁ। ବୈଷୟିକ ଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ଅଧୀନ ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ପଦବିଗୁଡ଼ିକ ପୂରଣ ଦିଗରେ ସରକାରଙ୍କ ଆନ୍ତରିକତା ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ଅନେକ ପିଲା ଚାକିରି ଆଶା ନେଇ ଲାଇବ୍ରେରି ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଛନ୍ତି। କିନ୍ତୁ ସାରା ରାଜ୍ୟର ପାଠାଗାରରେ ପଦବି ଖାଲିପଡ଼ିଥିଲେ ମଧ୍ୟ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉ ନାହିଁ। ଇତିମଧ୍ୟରେ ଚାକିରି ଆଶାରେ ଅନେକଙ୍କ ବୟସ ଗଡ଼ିଗଲାଣି। ଜିଲ୍ଲା ପାଠାଗାର, ସମନ୍ୱିତ ପାଠାଗାର, ସ୍ମାରକୀ ପାଠାଗାର, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ସହ ଖାଲିଥିବା ପଦବିଗୁଡ଼ିକ ପୂରଣ ହେଉ ନାହିଁ। ବଲାଙ୍ଗୀର, ରାୟଗଡ଼ା, ବାଲେଶ୍ୱର, କୋରାପୁଟ, ସୁନ୍ଦରଗଡ଼, କଟକ, ବରଗଡ଼, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ଢେଙ୍କାନାଳ, ପୁରୀ, କଳାହାଣ୍ଡି, ଅନୁଗୁଳ ପରି ଜିଲ୍ଲା ପାଠାଗାରରେ ଗ୍ରନ୍ଥାଗାରିକ ପଦବି ଖାଲି ପଡ଼ିଛି। ଭଦ୍ରକ ଓ ଝାରସୁଗୁଡା ଜିଲ୍ଲା ପାଠାଗାର ପାଇଁ କୌଣସି ପଦବି ମଞ୍ଜୁର ହୋଇନାହିଁ। ଆଶାୟୀମାନେ ଅଭିଯୋଗ କରିଛନ୍ତି ଯେ ପୂର୍ବ ସରକାର ସମୟରେ ୫-ଟି କାର୍ଯ୍ୟକ୍ରମ ମାଧ୍ୟମରେ ଉଚ୍ଚ ବିଦ୍ୟାଳୟ(ହାଇସ୍କୁଲ)ରେ ଅତ୍ୟାଧୁନିକ ଲାଇବ୍ରେରି ପ୍ରତିଷ୍ଠା ହୋଇଛି। ପ୍ରାୟ ୭,୫୦୦ ବିଦ୍ୟାଳୟରେ ଲାଇବ୍ରେରି ନିର୍ମାଣ ହୋଇଥିଲେ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଲାଇବ୍ରେରିଆନ୍ ନ ଥିବାରୁ ପିଲାମାନେ ପଢ଼ିପାରୁ ନାହାନ୍ତି। ଶିକ୍ଷକମାନେ ପିଲାଙ୍କୁ ସମୟ ଦେଉନାହାନ୍ତି।

# ଏବେ ବି ନ୍ୟାୟ ଅପେକ୍ଷାରେ ଅନେକ କୁଆଁରୀ ଝିଅଙ୍କ ଆତ୍ମା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଜି ପର୍ଯ୍ୟନ୍ତ ବାହୁନି ବାହୁନି କାନ୍ଦୁଛନ୍ତି ଇତିଶ୍ରୀ ପ୍ରଧାନ, ବେବିନା, ମମିତା ମେହର, କୁନ୍ଦୁଲି ପୀଡିତା, ପରୀ ତଥା ଆହୁରି ଅନେକ କୁଆଁରୀ ଝିଅଙ୍କ ଆତ୍ମା । ଅକାଳରେ ସେମାନେ ଝଡ଼ିଯାଇଛନ୍ତି । ନିଜ ସ୍ୱପ୍ନର ଦୁନିଆଁ ଦେଖିବା ଆଗରୁ ସେମାନଙ୍କର ଆଖି ସବୁଦିନ ପାଇଁ ବୁଜି ହୋଇଯାଇଛି । ଉପରୋକ୍ତ ଝିଅମାନଙ୍କ ସହିତ ଏବେ ଯୋଡ଼ି ହୋଇଯାଇଛି ଆଉ ଏକ ନାମ – ବାଲେଶ୍ୱର ଫକିର ମୋହନ ସ୍ୱୟଂଶାସିତ ମହାବିଦ୍ୟାୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି । ଜିଇଁଥିବା ବେଳେ ସେ ଖୋଲାଖୋଲି କାନ୍ଦୁଥିଲେ – ସମସ୍ତଙ୍କର ସାମ୍ନାରେ । ନିଜର ଦୁଃଖ ଜଣାଉଥିଲେ । ହେଲେ ଏବେ ସେ ପରପାରିରେ ଗୁମୁରି ଗୁମୁରି କାନ୍ଦୁଛନ୍ତି – ମାଗୁଛନ୍ତି ନ୍ୟାୟ । ଆଉ ତା' ସହିତ ସେ ସମସ୍ତଙ୍କୁ ଯୋଡ଼ହସ୍ତରେ ପ୍ରାର୍ଥନା କରୁଛନ୍ତି ଯେ ତାଙ୍କ ଭଳି ଆଉ କେହି ଯେମିତି ନିର୍ଯ୍ୟାତିତ ନହୁଅନ୍ତୁ ।

ସତରେ କ'ଣ ଏହି ନିର୍ଯାତିତାମାନଙ୍କର ଆତ୍ମାର ସ୍ୱର ରାଜନୈତିକ ନେତା ଓ ଉଚ୍ଚ ସରକାରୀ ବାବୁମାନଙ୍କ ନିକଟରେ ପହଞ୍ଚିପାରିବ ? ସତରେ କ'ଣ ଭବିଷ୍ୟତରେ ଏମାନଙ୍କ ଅବସ୍ଥା ଆଉ କେହି ଭୋଗିବେ ନାହିଁ ? ତ୍ରୁଟିପୂର୍ଣ୍ଣ ବ୍ୟବ୍ୟସ୍ଥାକୁ କ'ଣ ଆମେ ସଜାଡ଼ି ପାରିବା ଏବଂ ଆମର ମହିଳାମାନଙ୍କୁ ଏକ ପକ୍କା ସୁରକ୍ଷାର ବଳୟ ଭିତରେ ରଖିପାରିବା ?

ଉପରୋକ୍ତ ପୀଡ଼ିତାମାନଙ୍କର ସମସ୍ତଙ୍କର ଭିନ୍ନଭିନ୍ନ ପରିସ୍ଥିତିରେ ମୃତ୍ୟୁ ହୋଇଥିଲେ ହେଁ ସମସ୍ତଙ୍କର କ୍ଷେତ୍ରରେ ଗୋଟିଏ କଥା ଏକ ପ୍ରକାରରେ ଦେଖାଯାଇଥିଲା । ତାହା ହେଉଛି ବ୍ୟବସ୍ଥା ଏମାନଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିନଥିଲା । ବ୍ୟବସ୍ଥା ନିକଟରେ ଏମାନେ ସେମାନଙ୍କର ଉତ୍ପୀଡ଼କମାନଙ୍କ ବିରୋଧରେ କେତେ ହାରି ଗୁହାରି କରିନାହାଁନ୍ତି ? କିନ୍ତୁ ସେତେବେଳେ ବ୍ୟବସ୍ଥାର ମଙ୍ଗୁଆଳ ସାଜିଥିବା ବ୍ୟକ୍ତିମାନେ ତାଙ୍କୁ ରକ୍ଷା କରିପାରିନଥିଲେ । ଅନେକ କ୍ଷେତ୍ରରେ ଉତ୍ପୀଡ଼କମାନଙ୍କୁ ତତ୍କାଳୀନ ସରକାର ରାଜନୈତିକ ପୃଷ୍ଠପୋଷକତା ଯୋଗାଇଦେଇଥିବା ଅଭିଯୋଗ ହୋଇଥିଲା ।



ସବୁ ଘଟଣା ଏଠାରେ ସବିଶେଷ ଭାବରେ ବର୍ଣ୍ଣନା କରିବା କଷ୍ଟ । କିନ୍ତୁ ବ୍ୟବସ୍ଥାଗତ ତ୍ରୁଟିକୁ ଉପସ୍ଥାପନ ପାଇଁ ଏଠାରେ ଦୁଇ-ତିନି ଗୋଟି ଘଟଣାର ଅବତାରଣା କରାଯାଇପାରେ। ଯାହା ପାଠକମାନଙ୍କ ନିକଟରେ କିଛି ପରିମାଣରେ ସ୍ପଷ୍ଟତା ଆଣିବାରେ ସହାୟକ ହେବ ।

ଇତିଶ୍ରୀ ପ୍ରଧାନ ରାୟଗଡ଼ା ଜିଲ୍ଲାର ଟିକିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାକିରି କରୁଥିଲେ । ଯେତେବେଳେ ସେଠାକାର ସ୍କୁଲ୍ ଇନିସ୍ପେକ୍ଟର ନେତ୍ରାନନ୍ଦ ଦଣ୍ଡସେନା ତାଙ୍କୁ ଯୌନ ଶୋଷଣ କରିବା ପାଇଁ ଚେଷ୍ଟା କଲେ, ସେ ତାଙ୍କ ବିରୋଧରେ ପୋଲିସ୍‌ରେ ଅଭିଯୋଗ କଲେ । କେବଳ ସେତିକି ନୁହେଁ, ସେଠାକାର ବ୍ଲକ୍ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି, ଜିଲ୍ଲାପାଳ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କଲେ । ସେତେବେଳର କିଛି ପ୍ରଭାବଶାଳୀ ରାଜନୈତିକ ନେତାଙ୍କ ଛତ୍ରଛାୟା ତଳେ ଥିବା ଦଣ୍ଡସେନା ଇତିଶ୍ରୀ ଉପରେ ମାମଲା ଉଠାଇବାକୁ ଚାପ ସୃଷ୍ଟି କଲେ । ଇତିଶ୍ରୀ ତାଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇଲେ ନାହିଁ । ଏଥିରେ ଉତ୍କ୍ଷିପ୍ତ ହୋଇ ତାଙ୍କ ବିରୋଧରେ ରଚନା କରାଗଲା ଭୟାନକ ଷଡ଼ଯନ୍ତ୍ର । ଅଜଣା ବ୍ୟକ୍ତି ଦ୍ୱାରା ତାଙ୍କୁ ୨୦୧୩ ଅକ୍ଟୋବର ୨୭ ତାରିଖ ଦିନ କିରୋସିନ୍ ଢାଳି ପୋଡି ଦିଆଗଲା । ଜୀବନ ସହିତ ଚାରିଦିନ କାଳ ଲଢି ସେ ନଭେମ୍ବର ୧ ତାରିଖ ବିଶାଖାପାଟଣାର ଏକ ହସ୍ପିଟାଲରେ ମୃତ୍ୟବରଣ କଲେ । ଇତିଶ୍ରୀ ଘଟଣାରେ ସେତେବେଳେ ବ୍ୟବସ୍ଥାର ପ୍ରତ୍ୟେକ ଅଙ୍ଗ କେବଳ ଚିତ୍‌ପଟାଙ୍ଗ ମାରିଥିଲା, ତାହା ନୁହେଁ, ଇତିଶ୍ରୀକୁ ରକ୍ଷା କରିବା ପରିବର୍ତ୍ତେ ମରଣ ମୁହଁକୁ ଠେଲି ଦେଇଥିଲା ।

ଏବେ ଆସିବା ସଦ୍ୟ ଜୁଲାଇ ୧୨ ତାରିଖ ଦିନ ଘଟିଥିବା ସୌମ୍ୟାଶ୍ରୀଙ୍କ ଘଟଣାକୁ । ଏଠି ଦୀର୍ଘ ୬ମାସ ଧରି ନ୍ୟାୟ ପାଇଁ ଲଢୁଥିଲେ ସେ । ତାଙ୍କ ଅଭିଯୋଗରେ ଯେଉଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଆଇସିସି ଗଠିତ ହୋଇଥିଲା, ତାହା ଏକ ପୂର୍ଣ୍ଣାଙ୍ଗ କମିଟି ନଥିଲା । କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଯୌନ ଶୋଷଣ ନିରୋଧ ଆଇନ୍ ୨୦୧୩ ଏବଂ ବିଶ୍ୱବିଦ୍ୟାଳୟ ମଂଜୁରୀ କମିଟି ନିୟମ ଅନୁସାରେ ଏହି କମିଟିର ଅଧ୍ୟକ୍ଷ ଜଣେ ମହିଳା ହେବା ଆବଶ୍ୟକ । ଏଠାରେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ନିଜେ ଏହି ଦାୟିତ୍ୱରେ ରହିଲେ । ଜଣେ ପୁରଷଙ୍କ ପାଖରେ ନିଜ ଉପରେ ହେଉଥିବା ଅତ୍ୟାଚାରକୁ କେତେ ପ୍ରଭାବୀ ଢଙ୍ଗରେ ଉପସ୍ଥାପିତ କରିପାରିବ ଜଣେ ମହିଳା ?

ଏହି କମିଟିରେ କିଛି ଅଭିଜ୍ଞତା ନଥିବା ବ୍ୟକ୍ତିଙ୍କୁ ସାମିଲ କରାଗଲା । ସେହିପରି ଭାବରେ ଉପଯୁକ୍ତ ଛାତ୍ରଛାତ୍ରୀ ପ୍ରତିନିଧିତ୍ୱ ରହିଲା ନାହିଁ । ଏହା ଏକ ଲୋକଦେଖାଣିଆ କମିଟି ଥିଲା – ନ୍ୟାୟ ପାଇଁ ନୁହେଁ, ଅନ୍ୟାୟକୁ ଘୋଡ଼ାଇବା ପାଇଁ । ଏହା ସତ୍ତ୍ୱେ ମଧ୍ୟ ତଥାପି ସୌମ୍ୟାଶ୍ରୀ ଲଢିଛନ୍ତି । କିନ୍ତୁ ଦିଲ୍ଲୀପ ଘୋଷ ତାଙ୍କର ଭାବନା ଓ ମାନସିକ ଯାତନାକୁ ଠିକ୍ ଭାବେ ବୁଝିନପାରି ତାଙ୍କୁ ମିଛ ଅଭିଯୋଗ କରିଥିବା କହିବା ଏବଂ ଏ ନେଇ କାର୍ଯ୍ୟାନୁଷ୍ଠାନ ଧମକ ଦେବା ସମ୍ପୂର୍ଣ୍ଣ ଭାବେ ପରିସ୍ଥିତିକୁ ଜଟିଳ କରିଦେଲା । ଇତିଶ୍ରୀ ଭଳି ସୌମ୍ୟାଶ୍ରୀ ସରକାରଙ୍କ ବିଭିନ୍ନ ଅଙ୍ଗକୁ ତାଙ୍କର ଅଭିଯୋଗ ଜଣାଇବା ପାଇଁ ଚେଷ୍ଟା କରିଛନ୍ତି । ସେଠି ଇତିଶ୍ରୀ ଲିଖିତ ଅଭିଯୋଗ କରିଥିଲେ, – ଏଠି ସୌମ୍ୟାଶ୍ରୀ ଲିଖିତ ସହିତ ସୋସିଆଲ୍ ମିଡିଆର ସହାୟତା ନେଇଛନ୍ତି। ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ସେ ଟୁଇଟ୍ ମାଧ୍ୟମରେ ନିଜର ପରିସ୍ଥିତି ସମ୍ପର୍କରେ ଜଣାଇବା ପାଇଁ ଚେଷ୍ଟା କରିଛନ୍ତି । ସରକାରୀ ବ୍ୟବସ୍ଥାରେ ଆଜି ପର୍ଯ୍ୟନ୍ତ ସୂଚନା ଅଧିକାରୀମାନେ ବିଭିନ୍ନ ସମ୍ବାଦପତ୍ରର କଟିଂ ବା କ୍ଲିପିଂ କରି ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କର ଅବଗତି ନିମନ୍ତେ ନିୟମିତ ଭାବେ ସେଗୁଡିକ ପ୍ରେରିତ କରୁଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ସୋସିଆଲ୍ ମିଡିଆରେ ଆସୁଥିବା ଘଟଣାଗୁଡିକ ସମ୍ପର୍କରେ ଜ୍ଞାତ ପାଇଁ କୌଣସି ସିଷ୍ଟମ ପ୍ରସ୍ତୁତ କରାଯାଇନାହିଁ । ଯଦି କୌଣସି ସମସ୍ୟା ଉପସ୍ଥାପନ ଏବଂ ତାହାର ସମାଧାନ ପାଇଁ ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା କିଛି ସ୍ୱତନ୍ତ୍ର ବ୍ୟବସ୍ଥା ବିକଶିତ କରାଯାଇପାରିବ, ତେବେ ଜନସାଧାରଣ ଏହା ଦ୍ୱାରା ତ୍ୱରିତ ସେମାନଙ୍କର ସମସ୍ୟାର ସମାଧାନ ରାସ୍ତା ପାଇପାରିବେ ।

କେବଳ ସେତିକି ନୁହେଁ, ସରକାର ମଧ୍ୟ ଏ ନେଇ ଅଧିକ ପ୍ରଶଂସିତ ହେବେ । ଉପଯୁକ୍ତ ତଥା ତାଲିମପ୍ରାପ୍ତ ଅଧିକାରୀମାନଙ୍କୁ ସୋସିଆଲ ମିଡିଆ ଟ୍ରାକିଂ ସିଷ୍ଟମରେ ନିଯୁକ୍ତି ଦିଆଯାଇ କିଛିକାଂଶରେ ଜନସାଧାରଣଙ୍କର ସମସ୍ୟା ସମାଧାନ କରାଯାଇପାରେ । ଏବେ ତଦନ୍ତ ଚାଲିଛି । ଆଇସିସି ଠିକଣା ଭାବରେ ଗଠିତ ହୋଇଥିଲା କି ନାହିଁ, ତାହା ଜଣାପଡ଼ିବ । ଇତିଶ୍ରୀକୁ ମାନସିକ ଦୁଃସ୍ଥିତିକୁ କିଏ ଟାଣିଛି, ତାହା ମଧ୍ୟ ନଜରକୁ ଆସିବ ।

କିନ୍ତୁ ଭବିଷ୍ୟତରେ ବ୍ୟବସ୍ଥାର କୌଣସି ଅଙ୍ଗ ପଙ୍ଗୁ ନହୋଇଯାଉ, ତାହା ଆମକୁ ସୁନିଶ୍ଚିତ କରିବାକୁ ପଡ଼ିବ । ଛବିରାଣୀ ଓ ଅଞ୍ଜନା ମିଶ୍ର ଘଟଣାରେ ଜାନକୀ ବଲ୍ଲଭ ପଟ୍ଟନାୟକ ସରକାରଙ୍କର ପତନ ଘଟିଥିଲା । ଇତିଶ୍ରୀ, ବେବିନା, କୁନ୍ଦୁଲି, ପରୀ ଓ ମମିତା ମେହେର ଘଟଣା ନବୀନ ପଟ୍ଟନାୟକ ସରକାରଙ୍କ ପତନ ଘଟାଇଛି । ଏବେକାର ସରକାର ମଧ୍ୟ ଏଥିରୁ କିଛି ଶିକ୍ଷାଲାଭ କରି ଠିକଣା ପଦକ୍ଷେପ ନେଇପାରିଲେ, କାଲି ସକାଳେ ସେମାନଙ୍କୁ ଏଭଳି ସ୍ଥିତିର ସାମ୍ନା କରିବା ପାଇଁ ପଡ଼ିବ ନାହିଁ।



## ଟିପିସିଓଡିଏଲ୍ ପକ୍ଷରୁ ପିପିଲି-ଡେଲାଙ୍ଗ ଅଞ୍ଚଳରେ ନୂଆ ଭିତ୍ତିଭୂମି ଉଦ୍‌ଘାଟିତ

# ନୂଆ ୩୩ କେଭି ଫିଡର୍ ଦ୍ୱାରା ପିପିଲି, ସାକ୍ଷୀଗୋପାଳ ଓ ସାତଶଙ୍ଖର ୨୬,୦୦୦ରୁ ଅଧିକ ଗ୍ରାହକ ହେବେ ଉପକୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପିପିଲି-ଡେଲାଙ୍ଗ ଅଂଚଳରେ ବିଦ୍ୟୁତ୍ ଯୋଗାଣରେ ଉନ୍ନତି ଆଣିବା ଦିଗରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଓଡିଏସ୍ଏସ୍ପି ଫେଜ୍-୪ ଅଭିଯାନ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଓଡିଏସ୍ଏସ୍ପି ଫେଜ୍-୪ ହେଉଛି ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କ ଏକ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ଓଡ଼ିଶାର ଗ୍ରାମାଚଂଳରେ ବିଦ୍ୟୁତ୍ ବଣ୍ଟନ ର ଗୁଣାତ୍ମକ ମାନ ଓ ଭରସାଯୋଗ୍ୟତାରେ ଉନ୍ନତି ଆଣିବା । ଟିପିସିଓଡିଏଲ୍ ପକ୍ଷରୁ ଦୁଇଟି ୩୩ କେଭି ଫିଡର୍ ଲାଇନ୍‌କୁ କାର୍ଯ୍ୟକ୍ଷମ କରାଯାଇଛି । ଏହାକୁ ପିପିଲି-ଡେଲାଙ୍ଗର ବିଧାୟକ ଆଶ୍ରିତ





ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଯଥାକ୍ରମେ ୬.୬ କୋଟି ଟଙ୍କା ଓ ୬.୧୩୫ କୋଟି ଟଙ୍କାର ନିବେଶ ସହିତ ଏହି ନୂଆ ଲାଇନ୍ ସାତଶଙ୍ଖ ଗ୍ରିଡ୍ ସବ୍‌ଷ୍ଟେସନ୍ (ଜିଏସ୍ଏସ୍)କୁ କୁମାରେଶ୍ୱର ପ୍ରାଥମିକ ସବ୍‌ଷ୍ଟେସନ୍ (ପିଏସ୍ଏସ୍) ଓ ପଟ୍ଟନାୟକ ଛକ ସହ ଯୋଡ଼ିବ । ସମୁଦାୟ ୧୦.୨ ସିକେଏମ୍ ଫିଡର୍ ଲମ୍ବ ସହିତ ଭିତ୍ତିଭୂମିରେ ଏହି ଉନ୍ନତି ଏହି ଅଂଚଳରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ମାନ ଓ ଭରସାଯୋଗ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ । ଏହି ଉନ୍ନତ ନେଟ୍‌ୱର୍କ ଦ୍ୱାରା ସାକ୍ଷୀଗୋପାଳର ପ୍ରାୟ ୧୪,୦୦୦ ଗ୍ରାହକ ଏବଂ ସାତଶଙ୍ଖର ୧୨,୦୦୦ ଗ୍ରାହକ ଉପକୃତ ହେବା ଆଶା କରାଯାଉଛି । ଏହା ଏହି ଅଂଚଳର ଦୀର୍ଘଦୀନର ଭୋଲଟେଜ୍ ସମସ୍ୟା ଏବଂ ନିୟମିତ ବ୍ୟବଧାନରେ ହେଉଥିବା ବିଦ୍ୟୁତ୍ ବିଭ୍ରାଟ ସମସ୍ୟାର ସମାଧାନ କରିବା ସହ ଭବିଷ୍ୟତର ଲୋଡ୍ ବୃଦ୍ଧିର ମୁକାବିଲାରେ ସହାୟକ ହେବ । ଉଦ୍‌ଘାଟନୀ ସମାରୋହରେ ବିଧାୟକ ଆଶ୍ରିତ ପଟ୍ଟାନୟକ ଏହି ଅଭିଯାନକୁ ପ୍ରଶଂସା କରି କହିଛନ୍ତି ଯେ, 'ଏହି ପ୍ରକଳ୍ପ ପିପିଲି, ସାକ୍ଷୀଗୋପାଳ ଓ ସାତଶଙ୍ଖର ଲୋକମାନଙ୍କୁ ଭରସାଯୋଗ୍ୟ ଓ ଦୃଢ଼ ବିଦ୍ୟୁତ୍ ଭିତ୍ତିଭୂମି ପ୍ରଦାନ କରିବା ପାଇଁ ସରକାର ଏବଂ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି ।' ଏହି ନିବେଶ ଓଡ଼ିଶାର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାର ଆଧୁନିକରଣ କରିବା ଏବଂ ଲାଇସେନ୍ସପ୍ରାପ୍ତ ଅଂଚଳରେ ଗ୍ରାହକ ସନ୍ତୁଷ୍ଟିରେ ଉନ୍ନତି ଆଣିବା ପାଇଁ ରହିଥିବା ବ୍ୟାପକ ମିଶନର ଅଂଶ ବୋଲି ଟିପିସିଓଡିଏଲ୍‌ର ଅଧିକାରୀମାନେ ଆଲୋକପାତ କରିଥିଲେ ।

## ଅନ୍ଧାରରେ ୪୧ ବରପୁତ୍ରଙ୍କ ପ୍ରତିମୂର୍ତ୍ତି : ପ୍ରଶାସନ ନିରବଦ୍ରଷ୍ଟା





**ରମ୍ଭା, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୪୧ ଗୋଟି ବରପୁତ୍ର ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଥିଲେ । କିନ୍ତୁ ଉନ୍ମୋଚନ ହେବାର କିଛି ଦିନକୁ ବାଦ ଦେଲେ ପରମୁହୂର୍ତ୍ତରେ ରାତିରେ ପ୍ରତିମୂର୍ତ୍ତିଗୁଡ଼ିକ ଅନ୍ଧାରରେ ରହୁଅଛି । ଏ ସମ୍ପର୍କରେ ରମ୍ଭାରେ ରାଜନୀତି ଉଷ୍ମ ତେଜୁଛି । ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି । ଓଡ଼ିଶାର ସଂଗ୍ରାମୀ ବରପୁତ୍ର ପ୍ରତିମୂର୍ତ୍ତିକୁ ନେଇ ରାଜନୀତି ଓ ଅବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି । ଏନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି । ରମ୍ଭା ସହରର ଉକ୍ତ ବରପୁତ୍ର ପ୍ରତିମୂର୍ତ୍ତି ନିର୍ମାଣ ହୋଇ ଦୀର୍ଘ ୬ ବର୍ଷ ପରେ ଉନ୍ମୋଚନ ହୋଇଥିଲା । କିନ୍ତୁ ଉନ୍ମୋଚନ ହେବା ପରେ ସେହି ବରପୁତ୍ର ପ୍ରତିମୂର୍ତ୍ତିମାନଙ୍କୁ ପୁଣି ଅସମ୍ମାନ କରା ଯାଇଥିବା ନେଇ ଜୋର ଚର୍ଚ୍ଚା ହେଉଛି । ସରକାରୀ ଦୃଷ୍ଟି ଗୋଚର ଥିଲେ ମଧ୍ୟ ପ୍ରଶାସନ ୪୧ ଗୋଟି ବରପୁତ୍ରମାନଙ୍କୁ ଅନ୍ଧକାରରେ ରଖିବା ସହରବାସୀ ତଥା ଉତ୍କଳ ସଂଗ୍ରାମୀ ସ୍ମାରକୀ ପୀଠ କ୍ଷୋଭ ପ୍ରକାଶ ପାଇଛି । ଅନ୍ଧାରରେ ଥିବା ୪୧ଟି ବରପୁତ୍ର ପ୍ରତିମୂର୍ତ୍ତିମାନଙ୍କୁ ଆଲୋକୀକରଣ କରିବା ପାଇଁ ଦାବି ହୋଇଛି । ଏହି ପ୍ରତିମୂର୍ତ୍ତି ଗୁଡିକ ସହରର ସୌନ୍ଦର୍ଯ୍ୟ ଏବଂ ଉତ୍କଳ ସମ୍ମାନ ବର୍ଦ୍ଧିବାରେ ଲାଗିଛି । ଏହି ପ୍ରତିମୂର୍ତ୍ତି ମାନଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ଏହା ସାଧାରଣରେ ଚର୍ଚ୍ଚା ଚାଲିଛି । ସାଧାରଣରେ ପ୍ରଶ୍ନ ଉଠୁଛି ଯେ ସଂଗ୍ରାମୀ ବରପୁତ୍ର ମାନଙ୍କ ଉଦଘାଟନ ଦିନ ଯେଉଁ କମିଟିର ପଦପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ ପରମୁହୂର୍ତ୍ତରେ ତାହା ଏଯାବତ କିଏ ସାହାସ ଦେଲା ବରପୁତ୍ର ମାନଙ୍କୁ ଅନ୍ଧକାରରେ ରଖିବା । ଏଠାରେ ଉଙ୍କି ମାରୁଛି ୪୧ଗୋଟି ବରପୁତ୍ର ପ୍ରତିମୂର୍ତ୍ତି ମାନଙ୍କର ଉଦଘାଟନ ଦିନଠାରୁ ଫୁଲମାଳ ବାସି ହୋଇ ପଡିରହିଥିବା ବେଳେ ଉପରୋକ୍ତ ସ୍ଥାନ ସଫା ସୁତୁରା ଓ ରକ୍ଷଣାବେକ୍ଷଣ କାହାର ଦାୟିତ୍ୱ ? ଏଣୁ କରି ଐତିହ ରମ୍ଭା ସହର ପରିଚୟକୁ ରାଜ୍ୟରେ ଲୋକାଭିମୁଖୀ କରିବାକୁ ହେଲେ ମତ ମତାନ୍ତରରେ ଉପେକ୍ଷା ନ କରି ଉତ୍କଳ ବରପୁତ୍ରମାନଙ୍କ ସମ୍ମାନ ବଜାଇ ରଖିବା ନିହାତି ଅପରିହାର୍ଯ୍ୟ ବୋଲି ସହର ବାସିନ୍ଦାଙ୍କ ପକ୍ଷରୁ ଜଣାଇଦିଆଯାଇଛି ।

## ବଳଦେବଜୀଉ ପାୱାରଲୁମ୍‌ର ପୁନଃ କାର୍ଯ୍ୟକ୍ଷମ ପାଇଁ ଦାବି

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ରାଜ୍ୟରେ ୮ଟି ସ୍ଥାନରେ ବୟନ ଶିଳ୍ପର ପ୍ରସାର ପାଇଁ ନୀତିଗତ ନିଷ୍ପତି ଗ୍ରହଣ କରିଛନ୍ତି । ଏହାକୁ ଜିଲ୍ଲା ବିକାଶ ସାମ୍ମୁଖ୍ୟ ସ୍ୱାଗତ ଜଣାଉଛି । ମାତ୍ର କେନ୍ଦ୍ରାପଡା ଜିଲ୍ଲାରେ ଏକମାତ୍ର ଶିଳ୍ପ ବଳଦେବଜୀଉ ପାୱାରଲୁମ୍ ରାଜ୍ୟରେ ଗାମୁଛା, ଲୁଙ୍ଗି, ଧୋତି ଆଦି ତିଆରି କରି ଲୋକମାନଙ୍କୁ ନିଯୁକ୍ତି ଦେବା ସହ କପଡା ଶିଳ୍ପର ଚାହିଦା ମେଣ୍ଟାଉଥିଲା । ଦୀର୍ଘଦିନ ଧରି ତାହା ଅଚଳ ହୋଇ ପଡିରହିଛି । ଜଗତସିଂହପୁର ଜିଲ୍ଲାର ସାରଳା ସୁତା ମିଲ୍‌କୁ ପୁନଃ ଉଦ୍ଧାର କରିବା ପାଇଁ ସରକାର ଯୋଜନା କରୁଛନ୍ତି । କେନ୍ଦ୍ରାପଡାର ବଳଦେବଜୀଉ ପାୱାରଲୁମ୍‌କୁ ପୁନଃ ଉଦ୍ଧାର କରି କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟର ସଂପାଦକ ଅଧ୍ୟାପକ ଅଜୟ ସାମଲ, ସଭାପତି ଡଃ. ଅଲେଖ ଚନ୍ଦ୍ର ପଡିଆରୀ, ଉପଦେଷ୍ଟା ଅଧ୍ୟାପକ ନନ୍ଦ କିଶୋର ପରିଡା, ବୈଷ୍ଣବ ଚରଣ ସ୍ୱାଇଁ, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ଆଦିକନ୍ଦ ରାଉଳ, ରାଜକୁମାର ବିଶ୍ୱାଳ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଅଧ୍ୟାପକ ପ୍ରଭାକର ସାମଲ, ଦିଲ୍ଲୀପ ମିଶ୍ର ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି ।

## ମଡେଲ ଗ୍ରାମ ପଞ୍ଚାୟତ ପଦକ୍ଷେପକୁ ବ୍ୟାପକ କରିଛି ଟିପିଏସ୍ଓଡିଏଲ୍

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ଏହାର 'ମଡେଲ ଗ୍ରାମ ପଞ୍ଚାୟତ (ମଡେଲ ଜିପି)' ପଦକ୍ଷେପ ଅଧୀନରେ ଆଉ ୧୪ଟି ଗ୍ରାମ ପଞ୍ଚାୟତକୁ ସାମିଲ କରି ଗ୍ରାମୀଣ ସଶକ୍ତିକରଣ ଦିଗରେ ପ୍ରୟାସ ଜାରି ରଖିଛି । ପୂର୍ବରୁ କମ୍ପାନୀ ସମଗ୍ର ଦକ୍ଷିଣ ଓଡ଼ିଶାରେ ସଫଳତାର ସହ ୧୧୩ ଟି ମଡେଲ ଗ୍ରାମ ପଞ୍ଚାୟତକୁ ବିକଶିତ କରିଛି, ଯାହା ଦ୍ୱାରା ପ୍ରାୟ ୨ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇପାରିଛନ୍ତି । ଏହି ପଦକ୍ଷେପ ଉନ୍ନତ ବିଜୁଳି ସେବା ପ୍ରଦାନ ଦିଗରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ବେଳେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ, ସମୟାନୁସାରେ ମିଟର ରିଡିଂ ଏବଂ ବିଲିଂ, ନୂତନ ସଂଯୋଗ, ଅଭିଯୋଗ ପ୍ରତିକାର ଓ ଉତ୍ତମ ଗ୍ରାହକ ସେବା ସୁନିଶ୍ଚିତ କରେ । ଏହାସହ ବୈଦ୍ୟୁତିକ ସୁରକ୍ଷା, ଗୋଷ୍ଠୀ ସଚେତନତା ଏବଂ ଡିଜିଟାଲ ସଶକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ବିଶେଷ କରି ଭିତ୍ତିଭୂମି ବିକାଶ ଏବଂ ସୁରକ୍ଷା ସଚେତନତା ଆବଶ୍ୟକ କରୁଥିବା ଗ୍ରାମ ପଞ୍ଚାୟତ ପାଇଁ ଏହି ମଡେଲ ଜିପି ଅଭିଯାନ ପ୍ରସ୍ତୁତ କରାଯାଇଛି । ଟିପିଏସ୍ଓଡିଏଲ୍ କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ୮ଟି ଜିଲ୍ଲାରୁ ଗ୍ରାମପଞ୍ଚାୟତ ଗୁଡ଼ିକୁ ଚିହ୍ନଟ କରାଯାଉଛି, ଯାହା ଫଳରେ ଏସବୁ ଅଞ୍ଚଳରେ ସେବାର ଗୁଣବତ୍ତାରେ ଉନ୍ନତି ଘଟିଛି । ନୂତନ ଭାବେ ୧୪ ଟି ଗ୍ରାମ ପଞ୍ଚାୟତ ଯୋଡ଼ି ହେବା ପରେ ବର୍ତ୍ତମାନ ମୋଟ ୧୨୭ ଟି ମଡେଲ ଗ୍ରାମ ପଞ୍ଚାୟତ ରହିଛି । ଦକ୍ଷିଣ ଓଡ଼ିଶାର ୮ ଟି ଜିଲ୍ଲା ଯଥା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ବୌଦ୍ଧ, ଏବଂ ଟିପିଏସ୍ଓଡିଏଲର ସମସ୍ତ ୧୯ ଟି ଡିଭିଜନରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହୋଇଛି । ଆଗାମୀ ଦିନରେ କମ୍ପାନୀ ଆହୁରି ଅନେକ ମଡେଲ ଗ୍ରାମ ପଞ୍ଚାୟତ ବିକାଶ କରିବାକୁ ଯୋଜନା ରଖିଛି । ଏହି ପଦକ୍ଷେପ ମାଧ୍ୟମରେ ଟିପିଏସ୍ଓଡିଏଲ୍ ଗ୍ରାମାଞ୍ଚଳରେ ଗୋଷ୍ଠୀ ସଶକ୍ତିକରଣ ସହ ଉନ୍ନତ ମାନର ବିଜୁଳି ସେବା ଯୋଗାଇବା ଦିଗରେ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି ।

## ବିପୁଳ ପରିମାଣରେ କଫ ସିରଫ ଜବତ



**ବରଗଡ, ନ୍ୟୁଜ ବ୍ୟୁରୋ**

ଟାଉନ ପୋଲିସ ନିଶା କାରବାର ଧରପଗଡ଼ ଅଭିଯାନକୁ ଜୋରଦାର କରିଛି । ବରଗଡ଼ ଟାଉନ ଥାନା ପୋଲିସ ବରଗଡ଼ ସହରରୁ ୧୯୭୦ ବୋତଲ କଫ ସିରଫ ଏବଂ ୧ହଜାର ନିଶା ବଟିକା ଜବତ କରିଛି । ଏହା ସହିତ ଗୋଟିଏ ବୁଲେଟ ମୋଟର ସାଇକେଲ, ଗୋଟିଏ ସ୍କୁଟି ଏବଂ ୨ଟି ମୋବାଇଲକୁ ପୋଲିସ ଜବତ କରିଛି । ଏହି କାରବାରରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି ବୋଲି ପୋଲିସ ପକ୍ଷରୁ ସୁଚନା ଦିଆଯାଇଛି । ଗତ କିଛିଦିନ ପୂର୍ବରୁ ମଧ ବରଗଡ଼ ସହରରୁ ବିପୁଳ ପରିମାଣରେ କଫ ସିରଫ ଏବଂ ବ୍ରାଉନସୁଗାର ଜବତ ହୋଇଥିଲା । ନିଶା କାରବାର ଦମନରେ ପୋଲିସର ଏହି ଅଭିଯାନ ପରେ ଏଭଳି କାରବାର ଚଳାଇଥିବା ଚୋରା ଚାଲାଣ କାରିଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ବନ୍ତାରା ଏବଂ ପ୍ରୋଜେକ୍ଟ ଏଲିଫାଣ୍ଟ ପକ୍ଷରୁ

# 'ହାତୀମାନଙ୍କ ସେବା ପାଇଁ ସମର୍ପିତ ଭାରତ'ର ସର୍ବବୃହତ ତାଲିମ

**ଜାମନଗର, ନ୍ୟୁଜ ବ୍ୟୁରୋ**

ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପରିଚାଳିତ ଭାରତର ଅଗ୍ରଣୀ ବନ୍ୟପ୍ରାଣୀ ଉଦ୍ଧାର ଏବଂ ସଂରକ୍ଷଣ କେନ୍ଦ୍ର ବନ୍ତାରା, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପ୍ରୋଜେକ୍ଟ ଏଲିଫାଣ୍ଟ ସହିତ ମିଳିତ ଭାବରେ ଜାମନଗରରେ ଏକ ପାଞ୍ଚ ଦିନିଆ 'ବନ୍ତାରା ଗଜରାଜ ସମ୍ମିଳନୀ' ଆୟୋଜନ କରିଛି । ଏହା ହାତୀଙ୍କ ସେବା ଏବଂ ଯତ୍ନ ପାଇଁ ସମର୍ପିତ ଦେଶର ସବୁଠାରୁ ବଡ ତାଲିମ କାର୍ଯ୍ୟକ୍ରମ । ସମ୍ମିଳନୀରେ, ୧୦୦ ରୁ ଅଧିକ ମାହୁନ୍ତ ଏବଂ ହାତୀ ବିଶେଷଜ୍ଞଙ୍କୁ ଉଭୟ ପାରମ୍ପରିକ ଏବଂ ବୈଜ୍ଞାନିକ ଯତ୍ନ ପଦ୍ଧତି ବିଷୟରେ ତାଲିମ ଦିଆଯିବ ।ତାଲିମ ସମାପ୍ତ ହେବା ପରେ



ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ । ବନ୍ତାରାର ସିଇଓ ଭିଭାନ କରାନି କହିଛନ୍ତି, "ଏହି ସମ୍ମିଳନୀ କେବଳ ତାଲିମ ପାଇଁ ଏକ ମଞ୍ଚ ନୁହେଁ, ବରଂ ଏକ ସମ୍ବେଦନଶୀଳ ଏବଂ କରୁଣାମୟ ଭବିଷ୍ୟତର ମୂଳଦୁଆ । ଆମର ଉଦ୍ଦେଶ୍ୟ ହେଉଛି ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସମନ୍ୱୟରେ ହାତୀମାନଙ୍କ କଲ୍ୟାଣ ପାଇଁ ଏକ ସଶକ୍ତ ଏବଂ ସ୍ଥାୟୀ ବ୍ୟବସ୍ଥା ସୃଷ୍ଟି କରିବା । ଏହା ଦର୍ଶାଉଛି ଯେ ହାତୀ ସଂରକ୍ଷଣ କେବଳ ନୀତି ଏବଂ ବାସସ୍ଥାନ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସେମାନଙ୍କ ଯତ୍ନ ନେଉଥିବା ଲୋକଙ୍କ କୁଶଳତା ଏବଂ ସମ୍ବେଦନଶୀଳତା ଉପରେ ମଧ୍ୟ ଆଧାରିତ ।" ଏହି କାର୍ଯ୍ୟକ୍ରମ ଜାମନଗରର ରାଧେ କୃଷ୍ଣ ମନ୍ଦିର ହସ୍ତୀ କଲ୍ୟାଣ ଟ୍ରଷ୍ଟ ପରିସରରେ ଆୟୋଜିତ ହେଉଛି, ଯାହା ବନ୍ତାରା ଅଧୀନରେ କାର୍ଯ୍ୟ କରୁଥିବା ଏକ କଲ୍ୟାଣକାରୀ ସଂସ୍ଥା । ବନ୍ତାରାରେ ବର୍ତ୍ତମାନ ୨୫୦ ରୁ ଅଧିକ ହାତୀଙ୍କ ଯତ୍ନ ନିଆଯାଉଛି, ଯେଉଁମାନଙ୍କ ସେବାରେ ୫୦୦ ରୁ ଅଧିକ ପ୍ରଶିକ୍ଷିତ କର୍ମଚାରୀ ନିୟୋଜିତ ଅଛନ୍ତି ।ଏହା ବ୍ୟତୀତ, ଆଫ୍ରିକୀୟ ଦେଶ କଙ୍ଗୋର ବନ୍ୟପ୍ରାଣୀ ବିଶେଷଜ୍ଞ ଏବଂ ଅଧିକାରୀମାନେ ମଧ୍ୟ ତାଲିମ ଉଦ୍ଦେଶ୍ୟରେ ଏଠାରେ ଉପସ୍ଥିତ ଅଛନ୍ତି । ଜାତୀୟ ଚିଡ଼ିଆଖାନା ନିର୍ଦ୍ଦେଶକ ସମ୍ମିଳନୀ ମଧ୍ୟ ଅକ୍ଟୋବରରେ ବନ୍ତାରାରେ ଅନୁଷ୍ଠିତ ହେବ । ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ, ଦେଶ ଏବଂ ବିଶ୍ୱର ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ବନ୍ୟପ୍ରାଣୀଙ୍କ ସେବା ପାଇଁ ଉତ୍ସର୍ଗୀକୃତ ଲୋକମାନେ ଗୋଟିଏ ମଞ୍ଚରେ ଏକାଠି ହୋଇ ସହଯୋଗ, ଆଲୋଚନା ଏବଂ ସଂରକ୍ଷଣ କାର୍ଯ୍ୟକୁ ଅଧିକ ପ୍ରଭାବଶାଳୀ ଭାବରେ ଆଗକୁ ବଢ଼ାଇପାରିବେ ।

## ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ

# ରୋଗୀଙ୍କୁ ମିଳୁନି ଉନ୍ନତମାନର ଚିକିତ୍ସା ସୁବିଧା

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଧରଣୀଧର ଭେଷଜ ମହାବିଦ୍ୟାଳୟ ଆରମ୍ଭ ହେବାର ତିନି ମାସ ବିତିଯାଇଥିଲେ ମଧ ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ମିଳୁ ନ ଥିବା ଅଭିଯୋଗ ହେଉଛି । । ଆବଶ୍ୟକୀୟ ଉପକରଣ ନ ଥିବାରୁ ରୋଗ ନିରୂପଣ ପାଇଁ ବିଭିନ୍ନ ପରୀକ୍ଷା ହୋଇ ପାରୁ ନାହିଁ । ଫଳରେ ରୋଗୀମାନେ ବାହାରେ ବିଭିନ୍ନ ପରୀକ୍ଷା କରି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ଭେଷଜ ମହାବିଦ୍ୟାଳୟରୁ ଲୋକମାନେ ଉନ୍ନତ ଚିକିତ୍ସା ସେବା ଆଶା ରଖିଥିବା ବେଳେ ଏବେ ତାହା ଫସର ଫାଟିଯାଇଛି । ଭେଷଜ ମହାବିଦ୍ୟାଳୟରେ ବର୍ତ୍ତମାନ ସୁଦ୍ଧା ଅଲଟ୍ରାସାଉଣ୍ଡ, ସିଟି ସ୍କାନ, ଏମଆରଆଇ ସମେତ ବିଭିନ୍ନ ରୋଗ ନିରୂପଣ ପରୀକ୍ଷା ହୋଇପାରୁ ନାହିଁ । ଟ୍ରମା କେୟାର ସେଣ୍ଟର ପାଇଁ ମାତ୍ର ତିନୋଟି ହ୍ୱିଇଲ ଚେୟାର ଦିଆଯାଇଛି । ଏଥିଯୋଗୁଁ ହ୍ୱିଇଲ ଚେୟାରେ ରୋଗୀ ଯିବା ଆସିବା କରିବା ପାଇଁ ରୋଗୀମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ ଯୁକ୍ତି ତର୍କ ହେଉଥିବାର ଦେଖିବାକୁ ମିଳିଛି । ମେଡିକାଲ କଲେଜ ପରିସର ଅନେକ ସ୍ଥାନରେ ମୋବାଇଲ୍ ନେଟ୍‌ୱାର୍କ ନଥିବା ଯୋଗୁଁ ରୋଗୀ ଓ ପରିବାର ସଦସ୍ୟଙ୍କ ମଧ୍ୟରେ ଯୋଗାଯୋଗ ହୋଇପାରୁ ନାହିଁ । ଫଳରେ ରୋଗୀଙ୍କ ପରିବାର ବର୍ଗ ନାନା ଦୁଶ୍ଚିନ୍ତାରେ ରହିଥାନ୍ତି । ଆହାର କେନ୍ଦ୍ର, ଭେଣ୍ଡିଙ୍ଗ ଜୋନ ଆଦିର ବ୍ୟବସ୍ଥା ନଥିା ଯୋଗୁଁ ରୋଗୀଙ୍କ ସଂପର୍କୀୟ ମାନେ ଖାଦ୍ୟ ପାନୀୟ ଓ ଆନୁଷଙ୍ଗିକ ଜିନିଷ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୟସ୍କ, ଭିନ୍ନକ୍ଷମ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଔଷଧ ବିତରଣ କେନ୍ଦ୍ର ଖୋଲା ଯାଉ ନାହିଁ । ଫଳରେ ସେମାନେ ଘଣ୍ଟା ଘଣ୍ଟା ଧରି ଔଷଧ ନେବା ପାଇଁ ଧାଡିରେ ରହିବାକୁ ବାଧ ହେଉଛନ୍ତି । ସେହିପରି ମେଡିକାଲ କଲେଜ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଉତ୍ତମ ଯୋଗାଯୋଗ ଓ ସମନ୍ୱୟ ନଥିବାରୁ ମେଡିକାଲ କଲେଜର ଡାକ୍ତରଙ୍କ ପରାମର୍ଶ ପରେ ଅଟୋ ବା ଆମ୍ବୁଲାନ୍ସ ଭଡ଼ା କରି ମୁଖ୍ୟ ଚିକିତ୍ସାଳୟ ଯାଇ ସେଠାରେ ମଧ୍ଯ ଅଲଟ୍ରାସାଉଣ୍ଡ ଓ ଅନ୍ୟାନ୍ୟ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି । ବିଭିନ୍ନ ସମୟରେ ରୋଗୀ ମାନଙ୍କୁ ମେଡିକାଲ କଲେଜରୁ ମୁଖ୍ୟ ଚିକିତ୍ସାଳୟ ଏବଂ ମୁଖ୍ୟ ଚିକିତ୍ସାଳୟରୁ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ପଠା ଯାଇଥିବା ବେଳେ ସେଠାରେ ମଧ ଚିକିତ୍ସା ନପାଇ ରୋଗୀ ମାନେ ହତାଶ ହୋଇ ଫେରଛନ୍ତି । ଶନିବାର ମେଡ଼ିକାଲ କଲେଜରୁ ଅନେକ ରୋଗୀ ଅଲଟ୍ରାସାଉଣ୍ଡ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ ମଧ ସେମାନଙ୍କ ଅଲଟ୍ରାସାଉଣ୍ଡ ହୋପାରିନଥିଲା । ଫଳରେ ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ଘରୋଇ ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ଯାଇ ଅଲଟ୍ରାସାଉଣ୍ଡ କରାଇଥିଲେ । ତୁରନ୍ତ ମେଡିକାଲ କଲେଜରେ ସିଟି ସ୍କାନ, ଅଲଟ୍ରାସାଉଣ୍ଡ, ଏମାରଆଇ, ସମସ୍ତ ରୋଗର ପରୀକ୍ଷା, ଅଧିକ ହୁଇଲ ଚେୟାର, ଆହାର କେନ୍ଦ୍ର, ଭେଣ୍ଡିଂ ଜୋନ, ଉପଯୁକ୍ତ ମୋବାଇଲ ନେଟ୍‌ୱାର୍କ ଆଦିର ବ୍ୟବସ୍ଥା କରିବାକୁ ଦାବି ହୋଇଛି । ଏଥିସହିତ ସହିତ ମେଡିକାଲ କଲେଜରୁ ମୁଖ୍ୟ ଚିକିତ୍ସାଳୟ ଓ ମୁଖ୍ୟ ଚିକିତ୍ସାଳୟରୁ ମେଡିକାଲ କଲେଜକୁ ବସ ସେବା ଯୋଗାଇ ଦିଆଯାଉ । ଏଥି ସହିତ ମୁଖ୍ୟ ଚିକିତ୍ସାଳୟରେ ଅଧିକ ଦୁଇଟି ଅଲଟ୍ରାସାଉଣ୍ଡ ମେସିନର ବ୍ୟବସ୍ଥା କରିବା ବୟସ୍କ ଓ ବିକଳାଙ୍ଗ ମାନଙ୍କ ପାଇଁ ଔଷଧ ବିତରଣ କେନ୍ଦ୍ର ଖୋଲା ରଖିବା ସହିତ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ସମସ୍ତ ଆଧୁନିକ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୮।୭।୨୦୨୫, ଶ୍ରାବଣ ଦି୧୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୧।୦୨ ଚନ୍ଦ୍ରୋଦୟ- ଦିଘ ୮।୨୩।୦୭**

**ଚତୁର୍ଥୀ-** ରାଘ ୧୧।୨୫ ପର୍ଯ୍ୟନ୍ତ । **ପୂର୍ବା ଫାଲ୍ଗୁନି ନକ୍ଷତ୍ର-** ସଂଘ ୫।୩୬ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ରାଘ ୧୨।୦୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୧୨।୦୧ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ରାଘ ୧୨।୦୧ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୧।୨୫ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୫ ଗତେ ଘ ୭।୦୧ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୧୧ ମଧ୍ୟେ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ତନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୯।୭।୨୦୨୫, ଶ୍ରାବଣ ଦି୧୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫/୨୧/୨୪ ଚନ୍ଦ୍ରୋଦୟ- ରାଘ ୯/୧୪/୦୩**

**ପଞ୍ଚମୀ-** ରାଘ ୧୨/୪୭ପର୍ଯ୍ୟନ୍ତ । **ଉତ୍ତରାଫାଲଗୁନିନକ୍ଷତ୍ର-** ସଂଘ ୭/୨୮ ପର୍ଯ୍ୟନ୍ତ । **କନ୍ୟାଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ରାଘ ୧୨/୪୭ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮/୩୯ ଗତେ ଘ ୧୦/୩୫ ମଧ୍ୟେ, ଦିଘ ୧/୧୧ ଗତେ ଘ ୧/୩୦ ମଧ୍ୟେ ।

**ପର୍ବୋତ୍ସବ-**ଜାଗ୍ରତ୍ ଗୌରୀ ବା ଜାମୁଲାଇ ପଞ୍ଚମୀ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଗତ ବର୍ଷରେ ଭାରତ ଛାଡ଼ିଲେଣି ୨, ୬ ହଜାର ନାଗରିକ

ପ୍ରତିବର୍ଷ ଲକ୍ଷ ଲକ୍ଷ ଭାରତୀୟ ସେମାନଙ୍କର ନାଗରିକତା ଛାଡ଼ି ଅନ୍ୟ ଦେଶରେ ବସତି ସ୍ଥାପନ କରୁଛନ୍ତି । ଏତିକି ବେଳେ କେନ୍ଦ୍ର ସରକାର ସଂସଦରେ କହିଛନ୍ତି ଯେ ୨୦୨୪ରେ ମଧ୍ୟ ଦୁଇ ଲକ୍ଷରୁ ଅଧିକ ଲୋକ ଭାରତର ନାଗରିକତା ଛାଡ଼ିଛନ୍ତି । ତଥାପି, ଏହି ସଂଖ୍ୟା ୨୦୨୩ ବର୍ଷ ତୁଳନାରେ କମ୍ । ସୂଚନାଥାଉକି ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ଏହି ସଂଖ୍ୟା ବିଷୟରେ ସୂଚନା ଦେବା ସମୟରେ ସରକାର କହିଛନ୍ତି ଯେ ଏହି ସଂଖ୍ୟାରେ ଗତ ଛଅ ବର୍ଷର ତଥ୍ୟ ଅନ୍ତର୍ଭୁକ୍ତ । ତଥ୍ୟ ଦର୍ଶାଉଛି ଯେ ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ନାଗରିକତା ଛାଡ଼ିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ସୂଚନାଥାଉକି ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ରାଜ୍ୟସଭାରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ ୨୦୨୪ ମସିହାରେ ୨ ଲକ୍ଷ ୬ ହଜାର ଲୋକ ଭାରତୀୟ ନାଗରିକତା ଛାଡିଛନ୍ତି, ୨୦୨୩ ରେ ୨ ଲକ୍ଷ ୧୬ ହଜାର ୨୧୯ ଜଣ ଭାରତୀୟ ନାଗରିକତା ଛାଡ଼ିଛନ୍ତି । ଏହା ବ୍ୟତୀତ ୨୦୨୨ ମସିହାରେ ମୋଟ ୨ ଲକ୍ଷ ୨୫ ହଜାର ଲୋକ ଭାରତୀୟ ନାଗରିକତା ଛାଡ଼ିଛନ୍ତି । ଏହା ବ୍ୟତୀତ ୨୦୨୧ ରେ ୧ ଲକ୍ଷ ୬୩ ହଜାରରୁ ଅଧିକ ଲୋକ ଭାରତୀୟ ନାଗରିକତା ଛାଡ଼ିଛନ୍ତି । ୨୦୨୦ରେ ୮୫ ହଜାର ଲୋକ ନାଗରିକତା ଛାଡ଼ିଛନ୍ତି ଏବଂ ୨୦୧୯ ରେ ମୋଟ ୧ ଲକ୍ଷ ୪୪ ହଜାର ଲୋକ ଭାରତୀୟ ନାଗରିକତା ଛାଡ଼ିଛନ୍ତି । ରାଜ୍ୟସଭାରେ ଉପସ୍ଥାପିତ ତଥ୍ୟରେ କୁହାଯାଇଛି ଯେ ୨୦୨୩ ତୁଳନାରେ ୨୦୨୪ ମସିହାରେ ସାମାନ୍ୟ ହ୍ରାସ ଘଟିଛି । ସେହିପରି ଗତ ତିନି ବର୍ଷ ମଧ୍ୟରେ ଏହି ସଂଖ୍ୟା ଦୁଇ ଲକ୍ଷ ଉପରେ ରହିଛି ।

# ଦନାଇ କହେ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଲୋକ ସାହିତ୍ୟର ପ୍ରବାଦ, ପ୍ରବଚନ, ଢଗଢମାଳି ଏକ ଏକ ବିଶେଷ ଅଂଶ । ଏଗୁଡ଼ିକର ନିର୍ଦ୍ଦିଷ୍ଟ ରଚୟିତା ନାହାନ୍ତି । ତୁଣ୍ଡରୁ ତୁଣ୍ଡ ପ୍ରସାରିତ ହୁଏ, ହୋଇଯାଏ ଲୋକଗ୍ରାହ୍ୟ । ଏତାଦୃଶ କଳାକୃତିରେ 'ଦନାଇ କହେ', 'ନାଥ ବୋଲେ', 'ଡାକ ବୋଲେ' ଆଦିର ପ୍ରୟୋଗ ବାହୁମାତ୍ରାରେ ପରିଦୃଷ୍ଟ । ସାଧାରଣତଃ ପ୍ରକୃଷ୍ଟ ରଚନାବଳୀର ଭଣିତାରେ ଏହା ଦେଖିବାକୁ ମିଳିଥାଏ । କିନ୍ତୁ ଦନାଇ, ଡାକ, ନାଥଙ୍କ ସମ୍ପର୍କରେ କୌଣସି ସୂଚନା ନାହିଁ । ସମ୍ଭବତଃ ଲୋକକବିଟି ଗାଇଲାବେଳେ ଆପଣାର ନାମକୁ ଯୋଡ଼ି ଦେଇଛନ୍ତି କବିତାର ଶେଷରେ । ଏପରି ଦୃଷ୍ଟାନ୍ତମାନ ମଧ୍ୟ ରୀତିସାହିତ୍ୟ, ପୁରାଣ ସାହିତ୍ୟରେ ଅଭାବ ନାହିଁ । ଏପରିକି ଆପଣାର ନାଁ, ଗାଁ, ଠିକଣା, ଜାତି, କୁଳ, ଧର୍ମ- ଏ ସବୁକୁ ପୁରାଣକାର ଅବା କବିଟି ଉଲ୍ଲେଖ କରିବାକୁ ଅନେକତ୍ର ପାଶୋରି ନାହାନ୍ତି । ଅନୁରୂପ ଭାବେ 'ଦନାଇ କହେ'; ଏ ପ୍ରସଙ୍ଗ ଦେଖିବାକୁ ମିଳେ ଲୋକ ସାହିତ୍ୟରେ; ଠିକ୍ ସେମିତି ନାଥ, ଡାକ କହେ ହୋଇଥିବା ଯୁକ୍ତିଯୁକ୍ତ; ମାତ୍ର 'ଦନାଇ କହେ'ର ବ୍ୟବହାର ବହୁଳ ପରିଦୃଷ୍ଟ । ଏହା ପଛରେ ଆଉ ଗୋଟେ କାରଣ ନିହିତ । ଏହା ଅନୁମାନ ସାପେକ୍ଷ । କେହି ନିର୍ବୁଦ୍ଧିଆ କାମ କରେ । ତା' ପାଇଁ କଥା କଥାକେ ଗାଉଁଲି ମାନଙ୍କ ଅବଜ୍ଞା ସୂଚକ ଦନାଇ ଶବ୍ଦ ପ୍ରୟୋଗ ଏହାର ପ୍ରକୃଷ୍ଟ ଉଦାହରଣ । ଅନୁରୂପ ପ୍ରସଙ୍ଗଟିଏ । ଲୋକ କବିଟି ଆପଣାର କଳାକାର ସୁଲଭ ନମ୍ରତା ପ୍ରକାଶ କରେ । ନିଜକୁ 'ଦନାଇ' କହି ନ୍ୟୂନ କରିଥାଇ ପାରନ୍ତି; ମାତ୍ର ତା'ର ରଚନାବଳୀ ଯେ ସର୍ବକାଳିନ ମୂଲ୍ୟବୋଧ ବିଜଡ଼ିତ; ଏକଥାକୁ କିଏ ବା ଏଡ଼ି ଦେଇ ପାରିବ ? ସେମାନଙ୍କ ପ୍ରକୃଷ୍ଟ ବଚନ, ବାକ୍ୟ, କଥା ଅବା ଢଗରେ ରହିଛି ଅର୍ଥନୀତି, ରାଜନୀତି, ସାମାଜିକ ଚିତ୍ରାବଳୀ, ବୌଦ୍ଧିକ ଚାତୁର୍ଯ୍ୟ, ଜ୍ୟୋତିଷଶାସ୍ତ୍ର ସହ ଦୈନନ୍ଦିନ ଜୀବନର ହସ, କାନ୍ଦ, ଲୁହ, କୋହର କଥା-କାହାଣୀ; ସ୍ଥାନିତ ହୋଇଛି ରାଶିରାଶି ନୀତି ହିତ ଉପଦେଶମାନ, ଯାହାର ସାରସ୍ୱତ ମୂଲ୍ୟବୋଧ ଚିର ଭାସ୍ୱର । ପରିବର୍ତ୍ତିତ ଯୁଗଧର୍ମରେ ମଧ୍ୟ ଏହା ଚିର ଜାଜ୍ୱଲ୍ୟମାନ ।

ଲୋକ ସାହିତ୍ୟରେ 'ନାଥ କହେ'ର ବ୍ୟବହାର ସୀମିତ; ତଥାପି ଏଗୁଡ଼ିକ ଖୁବ୍ ଆକର୍ଷଣୀୟ । ତନ୍ମଧ୍ୟରୁ ଉଦାହରଣଟିଏ, "ପୂର୍ବ ମେଘ ଯେବେ ପଶ୍ଚିମେ ପଶେ । ସଜ ଗୋବରରେ ଅଂଶେଇ ବସେ/ ନାଥ ବୋଲେ ପୁତା ନିଶ୍ଚେ ବରଷେ ।" ଠିକ୍ ସେମିତି, "ଦିନରେ ଭେଳା ଭେଳା / ରାତିକି ନିର୍ମଳା / ନାଥ ବୋଲେ ପୁତା ଦେଶ ଛାଡ଼ି ପଳା ।" କୃଷି, ପାଣିପାଗ ସହିତ ହୀନଜଳ, ବହୁଜଳ ବୃଷ୍ଟି ସହ ଦୁର୍ଭିକ୍ଷର ଲକ୍ଷଣମାନ ଏଥିରେ ବର୍ଣ୍ଣିତ । ସେହିପରି 'ଡାକ କହେ' ସମ୍ପର୍କିତ ନଜିରଟିଏ "ଜାଣ ନ ଜାଣ ଝାମ୍ପୁଲା ଆଣ / ଖାଡ଼ିଆ ଶିଙ୍ଗା ସବୁଠଉଁ ଟାଣ / କୁଣ୍ଡଳ ଶିଙ୍ଗା ଦେଖିବୁ ଯେବେ / ଅଣ୍ଟିରୁ ପଇସା କାଢ଼ିବୁ ତେବେ / ଆଣିଥିବୁ ମୂଳା ଶିଙ୍ଗାକୁ ରସି / କାନ୍ଦୁଥିବୁ ହିଡ଼ ମୁଣ୍ଡରେ ବସି" - ଓଡ଼ିଶାର କୃଷି ଭିତ୍ତିକ ସମାଜରେ ଚାଷ ପାଇଁ ବଳଦର ଉପଯୋଗିତା ରହିଛି । ସୁଲକ୍ଷଣ ଯୁକ୍ତ ବଳଦଟିଏ କିଣିବା ପାଇଁ ଏଥିରେ ରହିଛି ସୂଚନାମାନ । ଚଷା ପୁଅକୁ ଆଉ ବଳଦ କିଣାରେ ହରବର ହେବାକୁ ପଡ଼େନି । 'ଡାକ' ବଚନକୁ ଗ୍ରହଣ କଲେ । 'ଦନାଇ କହେ' ପ୍ରସଙ୍ଗ ଓଡ଼ିଆ ପ୍ରବାଦ ପ୍ରବଚନରେ ଛାଇ ହୋଇ ଯାଇଛି । ଏଥିରେ ସାହିତ୍ୟ ସଂସ୍କୃତି ଠାରୁ ଆରମ୍ଭ କରି ନିତିପ୍ରତି ଜୀବନରେ ଘଟୁଥିବା ଘଟଣାମାନ- ଏ ସବୁର କଳାତ୍ମକ ପରିପ୍ରକାଶ ଘଟିଛି, ପାଠକକୁ ବହୁଳ ଭାବେ ଆକର୍ଷଣ କରୁଛି । ତହିଁରୁ ଚିତ୍ତ ଛୁଆଁ ପ୍ରବଚନଟିଏ, "ଟଙ୍କ ନଥାଇ ଟଭା / ଟାଙ୍ଗରା ମୁଣ୍ଡରେ ଗଭା / କୁଳ ଭୁଆସୁଣୀ ଦାଣ୍ଡରେ ଉଭା / କହେ ଦନାର ଏ କାହିଁକି ଶୋଭା ।" ଏ ଗୀତର ବେଶ୍ ଆଦର ରହିଛି ଜନଜୀବନରେ ।

ସାମାଜିକ ଅଙ୍ଗୀକାର ବଦ୍ଧତା ଲୋକଗୀତିର ଶ୍ରେଷ୍ଠ ବିଭବ । ନିତ୍ୟ ନୈମିତ୍ତିକ ଜୀବନର ଦେଖା ଯାଇଥିବା ସ୍ଖଳନ, ଅନାଚାର, ଦୁରାଚାର । ବ୍ୟଥିତ ଲୋକକବି । ଫଳତଃ ଏକ ବେସଜଡ଼ା ଜୀଇଁବା ଧାରାକୁ ସଜାଡ଼ିବାରେ ସେ କେବେ ହେଳା କରିନି । ଗୋଟେ କଥାରେ କହିଲେ ଲୋକ ସାହିତ୍ୟ ହିଁ ବାସ୍ତବ ଜୀବନର ପ୍ରତିଛବି । ସୁଖ, ଶାନ୍ତି ଭରା ଜୀବନ ପାଇଁ ଲୋଡ଼ା ଟିକେ ସ୍ନେହ, ଆଦର, ସୋହାଗ, ବନ୍ଧୁପଣ । ଏଥିରେ ଊଣା ପଡ଼ିଲେ ବଞ୍ଚିବା ହୋଇଯାଏ ଦୁର୍ବିସହ । ବିଶେଷ କରି ପାରିବାରିକ ଜୀବନ । ଏହାରି ଉପରେ ଲୋକ କବିଟି ଗୁରୁତ୍ୱ ଆରୋପ କରିଛି । ଯେଉଁଠି ପିତାପୁତ୍ର, ଜାୟାପତି, ଭାଇ ଭଉଣୀ, ଜ୍ଞାତି ବନ୍ଧୁ କୁଟୁମ୍ବଙ୍କ ଆନନ୍ଦରେ ନଥାନ୍ତି; ସେଠାରେ ଖାଲି ଯନ୍ତ୍ରଣା, ଯାତନା ହିଁ ସାର । ସାଂସାରିକ ବନ୍ଧନର ଦୃଢ଼ତାରେ ପାଚେରୀ ସଦୃଶ ଅଘଟଣମାନ । ତାହା ଲୋକକବିଟି ଦେଖାଇଦିଏ । ତନ୍ମଧ୍ୟରୁ ଉଦାହରଣଟିଏ; ପାଠପଢୁଆ ପୁଅ, ରୋଜଗାରିଆ; ବାପର ଆଶା ପଣତକାଳକୁ ହେବ ସାହା ଭରସା, ପିଣ୍ଡ ଶ୍ରାଦ୍ଧ ଦେବ, କୁଳ ଉଦ୍ଧାର କରିବ; ଫଳ କିନ୍ତୁ ବିପରୀତ । ଯେମିତି, "ପୁଅ ହୋଇ ବାପ ପାଖ ନମାଡ଼େ, ପାଠଛାଡ଼ି ଗୁଣି ଗାରେଢ଼ି ପଢ଼େ/ ଗୁରୁଜନକୁ ଯିଏ ଦେଖାଏ ଠେଙ୍ଗା / ବୋଲେ ଦନାଇ ଏ କୁଳ ବାଳୁଙ୍ଗା ।" ବିପଥଗାମୀ ପୁଅମାନଙ୍କର ଏତାଦୃଶ ଲକ୍ଷଣ କାହାକୁ ବା ବିବ୍ରତ ନ କରିବ ? ଜୀବନରେ ନୀତି, ନୈତିକତା, ଆଦର୍ଶ, ମଣିଷ ପଣିଆ, ଏଥି ସହିତ ମାନବିକତା ଏକାନ୍ତ ଲୋଡ଼ା; ମାତ୍ର ଛଦ୍ମବେଶୀମାନଙ୍କର କପଟାଚାର ସତ୍ ଚରିତ୍ରମାନଙ୍କୁ ବ୍ୟଥାଦିଏ; ଅନେକ ସମୟରେ ମରଣ ମୁହଁକୁ ଠେଲିଦିଏ । ଏ କ୍ଷେତ୍ରରେ ମଣିଷର ମନକୁ ପଢ଼ି, ବୁଝି ବନ୍ଧୁତା ସ୍ଥାପନ କରିବା ବାଞ୍ଛନୀୟ । ଏଇ କଥାକୁ ଦନାର କହନ୍ତି, "ଖୋସାମତିଆ ଯେବେ ହୁଏ ସାଙ୍ଗ / ଦୁଦୁରା ମଞ୍ଜି ମିଶାଇଲେ ଭାଙ୍ଗ / କିଣା ଚାକର କାଢ଼େ ଯେବେ ମାଙ୍ଗ / ଦନାଇ କହେ, ଏସବୁ କଥା ଭଲକୁ ନୋହେ ।" ଏସବୁ ପ୍ରସଙ୍ଗରେ ସତର୍କତା ଅବଲମ୍ବନ ଏକାନ୍ତ ଜରୁରୀ ।

କାଳେ କାଳେ ସମାଜ, ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଘଟେ । ସଭ୍ୟତା ନାଁରେ ଅନେକ ପ୍ରକାର ନକଲି ଆଦବ୍ କାଇଦା, ଏହାକୁ ଆପଣାଇ ନେଇ ଅନେକ ଗର୍ବିତ । ଏ ପରିପ୍ରେକ୍ଷୀରେ ଆପଣାକୁ ଚତୁର ମନେକରିବା, କୌଳିକ ପେଶାକୁ ଭୁଲିବା, ଅନାବଶ୍ୟକ ଅନୁକରଣ କରି ବେଶଭୂଷା ପରିଧାନ, ଫନ୍ଦି ଫିକର, ଏଥିରେ ଲୋକକବିଟି ମର୍ମାହତ । ଏଣୁ ସେ ସତର୍କ କରାଇ ଦିଏ, "ଫୁଲ ହୋଇ ଯେବେ ନଥାଏ ବାସ / ଫୁଲାଣିଆ ଯେବେ ହୁଏ ନରେଶ / ଫନ୍ଦାକରି ଯେବେ କରଇ ହେଳା / କହେ ଦନାଇ ଏ ବୁଡ଼ାଏ ଭେଳା ।" କେବଳ ସେତିକି ନୁହେଁ, "ବଡ଼ ଲୋକ ହୋଇ ନଥାଏ ବୁଦ୍ଧି / ବ୍ରାହ୍ମଣ ହୋଇ ନଥାଏ ସିଦ୍ଧି / ହାତେ ଖଡୁ ନାହିଁ ଗୋଡ଼ରେ ମୁଦି / କହେ ଦନାଇ ଏ ନିର୍ଲ୍ଲଜ ବୁଦ୍ଧି ।" ଅପ୍ରୟୋଜନୀୟ ଆଚରଣ ପରିହାର, ସଂସ୍କୃତି ସମ୍ପନ୍ନ ହେବା- ଏଥିପାଇଁ ଦନାଇଙ୍କର ଏ ହିତବାଣୀ ।

ଲୋକକବିଟି ମଧୁମୟ ଦାମ୍ପତ୍ୟ ଜୀବନ ଉପରେ ଗୁରୁତ୍ୱ ଆରୋପ କରେ । ହିନ୍ଦୁନାରୀର ସତୀତ୍ୱ; ଏକ ପତି, ଏକ ପତ୍ନୀ ବ୍ରତ ସାମାଜିକ ଶୁଦ୍ଧତା ଆଣିପାରିବ । ନିର୍ମଳ ଶାଶ୍ୱତ ପ୍ରେମରେ ଲମ୍ପଟ ପୁରୁଷ, ବାରନାରୀ ମାନେ ବାଧକ । ବାରନାରୀ ନୁହେଁ ବରନାରୀ ଏକାନ୍ତ କାମ୍ୟ । ଦନାଇ ବିଟପ, ବିଟପୀମାନଙ୍କୁ ବ୍ୟଙ୍ଗ କରିଛନ୍ତି, "ପାଣି ବୁହାନ୍ତିଙ୍କ ମୁଣ୍ଡରେ ଖୋସା / ପୋଇଲି ହୋଇ କରିଥାଏ ଓଷା / ପର ଗାଈ ଦୁହାଁ, ପର ଘରପଶା / କହେ ଦନାଇ ଏ ବିଷମ ଦଶା ।" ଏତିକିରେ କଥା ସରେନି; ବିପଥଗାମୀ ନାରୀର ମାନସିକତାକୁ ମ୍ଭ ଲୋକକବିଟି ଚିତ୍ରଣ କରିଛନ୍ତି;"ମାଲୁଣୀ ସଙ୍ଗତେ ବସଇ ସହୀ / ନିଜ ପରଶଂସା ଉଠଇ ଗାଇ / ଓଠ ରଙ୍ଗକରେ ବିଡ଼ିଆ ଖାଇ / ଦାଣ୍ଡ ଦୁଆରେ ଠିଆ ହୁଏ ଯାଇ / ପାଞ୍ଚଲୋକ ଯା'ର ଧରମ ଭାଇ / ପୁରୁଷ ଦେଖିଲେ ମାରଇ ହାଇ / ଛିଣ୍ଡାଳୀ ଲକ୍ଷଣ ଦନାଇ କହି ।" ଏଇଠି ଲୋକ କବିଟି ଗୋଟେ ମନସ୍ତତ୍ତ୍ୱବିତ୍ । ସହଜରେ ପଢ଼ି ନେଇଛି ନାରୀ ମନ ଗହନର ଗୋପନ କଥାକୁ !

ଲୋକକବିଟିର ରହିଛି ତୃତୀୟ ନୟନ । ଏଥିରେ ସେ ଦେଖେ, ଭଲମନ୍ଦ, ଆକଳନ କରେ, ଫଳାଫଳ ବି ନିରୂପଣ କରିଦିଏ । ଏ ସମ୍ପର୍କରେ ଦନାଇର କେତେକ ବହୁ ମୂଲ୍ୟବାନ ପ୍ରବଚନ, "ପାଇକ ହୋଇ ଚରଣ ଫାଟୁଆ / ବଳଦ ହୋଇ ଚାଲଇ ମଠୁଆ / ପୁରୁଷ ହୋଇ ମାଇପ ଚାଟୁଆ / ଗାୟକ ହୋଇ ତା' କଣ୍ଠ ମୋଟୁଆ / କହେ ଦନାଇ ଏ ହଟ ହଟୁଆ ।" ପୁନଶ୍ଚ, "ତିଅଣ ହୋଇ ହୁଅଇ ଅଲଣା / ସୁନାଝାଳିବାରେ ନାହିଁ ଟାଙ୍ଗଣା / ତାଳ ଧରି ଯେବେ ହୁଅନ୍ତି ବଣା/ ଝିଅଙ୍କୁ ବଢ଼ାନ୍ତି କରି ଦୁଲଣା / କହେ ଦନାଇ ଏ ଚାରିହେଁ କଣା ।" ଏ ସମ୍ପର୍କିତ ଆଉ ଏକ ଉଦାହରଣ, "ଚିତ୍ତ ଦୃଢ଼ କରି ଶଠ ଲକ୍ଷଣ / ଚିତାକାଟି ମାଳା କରେ ଭଜନ/ ଚାହେଁ ନେବା ପାଇଁ ପରର ଧନ/ କହେ ଦନାଇ ଏ ଠକ ଦୁର୍ଜନ" - ଏଙ୍କୁ ବେଳହୁଁ ସାବଧାନ; ନଚେତ୍ ଭେଳା ବୁଡ଼ିବ ହିଁ ବୁଡ଼ିବ !

ଲୋକକବିଟିର ହିନ୍ଦୁଧର୍ମୀୟ ଜୀବନସତ୍ତା ପାଇଁ ରହିଛି ମମତ୍ୱବୋଧ; କିନ୍ତୁ ଧର୍ମଧ୍ୱଜୀ, ନାରୀ ମାଂସଲୋଭୀ, ବିଳାସ, ସୁଖ, ଇନ୍ଦ୍ରିୟ ଲାଳସା ବଶବର୍ତ୍ତୀ, ଏମାନଙ୍କ ବିରୋଧରେ ଅଛି ତୀବ୍ର ପ୍ରତିକ୍ରିୟା । ଧର୍ମ ନାମରେ ଶୋଷଣ, ଲୁଣ୍ଠନ, ବ୍ୟଭିଚାରକୁ ଦନାଇ କେବଳ ଘୃଣା କରିନାହାନ୍ତି; ଗୀତଛଳରେ ନକଲି ସାଧୁମାନଙ୍କୁ ଚିହ୍ନାଇ ଦେଇଛନ୍ତି । ଆଗୁଆ ସାବଧାନ କରିଦେଇଛନ୍ତି ଭ୍ରମିତମାନଙ୍କୁ । ଚେତାଇ ଦେଇଛନ୍ତି, "ରାମନାମ ବୋଲୁ ଥାଇ ମୁଖେ / ରାଗ କହୁଥାନ୍ତି ଜଗତ ଲୋକେ / ରାଗୁଆ ବୋଲିଣ ତାହାକୁ କହି / କହି ଦନାଇ ସେ ଯୋଗୀ ନୁହଁଇ ।" ଏତାଦୃଶ ଭଣ୍ଡମାନଙ୍କ, "ହସନ୍ତି ମନରେ ନଥାଏ ଦୟା / ହୃଦୟ ଭିତରେ କରନ୍ତି ମାୟା / ହରଷା ବୋଲିଣ ତାହାକୁ କହି / କହେ ଦନାଇ ଏ କଥା ନୁହଇ" - ଏହା ଅକଥା । ସେହିପରି, "ଲମ୍ପଟୀ ସନ୍ନ୍ୟାସୀ କପଟୀ ଯୋଗୀ / ଦାରୀ ବିଆଣିଆ ବଇଦ ରୋଗୀ / ଲାଜୁଆ ଭଣ୍ଡାରି, କାଶୁଆ ଚୋର / ବୋଲେ ଦନାଇ ବୁଡ଼େ ଏୟାଙ୍କ ଘର" - ବଞ୍ଚିବା ପାଇଁ ଯେ ଯେଉଁ ପଥ ଅବଲମ୍ବନ କରୁପଛେ; ଏଥିପାଇଁ ନିଷ୍ଠା, ସଂଯମ ଏକାନ୍ତ ଜରୁରୀ । ଏ କଥାଟି ଲୋକକବିଙ୍କୁ ବେଶ୍ ଜଣା ।

କେବଳ ନୀତି, ହିତବାଣୀ ଦନାଇ ପ୍ରବଚନର ଶେଷକଥା ନୁହେଁ । ସେ ଗୀତ ଗାଇଛନ୍ତି, ହସାଇଛନ୍ତି, ମଜେଇ ରଖିଛନ୍ତି, ସଜାଡ଼ିଛନ୍ତି, ତତ୍ ସହିତ ପରଶିଛନ୍ତି ସାହିତ୍ୟ-ରସ-ମକରନ୍ଦ । ଦନାଇ ବଚନର ସାବଲୀଳ, ଲଳିତ, ମଧୁର ଶବ୍ଦାବଳୀ, ଛୁଇଁଯାଏ କୋଟି ଜନପ୍ରାଣକୁ । ଅନେକ ସମୟରେ ଛାନ୍ଦ ମାଧୁର୍ଯ୍ୟ, ରସ ଚାତୁର୍ଯ୍ୟରେ ବିହ୍ୱଳ କରିଦିଏ ବିଦଗ୍ଧ ପାଠକକୁ । ଦନାଇ ବଚନର ଆଳଙ୍କାରିକତା, ଉପମା, ଉପମାନ, ପ୍ରତୀକମାନ ପ୍ରୟୋଗ । ତାହା ଉଚ୍ଚକୋଟୀର ସାହିତ୍ୟ ମର୍ଯ୍ୟାଦା ପ୍ରଦାନ କରିଛି । ଏହା ବିଦଗ୍ଧ ସାହିତ୍ୟଠାରୁ ଯେ ବହୁ ଉର୍ଦ୍ଧ୍ୱରେ ଏ କଥାକୁ ବା କିଏ ଅସ୍ୱୀକାର କରିବ ? କଣ୍ଟକ ରହିତ ଜୀବନର ଚଲାପଥରେ ଦନାଇ ବଚନ ପୁଷ୍ପ, ଚନ୍ଦନ ବୃଷ୍ଟିକରେ । ଏକ ସଫଳ, ପୂର୍ଣ୍ଣାଙ୍ଗ ଜୀବନ ପାଇଁ ଏଥିରେ ରହିଛି ରାଶିରାଶି ସତ୍ ଉପଦେଶ, ରହିଛି ଆଧାତ୍ମ ଚିନ୍ତନ ପାଇଁ ସୁଚିନ୍ତିତ ପରାମର୍ଶ । ସେଇ ବିନ୍ଦୁ-ରସ-ଅମୃତ ହିଁ ଦେଇ ପାରିବ ଇପ୍ସିତ ସୁଖ ଟିକକ । ଏଣୁ, "କାମ କରି ସାରି ବସିବ, ଶତ୍ରୁ ମାରି ପଛେ ହସିବ
ଅପମାନ ଥାନୁ ଖସିବ, ବୈଶାଖ ଜ୍ୟେଷ୍ଠରେ ଚଷିବ
ଗୁରୁଙ୍କ ଆଗରେ ଲସିବ, ପର ଘରେ ଡାକି ପଶିବ
ହରିଙ୍କ କଥାରେ ରସିବ, ଦନାଇ ମନକୁ ଆସିବ ।"

ଏଣିକି ସୁଖ ଶାନ୍ତିରେ ମହକି ଯିବ ଜୀବନ, ମିଳିବ ଶାଶ୍ୱତ ଆନନ୍ଦ ଟିକକ । ଏଇତ ଦନାଇ ବଚନ; ଏହା କି ଅନ୍ୟଥା ହୋଇବ !

# ଅଲୌକିକ ଶୈବପୀଠ ସୁବର୍ଣ୍ଣମେରୁ



ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର
ମୋ-୮୧୪୪୮ ୭୦୭୨୯

ହିନ୍ଦୁମାନେ ବର୍ଷର ବାରମାସରୁ ଶ୍ରାବଣ ମାସଟିକୁ ବେଶ ଗୁରୁତ୍ୱପୂର୍ଣ୍ଣ ବିବେଚନା କରିଥାନ୍ତି ।ଏହି ମାସର ଆଗମନରେ ଭକ୍ତମାନଙ୍କ ମନରେ ପ୍ରସିଦ୍ଧ ଶୈବପୀଠ ଗୁଡ଼ିକ ବିଷୟରେ ଜିଜ୍ଞାସା ଆଣିଥାଏ । ଏଥିପାଇଁ ଶ୍ରଦ୍ଧାଳୁ ମାନେ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଶୈବପୀଠକୁ ଦର୍ଶନ ନିମନ୍ତେ ମନ ବଳାନ୍ତି । କେହି କେହି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଯାତ୍ରା କରିଥାନ୍ତି । ଅନେକ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଯାତ୍ରା ବଦଳରେ ନିଜ ନିଜ ଅଞ୍ଚଳରେ ପ୍ରସିଦ୍ଧ ତଥା ମହିମା ଓ ଅଲୌକିକ ମଣ୍ଡନ କରିଥିବା ମନ୍ଦିରକୁ ଦର୍ଶନ କରିବାର ସଂକଳ୍ପକୁ ପୁରା କରିବାର ଚେଷ୍ଟା କରିଥାନ୍ତି । ସେହିକ୍ରମରେ ଗୌରବମୟ ଶୈବମୟ ସୁବର୍ଣ୍ଣପୁରକୁ ଶ୍ରଦ୍ଧାଳୁ ମାନଙ୍କ ଆଗମନ ହୁଏ । ମନ୍ଦିର ମାଳିନୀ ସହର ସୁବର୍ଣ୍ଣପୁରର ଅଲୌକିକ ଶିବ ଠାକୁର ହେଉଛନ୍ତି ଦେବ ଦେବ ମହାଦେବ ସୁବର୍ଣ୍ଣମେରୁ । କଥିତ ଅଛି ମହାପ୍ରଭୁଙ୍କ ଆବିର୍ଭାବ ସମୟରେ ଅଢ଼େଇ ଦଣ୍ଡ ସୁବର୍ଣ୍ଣ ବୃଷ୍ଟି ହୋଇଥିଲା । ସେଥିପାଇଁ ସୋନପୁର ଦରବାରର କବି ଗୋପିନାଥ ପାଣିଗ୍ରାହୀ ପ୍ରଭୁଙ୍କ ଉଦ୍ଦେଶ୍ୟରେ ସୃଷ୍ଟି କରିଥିଲେ ଏକ ସୁନ୍ଦର କବିତା:-

ଦେବ ସ୍ୱର୍ଣ୍ଣଶମ୍ଭୁ ହର ବୌଦ୍ଧ ରାଜ୍ୟତେଜି
ବିଜେ କଲେ ସୁବର୍ଣ୍ଣପୁର ପୁଣ୍ୟ ଭୂମି ହେଜି ।
ହେଲା ତେବେ ସ୍ୱର୍ଣ୍ଣ ବୃଷ୍ଟି ଅଢ଼େଇ ପ୍ରହର
ନ ରହିଲା କାୟ କ୍ଲେଶ ପ୍ରଜା ସମୂହର ।

ଏହି କିମ୍ବଦନ୍ତୀ ମଣ୍ଡନ କରୁଥିବା ଶୈବ ପୀଠଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ନଦୀନାଳ ଘେରା ସହର ସୁବର୍ଣ୍ଣପୁର ଦେଇ ପ୍ରବାହିତ ତେଲନଦୀ କୂଳରେ ବିଦ୍ୟମାନ । କାହିଁ କେଉଁ ଦୂରଦୂରାନ୍ତରୁ ଭକ୍ତମାନେ ବାବା ସୁବର୍ଣ୍ଣମେରୁଙ୍କ ମହିମା ଯୋଗୁଁ ଦର୍ଶନ ପାଇଁ ଚାଲିଆସିଥାନ୍ତି । ଆସି ବାବାଙ୍କ ଦର୍ଶନର ଦିବ୍ୟ ଅନୁଭୂତି ଓ କୃପା ଆଶିଷ ନେଇ ଖୁସି ମନରେ ଫେରିଥାନ୍ତି । ଜନଶୃତି ରହିଛି ବାବାଙ୍କ ପାଖରେ ସ୍ୱଚ୍ଛ ମନରେ ନିଷ୍ଠା ଓ ଭକ୍ତିର ସହ ପୂଜାର୍ଚ୍ଚନା କରିବା ଦ୍ୱାରା ବାବା ଭକ୍ତଙ୍କ ମନସ୍କାମନା ପୂରଣ କରିଥାନ୍ତି ।

ସୁବର୍ଣ୍ଣମେରୁଙ୍କ ଆବିର୍ଭାବ ନେଇ ଲୋକକଥା:-

ପୂର୍ବରୁ ଗମନାଗମନର ମାଧ୍ୟମ ଥିଲା ଶଗଡ଼ ଗାଡ଼ି । ନଦୀକୁ ପାରହବାକୁ ହେଲେ ନୌକାର ସହାୟତା ପଡୁଥିଲା । ତତ୍କାଳୀନ ସୁବର୍ଣ୍ଣପୁର ଗଡ଼ଜାତ ଅଂଚଳର ନେଉଳି ନାମରେ ଏକ ତୈଳିକ ବୈଶ୍ୟ ଅବସ୍ଥାନ କରୁଥିଲା । ଏକ ସମୟରେ ସେ ତାହାର ବ୍ୟବସାୟ ଉଦ୍ଦେଶ୍ୟରେ ପଡ଼ୋଶୀ ଗଡ଼ଜାତ ବୌଦ୍ଧ ରାଜ୍ୟକୁ ଶଗଡ଼ରେ ବୋଝେଇ ପଣ୍ୟଦ୍ରବ୍ୟ ନେଇ ଯାତାୟାତ କରିବାକୁ ବାହାରିଥିଲା । ବ୍ୟବସାୟ ପାଇଁ ଯିବା ସମୟରେ କୋଣସି କାରଣ ବଶତଃ ରାଜ୍ୟର ଅପରପାର୍ଶ୍ୱରେ ନଦୀକୂଳରେ ଏକ ବିରାଟକାୟ ବଟବୃକ୍ଷ ନିକଟରେ ବିଶ୍ରାମ ନେଇଥିଲା । କିଛି ସମୟ ବିଶ୍ରାମ ନେବା ପରେ ଯାତ୍ରା ଆରମ୍ଭ ସମୟରେ ଦେଖିବାକୁ ପାଇଥିଲା ଶଗଡ଼ ଗାଡ଼ିରେ ବୋଝେଇ ହୋଇଥିବା କିଛି ବସ୍ତାରୁ ସାମଗ୍ରୀ ତଳେ ପଡ଼ି ଯାଇଥିବା କଥା । କିଛି ବସ୍ତାର ମୁହଁ ଖୋଲି ଯାଇଥିବା ଦେଖିବାକୁ ପାଇଲା । ତାକୁ ଠିକ୍ କରିବା ପାଇଁ ପାଖରେ ରଖିଥିବା ଡ଼ାମ୍ଫଣକୁ ବାହାର କରିଥିଲା । ଦେଖିଲା ତାହା କଳଙ୍କି ଲାଗିଯାଇଛି । ତାକୁ ପାର୍ଶ୍ୱରେ ଥିବା ଏକ ପଥର ଉପରେ ଘଷିବାକୁ ଲାଗିଲା । ଘଷିବା ବେଳେ ଦେଖିଲା ତାହା ସୁବର୍ଣ୍ଣରେ ପରିଣତ ହୋଇଯାଇଛି । ସେ କୌତୁହଳ ବଶତଃ ପାଖରେ ଥିବା ସମସ୍ତ ଲୌହ ସାମଗ୍ରୀକୁ ଘଷିବା ଫଳରେ ତାହା ସୁବର୍ଣ୍ଣରେ ପରିଣତ ହୋଇଗଲା । ଫଳରେ ଲୋଭ ସମ୍ବରଣ କରି ନ ପାରି ସେହି ପଥରକୁ ସେ ଠାରୁ ନେବାପାଇଁ ଉଦ୍ୟମ ଆରମ୍ଭ କରିଥିଲା । କିନ୍ତୁ ତାହା ସେଠାରୁ କାଢ଼ିବାରେ ସଫଳ ହୋଇ ନଥିଲା । କ୍ଳାନ୍ତ ହୋଇପଡ଼ିଥିଲା । ସେଠାରେ ବିଶ୍ରାମ ସମୟରେ ତାହାର ଆଖି ଲାଗି ଯାଇଥିଲା । ଏହି ସମୟରେ ସ୍ୱପ୍ନାଦେଶ ହୋଇଥିଲା । ତୁ ଯାହାକୁ ସାମାନ୍ୟ ପଥର ଭାବିଛୁ ତାହା ସାମାନ୍ୟ ପଥର ନୁହେଁ । ମୁଁ ସ୍ୱୟଂ ଦେବ ଦେବ ମହାଦେବ ସୁବର୍ଣ୍ଣମେରୁ । ଏତକ ଜାଣିବା ପରେ ସେଠାରେ ସେ ପୂଜାର୍ଚ୍ଚନା ଆରମ୍ଭ କରିଦେଇଥିଲା । ପ୍ରଭୁ ପୁଣିଥରେ ତାକୁ ସ୍ୱପ୍ନାଦେଶ ଦେଲେ ଏବେ ଏହି ସ୍ଥାନ ଅପବିତ୍ର ହୋଇସାରିଛି । ଗୋଟିଏ ଅସୁର ଆସି ଏଠାରେ ଅବସ୍ଥାନ କରୁଛି । ଏଣୁ ତୁ ଯାଆ ନଦୀର ଅପର ପାର୍ଶ୍ୱରେ ଯାଇ ନଦୀ କୂଳେ କୂଳେ ମୋତେ ପୂଜା କରିବୁ । ସେତେବେଳେ ପ୍ରଭୁ ତାକୁ କହିଥିଲେ ମୁଁ ଯେଉଁଠାରେ ଆବିର୍ଭାବ ହେବି ସେଠାରେ ଅଢ଼େଇ ଦଣ୍ଡ ସୁବର୍ଣ୍ଣ ବୃଷ୍ଟି ହୋଇବ । ତୁ ସେହି ସ୍ଥାନରେ ପୂଜା ଆରାଧନା କରିବୁ । ସତକୁ ସତ ବ୍ୟବସାୟୀ ନେଉଳି ଆସି ଦେଖେତ ସୁବର୍ଣ୍ଣ ବର୍ଷା ହୋଇଥିବା ଦୃଶ୍ୟମାନ ସ୍ଥାନରେ ଦେବ ଦେବ ମହାଦେବ ସୁବର୍ଣ୍ଣମେରୁ ଆବିର୍ଭୂତ ହୋଇଛନ୍ତି । ସେହିଦିନଠାରୁ ସେଠାରେ ରହି ପୂଜାର୍ଚ୍ଚନା କଲା । ପରବର୍ତ୍ତୀ ସମୟରେ ସେଠାରେ ଏକ ମନ୍ଦିର ନିର୍ମିତ ହେଲା ଯାହାକି ସୁବର୍ଣ୍ଣମେରୁ ନାମରେ ଖ୍ୟାତି ଅର୍ଜନ କଲା । ଏଣୁ ଜନବିଶ୍ୱାସ ରହିଛି ବାବା ସୁବର୍ଣ୍ଣମେରୁଙ୍କୁ ଶ୍ରାବଣ ମାସରେ ଦର୍ଶନ କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ଓ କୋଟି ଜନ୍ମର ପୁଣ୍ୟ ଅର୍ଜନ ହୋଇଥାଏ ।




# ଶିବଙ୍କ ଆରାଧନାରେ ଶ୍ରାବଣ ମାସ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଆଧ୍ୟାତ୍ମିକ ସାଧନା ପାଇଁ ସବୁଠାରୁ ଶ୍ରେଷ୍ଠ ସମୟ ହେଲା ଚତୁର୍ମାସ୍ୟା । ଚତୁର୍ମାସ୍ୟାର ମାସ ଗୁଡିକ ହେଲା ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଏବଂ କାର୍ତ୍ତିକ ।ଏହି ଚାରି ମାସ କୁ ନେଇ ଚତୁର୍ମାସ୍ୟା ହୋଇଥାଏ । ସାଧାରଣ ଗୃହସ୍ଥ ମାନେ ଏହି ଚତୁର୍ମାସ୍ୟା ରେ ପୁଣ୍ୟ ଅର୍ଜନ କରିବା ପାଇଁ ସାତ୍ତ୍ୱିକ ଜୀବନ ଯାପନ କରିଥାନ୍ତି । ଶ୍ରାବଣ ମାସ ହେଉଛି ଚତୁର୍ମାସ୍ୟାର ପ୍ରଥମ ମାସ । ଏହି ସମୟରେ ଆଧ୍ୟାତ୍ମିକ ସାଧନାରେ ନିୟୋଜିତ ସାଧକମାନେ ବା ଆଧ୍ୟାତ୍ମିକ ଗୁରୁମାନେ ହିମାଳୟକୁ ଛାଡି ଜନବସତିକୁ ଆସିଥାନ୍ତି । ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଲା ସାଧାରଣ ମଣିଷକୁ ଆଧ୍ୟାତ୍ମିକ ଚିନ୍ତା ଓ ଚେତନାର ଆଲୋକ ଦେବା । ଶ୍ରାବଣ ମାସରେ ଭାରତରେ ମୌସୁମୀ ବର୍ଷାର ପ୍ରଭାବ ଦେଖିବାକୁ ମିଳିଥାଏ । ପଶୁ, ପକ୍ଷୀ, ଗଛ ବୃକ୍ଷ ଜୀବଜନ୍ତୁ ମୌସୁମୀର ସ୍ପର୍ଶ ପାଇ ଉଲ୍ଲାସିତ ହୋଇଥାନ୍ତି । ଲୋକମାନେ ଶ୍ରାବଣ ମାସକୁ ସାତ୍ତ୍ୱିକ ମାସ ଭାବରେ ମାନିଥାନ୍ତି । ଶ୍ରୀମଦ ଭଗବତ ଗୀତାରେ ତିନି ପ୍ରକାରର ଆହାରର ଉଲ୍ଲେଖ କରାଯାଇଛି । ସେହି ଗୁଡିକ ହେଲେ ସାତ୍ତ୍ୱିକ ଆହାର, ରାଜସିକ ଆହାର ଓ ତାମସିକ ଆହାର । ସାତ୍ତ୍ୱିକ ଆହାର ଖାଇବା ଦ୍ୱାରା ମଣିଷ କିଛିକାଂଶରେ ନିଜ ମନକୁ ସଞ୍ଜମ କରିପାରିବ ବୋଲି ବିଶ୍ୱାସ ରହିଛି । ହିନ୍ଦୁ ମାନ୍ୟତା ଅନୁସାରେ ଆଧ୍ୟାତ୍ମିକ ସାଧନାର ଅର୍ଥ ହେଲା ନିଜ ମନ ଓ ଇନ୍ଦ୍ରିୟକୁ ସଞ୍ଜମ କରିବା । ସେଥିପାଇଁ ଆମର ସମସ୍ତ ପୂଜା ପର୍ବାଣିରେ କିପରି ମନକୁ ସଞ୍ଜମ କରାଯାଇପାରିବ ତାର ଉଲ୍ଲେଖ ରହିଛି । ଶ୍ରାବଣ ମାସକୁ ଶିବଙ୍କ ମାସ ବୋଲି ମଧ୍ୟ କୁହାଯାଏ । ଏହି ମାସରେ ଲୋକମାନେ ମୁଖ୍ୟତଃ ଶିବଙ୍କର ଆରାଧନା କରିଥାନ୍ତି । ହିନ୍ଦୁ ମାନ୍ୟତା ଅନୁସାରେ ଦକ୍ଷ ନନ୍ଦିନୀ ସତୀ ଶ୍ରାବଣ ମାସରେ ଶିବଙ୍କର ସାନ୍ନିଧ ପାଇଥିଲେ । ପୁରାଣରେ ଉଲ୍ଲେଖ ରହିଛି ଯେ ଏହି ମାସରେ ଦେବତା ଓ ରାକ୍ଷସମାନେ ଅମୃତ ପାଇବା ପାଇଁ ଖିର ସମୁଦ୍ରକୁ ମନ୍ଥନ କରିଥିଲେ ଏବଂ ଖିର ସମୁଦ୍ରରୁ ହଳାହଳ ବିଷ ବାହାରିଥିଲା । ହଳାହଳ ବିଷର ଜ୍ୱାଳାରେ ସମଗ୍ର ବ୍ରହ୍ମାଣ୍ଡ ଜଳିବାକୁ ଲାଗିଥିଲା । ହଳାହାଳ ବିଷକୁ କଣ କରାଯିବ ସେଥିପାଇଁ ସମସ୍ତେ ଚିନ୍ତିତ ଥିବା ବେଳେ ଭଗବାନ ଶିବ ସ୍ୱୟଂ ସେହି ବିଷ ପାନ କରିଥିଲେ । ଶିବଙ୍କ ପତ୍ନୀ ଉମା ହଳାହଳ ବିଷ ଯେପରି ଭଗବାନ ଶିବଙ୍କ ଉଦରକୁ ନ ପହଞ୍ଚୁ ସେଥିପାଇଁ ଶିବଙ୍କର କଣ୍ଠରେ ହାତ ରଖିଦେଲେ । ହଳାହଳ ବିଷ ଭଗବାନ ଶିବଙ୍କ କଣ୍ଠରେ ରହିଗଲା ଏବଂ ବିଷର ଜ୍ୱାଳାରେ ଭଗବାନ ଶିବଙ୍କ କଣ୍ଠ ନୀଳ ହୋଇଗଲା । ସେହି ଦିନଠାରୁ ଭଗବାନ ଶିବଙ୍କୁ ନୀଳକଣ୍ଠ ବୋଲି କୁହାଗଲା । ବିଷର ଜ୍ୱାଳାରୁ ଶିବଙ୍କୁ ମୁକ୍ତ କରିବା ପାଇଁ ଜଳାଭିଷେକ କରାଯାଇଥାଏ । ବିଭିନ୍ନ ପ୍ରକାର ଫୁଲ ଯଥା ଦୁଦୁରା, ଚମ୍ପା ଓ ଅରଖ ଦିଆଯାଇ ଭଗବାନ ଶିବଙ୍କ ଆରାଧନା କରାଯାଇଥାଏ । ମହାଭାରତରେ ଉଲ୍ଲେଖ ରହିଛି ଯେ ଅର୍ଜ୍ଜୁନ ଶତ୍ରୁଙ୍କ ଉପରେ ବିଜୟ ପାଇବା ପାଇଁ ଶିବଙ୍କୁ ଆରାଧନା କରିଥିଲେ ଏବଂ ଶିବଙ୍କ କୃପାରୁ ଅର୍ଜୁନଙ୍କୁ ପାଶୁପତି ଅସ୍ତ୍ର ମିଳିଥିଲା । ପାଶୁପତି ଅସ୍ତ୍ରର ପ୍ରୟୋଗ ଏବଂ ଉପସଂହାରର ଜ୍ଞାନ ସ୍ୱୟଂ ଭଗବାନ ଶିବ ଅର୍ଜୁନଙ୍କୁ ଦେଇଥିଲେ । ହିନ୍ଦୁ ମାନ୍ୟତା ଅନୁସାରେ ସୃଷ୍ଟି, ସ୍ଥିତି ଓ ପ୍ରଳୟ ତ୍ରିମୂର୍ତ୍ତି ଯଥା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ହାତରେ ଅଛି । ମହାଦେବ ଶିବ ସ୍ୱୟଂ ଯୋଗେଶ୍ୱର । ବିଶ୍ୱାସ ରହିଛି ଯେ ଭଗବାନ ଶିବ ହେଉଛନ୍ତି ଶ୍ମଶାନ ବାସୀ । ଜୀବନର ସତ୍ୟକୁ ମାନବ ସମାଜ ଆଗରେ ବାଢ଼ିଥାନ୍ତି । ମୃତ୍ୟୁ ଏକ ଚିରନ୍ତନ ସତ୍ୟ । କାଲିର କ୍ଷମତାଶାଳୀ ମଣିଷ ମୃତ୍ୟୁ ପରେ ଅସହାୟ ହୋଇ ଯେଉଁଠି ଶୋଇଛି ଜଣେ ସର୍ବହରା ମୃତ୍ୟୁ ପରେ ମଧ୍ୟ ସେଇଠି ଶୋଇଛି । ଏହି ଦୃଶ୍ୟ ମଣିଷ ମନରେ ବୈରାଗ୍ୟ ଉଜାଗର କରେ । ଆଦିଶଂକରାଚାର୍ଯ୍ୟ ମଧ୍ୟ ଏହି ସତ୍ୟକୁ ଉଜାଗର କରିଥିଲେ 'ମା କୁରୁ ଧନ ଜନ ଯୌବନ ଗର୍ବ, ନିମିଷକେ ହରତି କାଳ ସର୍ବ' । ଶ୍ରାବଣ ମାସରେ କାଉଡିବାଲା ମାନେ ବିଭିନ୍ନ ନଦୀର ପାଣି ଆଣି ମାଇଲ ମାଇଲ ରାସ୍ତା ଚାଲି ଶିବଙ୍କୁ ଜଳାଭିଷେକ କରିଥାନ୍ତି । ଶିବଙ୍କ ଆରାଧନା ପାଇଁ କାଉଡିଆ ମାନେ ରାସ୍ତାରେ ଯିବା ବେଳେ କେତେକ ସ୍ଥାନରେ ଦୁର୍ଘଟଣାର ଶିକାର ମଧ୍ୟ ହୁଅନ୍ତି । ଶ୍ରାବଣ ସୋମବାର ଦିନ ମୁଖ୍ୟତଃ ଏହି ଜଳାଭିଷେକ କରାଯାଇଥାଏ । କାଉଡିଆ ମାନେ କାନ୍ଧରେ କାଉଡି ଧରି ଶିବ ଭକ୍ତିରେ ଲୀନ ହୋଇଥାନ୍ତି । ଶ୍ରାବଣର ବର୍ଷା ଧାରା ସେମାନଙ୍କ ଭକ୍ତିରେ ବାଧା ସୃଷ୍ଟି କରିପାରେନାହିଁ । ଅନେକ ସ୍ଥାନରେ ଗଙ୍ଗାରୁ ପାଣି ଆଣି ଲୋକମାନେ ରୁଦ୍ରାଭିଷେକ କରିଥାନ୍ତି । ଏହି ପରମ୍ପରା ରାମେଶ୍ୱରମରେ ମଧ୍ୟ ରହିଛି । ଭକ୍ତମାନେ ବନାରସରୁ ଗଙ୍ଗା ଜଳ ନେଇ ରାମେଶ୍ୱରମକୁ ଯାଇ ଚଢାଇ ଥାନ୍ତି । ଶ୍ରାବଣ ମାସରେ ଯେଉଁ ଭକ୍ତ ଭକ୍ତି ଓ ଶ୍ରଦ୍ଧାରେ ଶିବଙ୍କ ପୂଜାଅର୍ଚ୍ଚନା କରେ ସେହି ଭକ୍ତଙ୍କ ମନକାମନା ଶିବ ପୂରଣ କରିଥାନ୍ତି । ଶିବ ମନ୍ଦିରରେ ଭକ୍ତଙ୍କ ଭିଡ ମଧ୍ୟ ଜମିଥାଏ । କାଉଡିବାଲା ଶିବଙ୍କ ଭକ୍ତି ପାଇଁ ସବୁ କଷ୍ଟ ଉଠାଇବା ପାଇଁ ପ୍ରସ୍ତୁତ । ଏହାକୁ ଆମେ କହିପାରିବା ଭକ୍ତିର ଶକ୍ତି । କାଳୀ ଦାସ,



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





## କ୍ଷୁଦ୍ର ଏବଂ ମଧ୍ୟମ ବର୍ଗର ଉଦ୍ୟୋଗୀଙ୍କ ନିକଟରେ ପହଞ୍ଚିବ ବ୍ୟାଙ୍କ ସେବା

**କଟକ, ନ୍ୟୁଜ୍ ବ୍ୟୁରୋ**

କ୍ଷୁଦ୍ର ଏବଂ ମଧ୍ୟମ ବର୍ଗର ଉଦ୍ୟୋଗୀ ମାନଙ୍କୁ ବ୍ୟାଙ୍କ ଧାଇଁବାକୁ ପଡିବନାହିଁ ବରଂ ସେମାନଙ୍କ ନିକଟରେ ପହଞ୍ଚିବ ବ୍ୟାଙ୍କ ସେବା । ଏଭଳି ମତ ରଖିଛନ୍ତି ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ କର୍ତ୍ତୃପକ୍ଷ । ଶୁକ୍ରବାର କଟକରେ ଆୟୋଜିତ କାର୍ଯ୍ୟକ୍ରମରେ ଏଭଳି ସୂଚନା ପ୍ରଦାନ କରାଯାଇଛି । କ୍ଷୁଦ୍ର ଉଦ୍ୟୋଗୀ ମାନଙ୍କ ଲାଗି ଭାରତ ସରକାର ଯେଉଁ ମୁଦ୍ରା ଯୋଜନା କରିଛନ୍ତି ତାକୁ ଡିଜିଟାଲ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି । ତେଣୁ ଆବଶ୍ୟକୀୟ ଦସ୍ତାବିଜ୍ ଥିଲେ ମାତ୍ର କେଇ ଘଣ୍ଟାରେ ଋଣ ପ୍ରଦାନ କରିହେବ ବୋଲି କଟକର କ୍ଷୁଦ୍ର ଉଦ୍ୟୋଗୀ ମାନଙ୍କୁ ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ ପକ୍ଷରୁ କୁହାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଏବଂ ମଧ୍ୟମ ବର୍ଗର ଉଦ୍ୟୋଗୀ ଉପସ୍ଥିତ ଥିଲେ । ସେମାନେ ନିଜ ନିଜ ସମସ୍ୟା ବିଷୟରେ ମଧ୍ୟ କହିଛନ୍ତି । ଏହା ସହିତ କ'ଣ କରାଯାଇ ପାରିଲେ ବ୍ୟାଙ୍କ ସେବା ଆହୁରି ଭଲ ହୋଇପାରିବ ସେ ବାବଦରେ ମଧ୍ୟ ପରାମର୍ଶ ଦେଇଛନ୍ତି ।

## ସମନ୍ୱୟ ଅଭାବରୁ ପୁରୁଣା ଜଗନ୍ନାଥ ରୋଡ୍ ରାସ୍ତା ନିର୍ମାଣରେ ବିଳମ୍ବ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ପୂର୍ତ୍ତବିଭାଗ ପକ୍ଷରୁ ସଂପ୍ରସାରଣ ହେଉଥିବା ବ୍ରାହ୍ମଣୀ ନଦୀବନ୍ଧ ଠାରୁ ବୁଦ୍ଧମୂର୍ତ୍ତି ପର୍ଯ୍ୟନ୍ତ ୨.୫ କିମି ୪ ଥାକିଆ ରାସ୍ତା ବିଭିନ୍ନ ବିଭାଗର ସମନ୍ୱୟ ଅଭାବରୁ ନିର୍ମାଣରେ ବିଳମ୍ବ ହେଉଛି । ରାସ୍ତାକଡ଼ରୁ ଗଛ କଟାଯାଇଥିଲେ ମଧ୍ୟ ଏବେ ମଧ୍ୟ ବହୁ ଗଛ ରହିଯାଇଛି । ବିଦ୍ୟୁତ୍ ବିଭାଗର ଅବହେଳାରୁ ରାସ୍ତାର ଉଭୟ ପାର୍ଶ୍ୱରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ଉଠିଲାନାହିଁ । ତହସିଲ ପକ୍ଷରୁ କୌଣସି ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରୁନଥିବାରୁ ଚଉଡ଼ା ରାସ୍ତାକୁ ଏବେ ଅଣଓସାରିଆ କରାଯାଉଥିବା ଦେଖାଯାଉଛି । ଧର୍ମଶାଳାର ନିର୍ବାଚନ ମଣ୍ଡଳୀର ଏହି ଐତିହାସିକ ପ୍ରମୁଖ ରାସ୍ତା ପୁରୁଣା ଜଗନ୍ନାଥରୋଡ଼ ବହୁ ଐତିହ ବହନ କରେ । ରାଣୀ ଅହଲ୍ୟାବାଇଙ୍କ ସମୟରେ ରାସ୍ତାକଡ଼ରେ ଥିବା ଧର୍ମଶାଳା ଗୃହକୁ ଭଙ୍ଗାଯାଇ ନୂତନ ଧର୍ମଶାଳା ଘର ତିଆରି ହୋଇଥିବାବେଳେ ରାସ୍ତା କଡ଼ରେ ବାଟୋଇଙ୍କ ପାଇଁ ଥିବା କୂଅ ଏବେବି ରହିଛି । ପୁରୁଣା ୬ ପୋଲିଆ ଓ ୩ ପୋଲିଆ ଏବେବି ଅଛି । ତା ନିକଟରେ ନୂତନ ବ୍ରିଜ୍ ନିର୍ମାଣ ହେଉଛି । ଶାନ୍ତିବଜାର ଛକ ଗୁରୁତ୍ୱ ବହନ କରୁଥିବାରୁ ଏହାକୁ ସୌନ୍ଦର୍ଯ୍ୟକରଣ କରାଯାଉ । ଜାରକା, ଜାଲସୁଖା, ପଣ୍ଡୁଆ ମୌଜାର ସମସ୍ତ ବର୍ଷା ଜଳ ନିଷ୍କାସନ ପାଇଁ ବୁଦ୍ଧମୂର୍ତ୍ତି ଠାରୁ ଶାନ୍ତିବଜାର ପର୍ଯ୍ୟନ୍ତ ରାସ୍ତାକଡ଼ରେ ସ୍ଥାୟୀ ଡ୍ରେନେଜ୍ ପାଇଁ ସ୍ଥାନୀୟ ଲୋକେମାନେ ଦାବି କରିଛନ୍ତି । ନୂତନ ଗୃହନିର୍ମାଣରେ ନିଜ ରାସ୍ତାକରି ଡ୍ରେନ୍‌କୁ ପୋତି ଦେବାରୁ ବର୍ଷାପାଣି ଯିବାରେ ବ୍ୟାଘାତ ହେଉଛି । ଫଳରେ କଲୋନୀ ବାସିନ୍ଦା ବର୍ଷାଦିନେ ଜଳବନ୍ଦିରେ ରହୁଛନ୍ତି । ଧର୍ମଶାଳାର ଏହି ପ୍ରମୁଖ ରାସ୍ତା ନିର୍ମାଣ ବେଳେ ପୂର୍ତ୍ତବିଭାଗ ପକ୍ଷରୁ ସବୁଦିଗ ପ୍ରତି ଧ୍ୟାନ ଦେଉନାହିଁ । ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

## ସୁବର୍ଣ୍ଣପୁର ପୌର ପରିଷଦରେ ବଢୁଛି ସ୍ୱଚ୍ଛତା ସମସ୍ୟା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବର୍ଦ୍ଧିବାରେ ଲାଗିଛି ସୁବର୍ଣ୍ଣପୁର ପୌରପରିଷଦ ସ୍ୱଚ୍ଛତା ସମସ୍ୟା । ସ୍ଥାନୀୟ ଜନସାଧାରଣଙ୍କୁ ହନ୍ତସନ୍ତ କରୁଛି ମଶାର ପ୍ରାଦୁର୍ଭାବ । ଡ୍ରେନେଜ୍ ସମସ୍ୟା ବର୍ଷ ବର୍ଷ ଧରି ହେଇପାରୁନି ସମାଧାନ । ରାସ୍ତାର ଦୁଇ କଡରେ ଥିବା ଡ୍ରେନ୍‌ର ଠାଏଁ ଠାଏଁ ଦୀର୍ଘଦିନ ଧରି ନାହିଁ ଡ୍ରେନେଜ୍ ଘୋଡାଇବା ପାଇଁ ପ୍ଲେଟ୍ । ରାଜ୍ୟ ରାଜପଥ ଦୁଇକଡ଼ରେ ଏଭଳି ଅବସ୍ଥା କାରଣରୁ ବହୁ ସମସ୍ୟା ଦେଖିବାକୁ ମିଳୁଛି । ଖାଲି ମଶା ପ୍ରାଦୁର୍ଭାବ ନୁହେଁ ଯାତାୟାତ ସମୟରେ ବି ହଇରାଣର ସମ୍ମୁଖୀନ ହେବାକୁ ପଡୁଛି । କିଏ କରିବ ଏହାର ସମାଧାନ ? ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ପଚାରିଲେ ଉତ୍ତର ମିଳୁଛି କି ପୌରପରିଷଦ ଏହାର ଦାୟିତ୍ୱ ନେବ ବୋଲି ଚିଠି ହୋଇଛି । ସେପଟେ କହୁଛି ପୂର୍ତ୍ତ ବିଭାଗ ଏହାର କାମ ଖୁବ୍‌ଶୀଘ୍ର କରିବା କଥା । ଇତିମଧ୍ୟରେ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ହେଇପାରୁନି ଏହି ଡ୍ରେନେଜ୍ ସମସ୍ୟା ସମାଧାନ । ବର୍ତ୍ତମାନ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ । ଫୋନ୍ କଲେ ଆଶ୍ୱାସନା ଦେଇ ଭୁଲି ଯାଉଛନ୍ତି ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ । ଏହି ରାସ୍ତା ଦେଇ ଛୋଟ ଛୋଟ ପିଲା ଓ ସ୍କୁଲ୍ ଛାତ୍ରଛାତ୍ରୀମାନେ ଯାଉଥିବା ବେଳେ ଦୁର୍ଘଟଣା ଘଟିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ସିମେଣ୍ଟ କଂକ୍ରିଟ ପ୍ଲେଟ୍ ତିଆରି କରି ଏଠାରେ ପକାଇଲେ ଏହି ସମସ୍ୟା ସମାଧାନ ହୋଇପାରନ୍ତା କିନ୍ତୁ ପୌରପରିଷଦର ଉଦାସୀନତା କାରଣରୁ ହୋଇପାରୁନି ଡ୍ରେନ୍ ଉପରେ ପ୍ଲେଟ୍ । ସୁବର୍ଣ୍ଣପୁର ପୌରପରିଷଦ ପୂର୍ବରୁ ସ୍ୱଚ୍ଛତା କ୍ଷେତ୍ରରେ ରାଜ୍ୟସ୍ତରରେ ପୁରସ୍କାର ଆଣିଥିବା ବେଳେ ଏଭଳି ଛୋଟ ଛୋଟ କାର୍ଯ୍ୟ ପ୍ରତି ଦୃଷ୍ଟି ନଦେବା ପରିତାପର ବିଷୟର ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ସୁବର୍ଣ୍ଣପୁର ସହରର ବିଭିନ୍ନ ଅଞ୍ଚଳରେ ରାସ୍ତା, ଡ୍ରେନ୍ ନଥିବା ବର୍ଷାପାଣି ଜମି ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପଟାଭାଡି ଗ୍ରୀଡକୋ, ଶାନ୍ତିନଗର ଅଞ୍ଚଳରେ ଭଲ ରାସ୍ତାଟିଏ ଅଛି ନା ଡ୍ରେନ୍‌ଟିଏ ଅଛି । ସେପଟେ ଆମ୍ବେଦକର ଛକ ନିକଟରେ ଥିବା ଗୋଷ୍ଠୀ ଶୌଚାଳୟର କବାଟ ଭାଙ୍ଗି ଯାଇଥିବା ବେଳେ ମରାମତି କରିବା ନାମ ଧରୁନି । ସେହିପରି ଉପଜିଲ୍ଲାପାଳ ପାଖରେ ନୂତନ ଭାବରେ ନିର୍ମିତ ହୋଇଥିବା ଶୌଚାଳୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲାନାହିଁ ପୌରପରିଷଦ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟର ରକ୍ଷଣା ବେକ୍ଷଣ ନିମନ୍ତେ ଉଦାସୀନତା ପୌରପରିଷଦ ପାରିବା ପାଣିଆକୁ ଦର୍ଶାଉଛି । ଏହି ଶୌଚାଳୟକୁ ସ୍ଥାନୀୟ ଜନସାଧାରଣ ବ୍ୟବହାର କରୁଥିବା ବେଳେ ମାସ ମାସ ଧରି କବାଟ ନଲାଗିବା ବ୍ୟଥିତ କରିଛି । ଗୋଷ୍ଠୀ ଶୌଚାଳୟ କରି ଦୀର୍ଘଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନକରିବାରୁ କିଛି ଦୁର୍ବୃତ୍ତ କବାଟ ଭାଙ୍ଗି ଦେଇଥିବା ଶୁଣିବାକୁ ମିଳିଛି । ବର୍ତ୍ତମାନ ସ୍ଥାନୀୟ ଜନସାଧାରଣଙ୍କ ଦାୟିତ୍ୱ କାରଣରୁ ବ୍ୟବହାର ଯୋଗ୍ୟ ହେଇପାରୁଥିବା ବେଳେ ଭାଙ୍ଗି ଯାଇଥିବା ଗୋଟିଏ ଶୌଚାଳୟ କବାଟ କେବେ ତିଆରି ହେବ ଦେଖିବାକୁ ବାକି ରହିଲା । ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ହେଉଛି ନା ଅଣଦେଖା କରି ପୌରପରିଷଦ ବସି ରହୁଛି ସମୟ କହିବ ।

## ସ୍କୁଲ୍ ଜାଗାକୁ ଘରୋଇ ବ୍ୟକ୍ତିଙ୍କୁ ଲିଜ୍, ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ତହସିଲ ଅଧିନରେ ଥିବା କପାଳେଶ୍ୱର ମୌଜାରେ ଥିବା କପାଳେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପତିକୁ ଜଣେ ବ୍ୟକ୍ତିଗତ ଲୋକଙ୍କୁ ଲିଜ୍ ଦେବା ନେଇ ଏକ ଅଭାବନୀୟ ଘଟଣା ଅଭିଯୋଗ ହେଇଛି । ସ୍କୁଲ ଜମିକୁ ଲିଜ୍ ସୂତ୍ରରେ ଦେଇଥିବା ଘଟଣା ଜଣାପଡିବା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲର ଶିକ୍ଷକମାନେ ଚିନ୍ତାରେ ପଡିଛନ୍ତି । ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ପଞ୍ଚାୟତରେ ଥିବା କପାଳେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜମି ପ୍ଲଟ୍ ନଂ ୬୪୨ ଓ ୬୪୧ ପ୍ରାୟ ୫୦ ଡିସିମିଲ୍ ଜମି ଉପରେ ଦୀର୍ଘ ବର୍ଷ ହେଲା ସ୍କୁଲ୍ ଅବସ୍ଥାପିତ । ସ୍କୁଲ୍ ପରିସରରେ ଅଙ୍ଗନୱାଡି କେନ୍ଦ୍ର, ଶୌଚାଳୟ ଓ ଛାତ୍ରଛାତ୍ରୀ ମାନେ ଖେଳିବା ପାଇଁ ଆବଶ୍ୟକ ଜାଗା ରହିଛି । ଏହି ଜାଗାକୁ ସ୍ଥାନୀୟ ଅଞ୍ଚଳର ବାସନ୍ତୀ ସେଠୀ ନାମକ ଜଣେ ମହିଳା ପ୍ଲଟ୍ ନଂ-୬୪୧, ଖାତା ନଂ-୫୫୫/୬୪୯ ରକବାରେ ଥିବା ଏ୦.୦୫୦ ଡି (ଘରବାରି) ମୌଜା-କପାଳେଶ୍ୱର ସମ୍ପତିକୁ ୨୦୧୩ ମସିହାରେ ବେଆଇନ୍ ଭାବରେ ଲିଜ୍ କେଶ୍ ନଂ-୩୭/୨୦୧୩ ରେ ମକଦ୍ଦମା କରି ନିଜ ନାମରେ କରି ନେଇଛନ୍ତି । ଏବେ ଏହାକୁ ଦଖଲରେ ନେବାପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାରୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଜାଗା ଚିହ୍ନଟ କରିବାକୁ ଯାଇଥିବା କେନ୍ଦ୍ରାପଡା ତହସିଲର ଆରଆଇ, ଅମିନ ଘଟଣାସ୍ଥଳରେ ପହଞ୍ଚିବା ପରେ ଘଟଣା ଜଣାପଡିଥିଲା । ସ୍କୁଲର ଅଧାରୁ ଅଧିକ ସମ୍ପତି ଲିଜ୍‌ରେ ଯାଇଥିବା ଜଣାପଡିବା ପରେ ଏହି ସ୍କୁଲର ଭୂ-ସମ୍ପତିର ଲିଜ୍‌କୁ ତୁରନ୍ତ ବାତିଲ୍ କରିବା ପାଇଁ ସ୍କୁଲ୍ ପରିଚାଳନା କମିଟି, ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଓ ସ୍କୁଲ୍‌ର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

### ।।।।।।।।।।।।।।।। ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ।।।।।।।।।।।।।।।।

## ବେନିୟମ ପାର୍କିଂ ଉଚ୍ଛେଦ, ଏନଫୋର୍ସମେଣ୍ଟ୍ ଉପରେ ଗୁରୁତ୍ୱାରୋପ

**ରାଉରକେଲା, ନ୍ୟୁଜ୍**

ସୁନ୍ଦରଗଡ ଗତ ୨୪ ତାରିଖରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ଭବନ ଠାରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ସୁନ୍ଦରଗଡ଼ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ରାଉରକେଲାଙ୍କ ତରଫରୁ ନିଜ ନିଜ ଅଞ୍ଚଳ ଅନ୍ତର୍ଗତ ସଡ଼କ ଦୁର୍ଘଟଣା ତଥ୍ୟ, ସଡ଼କ ଦୁର୍ଘଟଣା ରୋକିବା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନ କରିଥିଲେ । ବୈଠକରେ କ୍ରମାଗତ ଏନ୍‌ଫୋର୍ସମେଣ୍ଟ କରାଯିବା, ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ କରୁଥିବା ଚାଳକ ମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା, ପାଟ୍ରୋଲିଂକୁ ବଢେଇବା, ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା, ବେନିୟମ ପାର୍କିଂ ଉଚ୍ଛେଦ, ନିୟମିତ ଏନ୍‌ଫୋର୍ସମେଣ୍ଟ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ରାସ୍ତା ମରାମତି, ରାସ୍ତାରେ ଆଲୋକିକରଣ, ବ୍ଲାକ୍ ସ୍ପଟ୍, ରାସ୍ତା ନିକଟରେ ଥିବା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକ ସଡ଼କ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ବିଶେଷ କରି ରାସ୍ତାରେ ଗୋରୁ ଗାଈ ମାନଙ୍କ ଦ୍ୱାରା ଦୁର୍ଘଟଣା ଘଟୁଥିବାରୁ ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବାକୁ ପୌରପାଳିକାର ନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ସଡ଼କ ଦର୍ଘଟଣାକୁ ହ୍ରାସ କରିବା ନିମନ୍ତେ ବିଭାଗ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ସୋଲାସିୟମ ଯୋଜନା (solatium fund) ଉପରେ ମଧ୍ୟ ଜନସଚେତନତା ସୃଷ୍ଟି କରାଯିବା ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ ଦିଗରେ ସମସ୍ତ ଅଂଶୀଦାର ତଥା ବିଭାଗୀୟ ଅଧିକାରୀମାନେ ବିଶେଷ ଧ୍ୟାନ ଦିଆଯିବାକୁ ଅତିଥିମାନେ ଆଲୋଚନା କରିଥିଲେ ଏବଂ ବିଶେଷ କରି ଏନ୍‌ଫୋର୍ସମେଣ୍ଟ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବୈଭବ ସାମନ୍ତ ସିଂହାର, ସୁନ୍ଦରଗଡ଼ର ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦଲାନୀ, ସୁନ୍ଦରଗଡ଼ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅମିତ ଟୁଡୁ, ଏସ୍.ଡି .ପି. ଓ. ନିର୍ମଳ କୁମାର ମହାପାତ୍ର, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ଟ୍ରକ୍ ମାଲିକ ସଂଘ, ବସ୍ ମାଲିକ ସଂଘର ସଭ୍ୟ, କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ମୋବାଇଲ୍ ସେବା ଅଚଳ ଓଟିପି ଆସୁନଥିବାରୁ ସରକାରୀ ଯୋଜନାରୁ ଲୋକେ ବଞ୍ଚିତ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ସିମନବାଡି ଠାରେ ଗତ ୨୫ ଦିନରୁ ଉର୍ଦ୍ଧ୍ୱ ଦିନ ହେଲା ବିଏସ୍‌ଏନ୍‌ଏଲ୍‌ର ମୋବାଇଲ୍ ନେଟ୍‌ୱାର୍କ ସେବା ଅଚଳ ହୋଇପଡିଛି । ଫଳରେ ଉପଭୋକ୍ତା ମାନେ ଅସୁବିଧା ଭୋଗୁଛନ୍ତି । ଯାହାକୁ ନେଇ ଗୁରୁବାର ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜ ସମ୍ମୁଖରେ କିଛି ସମୟ ଉତ୍ତେଜନା ଦେଖାଯାଇଥିଲା । ଦୀର୍ଘ ଦିନ ହେଲା ଏହି ସେବାରୁ ବଞ୍ଚିତ ଉପଭୋକ୍ତାମାନେ ପ୍ରତିମାସରେ ଭାଉଚର ପକାଇ କ୍ଷତି ସହୁଛନ୍ତି ବୋଲି ରମାକାନ୍ତ ଦେହୁରୀ, ଅମରେନ୍ଦ୍ର ପ୍ରଧାନ ସିମନ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି । ମୋବାଇଲ୍ ଓ ଇଣ୍ଟର୍‌ନେଟ୍ ସେବା ଅଚଳ ଯୋଗୁଁ ଗ୍ରାହକ ସେବାକେନ୍ଦ୍ର ସମେତ କ୍ଷୁଦ୍ର ବ୍ୟାଙ୍କ, ଅନ୍‌ଲାଇନ୍ କାର୍ଯ୍ୟ ସମେତ ଲୋକଙ୍କ ଯୋଗାଯୋଗ ଅନ୍ୟଙ୍କ ସହ ବିଛିନ୍ନ ହୋଇପଡିଛି । ଏମିତିକି ସରକାରଙ୍କ ବିଭିନ୍ନ ଯୋଜନା ପାଇଁ ଅନ୍‌ଲାଇନ୍ ହେଉଥିବାରୁ ଲୋକଙ୍କ ଓଟିପି ଆସୁନଥିବାରୁ ଟଙ୍କା ନେଣ ଦେଣ ହେଉକି ଆଧାର ଅପ୍‌ଡେଟ୍ ହେଉ ଗର୍ଭବତୀଙ୍କ ଅନ୍‌ଲାଇନ୍ ଡାଟା ଅପ୍‌ଲୋଡ୍ ବେଳେ ହଇରାଣ ହେଉଛନ୍ତି । ଗତ ୨୦୦୮ରୁ ସ୍ଥାପନ ହୋଇଥିବା ଏହି ସେବା ଏବେ ପୂର୍ବପେକ୍ଷା ଅଧିକା ସମୟ ଅଚଳ ହୋଇପଡୁଛି । ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ବିଏସ୍‌ଏନ୍‌ଏଲ୍‌ର ଜେନେରେଟର ଅଚଳ ହୋଇପଡ଼ିଥିବା ବେଳେ ତାକୁ ମରାମତି କରାଯାଉନାହିଁ କି ନୂତନ ଜେନେରେଟର ସ୍ଥାପନ କରାଯାଉନଥିବା ଅଭିଯୋଗ ହୋଇଛି । ଏହି ସମସ୍ୟା ସମ୍ପର୍କରେ ଅଧିକାରୀଙ୍କୁ ଜଣାଇବାକୁ ଉପଭୋକ୍ତା ଫୋନ୍ କଲେ କେହି ଉତ୍ତର ଦେଉନଥିବା ଅଭିଯୋଗ ହୋଇଛି । ବାଲିଗୁଡାରେ ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ କାର୍ଯ୍ୟାଳୟ ଓ ଫୁଲବାଣୀରେ ଜିଲ୍ଲା କାର୍ଯ୍ୟାଳୟ ରହିଛି, କିନ୍ତୁ ଆବଶ୍ୟକୀୟ କର୍ମଚାରୀ ଅଭାବ ଯୋଗୁ ଲୋକଙ୍କୁ ସେବା ଯୋଗାଇବାରେ ବିଭାଗ ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ ହେଉଛି । ଏନେଇ ବିଭାଗର କନ୍ଧମାଳ ଡିଜିଏମ୍ ବୃନ୍ଦାବନ ମାଝୀଙ୍କ ସହ ଯୋଗାଯୋଗ କରାଯିବାରୁ ଶୁକ୍ରବାର ସୁଦ୍ଧା ଏହି ସେବାକୁ ଯୋଗାଇଦିଆଯିବ ବୋଲି କହିଛନ୍ତି ।

## ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ସଡକ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର , ଜ୍ୟୋତିଶଙ୍କର ରାୟ ଦୁର୍ଘଟଣାର କାରଣ ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରି ତାର ନିରାକରଣ ନିମନ୍ତେ ପଦକ୍ଷେପ ନେବା ପାଇଁ କହିଥିଲେ । ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ମଧ୍ୟ କହିଥିଲେ ଯେ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଯେମିତି ସଠିକ୍ ସମୟରେ ସାହାଯ୍ୟ ଓ ସହାୟତା ପ୍ରଦାନ କରାଯିବ ସେ ପ୍ରତି ଦୃଷ୍ଟି ଦିଆଯାଉ । ନୂତନ ଭାବେ ପ୍ରଣୀତ ହୋଇଥିବା 'ରାହବୀର' ଯୋଜନା ବିଷୟରେ ଅବଗତ କରାଇଥିଲେ । ଏହି ଯୋଜନା ଅନୁଯାୟୀ, ଯେଉଁମାନେ ଦୁର୍ଘଟଣାର ଶିକାର ହେଉଥିବା ଲୋକମାନଙ୍କୁ ଗୋଲ୍‌ଡେନ୍ ଅୱାର ଭିତରେ ଡାକ୍ତରଖାନା ପହଞ୍ଚାଇ ସରକାରଙ୍କ ତରଫରୁ ୨୫୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ । ବୈଠକରେ ଉପସ୍ଥିତ ରହି ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା ରାସ୍ତା ମରାମତି, ଶିକ୍ଷା, ସଚେତନତା, ଆଇନ୍ ଅମାନ୍ୟକାରି ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଦୁର୍ଘଟଣାର ମାତ୍ରା କମାଇପାରିବ ବୋଲି ମତ ଦେଇଥିଲେ । ଏହି ବୈଠକରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ, ନିରଞ୍ଜନ ବେହେରା କହିଲେ ଯେ ଗତ ୨ ମାସ ମଧ୍ୟରେ ଏନ୍‌ଫୋର୍ସମେଣ୍ଟ ଫଳରେ ଦୁର୍ଘଟଣାର ମାତ୍ରା କମିଛି । ତେଣୁ ପୋଲିସ, ପ୍ରଶାସନ, ପରିବହନ ବିଭାଗ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ସମ୍ଭବ । ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ମଧ୍ୟ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିବା ସହ ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ଅନୁଷ୍ଠାନ ପାଖରେ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦର୍ଶନ ପାଇଁ ଉପଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦ୍ୱୀପ ମଞ୍ଜାସିନ ଥିଲେ । ବୈଠକରେ ଜିଲ୍ଲାରେ ସଡକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଅଠର ବର୍ଷରୁ କମ୍ ବୟସ୍କ ପିଲାମାନଙ୍କ ଗାଡ଼ି ଚଳାଇବା ଉପରେ କଟକଣା କରିବା, ଆଇଆର୍‌ଏଡି ବା ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେସ୍, ଇଲେକ୍ଟ୍ରୋନିକ୍ ଡିଟେଲ୍ ଆକ୍ସିଡେଣ୍ଟ ରିପୋର୍ଟର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଥିଲା । ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ବସ୍ ଓ ଟ୍ରକ୍ ମାଲିକ ସଂଘଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ ବିଭାଗର ଅଧିକାରୀ ଓ ସହରର ବୁଦ୍ଧିଜୀବୀମାନେ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏହି ବୈଠକରେ କମିଟିର ସଦସ୍ୟ, ବସ୍ ଓ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା, ସହରର ବରିଷ୍ଠ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରରେ ତାଲା:ରୋଗୀ ହନ୍ତସନ୍ତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**




ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ଦୋବଲ ପଞ୍ଚାୟତ ସୋଧ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ଗତ ୨ ମାସ ହେଲା ଅଚଳ ରହିଛି । ଲୋକଙ୍କ ପାଇଁ ଥିବା ଏ ଉପକେନ୍ଦ୍ର ସବୁବେଳେ ଚାବି ପଡ଼ି ରହୁଥିବା ଦେଖିବାକୁ ମିଳିଛି । ଏଠାରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀ ଜଣକ ଏବେ ପ୍ରସବକାଳୀନ ଛୁଟିରେ ରହିଛନ୍ତି । ଦୁଇ ମାସ ହେଲା ସେ ଛୁଟିରେ ଥିବାରୁ ଉପକେନ୍ଦ୍ର ବନ୍ଦ ରହିଛି । କୌଣସି ପଦକ୍ଷେପ ନିଆନଗଲେ ଆଉ ୪ ମାସ ମଧ୍ୟ ଏମିତି ବନ୍ଦ ରହିବ ବୋଲି ଆଶଙ୍କା କରାଯାଉଛି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସ୍ୱାସ୍ଥ୍ୟ ସେବା କାରଣରୁ ଦୋବଲ ପଞ୍ଚାୟତର ଇଟୁଆ ଓ ସୋଧ ସମ୍ବେଦନଶୀଳ ଅଞ୍ଚଳ । ଗାଁର ଗୋଟିଏ ପଟେ ଗେଙ୍ଗୁଟି ନଦୀ ପ୍ରବାହିତ । ଆଉ ଗାଁ ଭିତରେ ଗଡ଼ିଆ ପୋଖରୀ ଭର୍ତ୍ତି । ତାସହିତ ଗାଁ ଚାରିପଟେ ବାଉଁଶ ବଣ । ଏଣୁ ଏ ଗାଁରେ ବର୍ଷା ଋତୁରେ ଡେଙ୍ଗୁ, ମାଲେରିଆ ଓ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପିଥାଏ । ଏଗାର ବର୍ଷ ତଳେ ୨୦୧୪ରେ ସୋଧ ଗାଁରେ ଡେଙ୍ଗୁ ବ୍ୟାପିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିଲା । ଗତବର୍ଷ ଓ ଏ ବର୍ଷ ଝାଡ଼ାବାନ୍ତି ମଧ୍ୟ ବ୍ୟାପିଥିଲା । ଏସବୁ ଦୃଷ୍ଟିରୁ ଏଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଠିକ୍ ଭାବେ କାର୍ଯ୍ୟ କରିବା ଆବଶ୍ୟକ । ଜଣେ କର୍ମଚାରୀଙ୍କୁ ନେଇ ଚାଲିଥିବାରୁ କେନ୍ଦ୍ରଟି ଚାଲିପାରୁନାହିଁ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ପ୍ରତ୍ୟେକ ଲୋକଙ୍କୁ ଘର ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଆୟୁଷ୍ମାନ୍ ଆରୋଗ୍ୟ ଉପକେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ବିଶେଷ କରି ଗର୍ଭବତୀ, ପ୍ରସୂତିଙ୍କ ଯତ୍ନ ଓ ପ୍ରସବ କରାଇବାକୁ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର କାର୍ଯ୍ୟ କରିଥାଏ । ସେହିପରି ପରିବାର ନିୟୋଜନ, ଗର୍ଭନିରୋଧ, ସଂକ୍ରାମକ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଏହା କାମ କରିଥାଏ । ଏଥିଲାଗି ଉପକେନ୍ଦ୍ର ଅଧିନରେ ଜଣେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀଙ୍କୁ ନିୟୋଜିତ କରାଯାଇଥାଏ । ହେଲେ ସୋଧରେ କାର୍ଯ୍ୟରତ ଥିବା ସ୍ୱାସ୍ଥ୍ୟକର୍ମୀ ଜଣକ ପ୍ରସବକାଳୀନ ଛୁଟି ନେଇଥିବାରୁ ଆଉ କାହାକୁ ଦାୟିତ୍ୱ ମଧ୍ୟ ଦିଆଯାଇନାହିଁ । ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ବନ୍ଦ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଲୋକେ ୧୦ କିଲୋମିଟର ଦୂର ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରାମର୍ଶ ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି । ରାତିରେ ଯଦି କେହିବି ଅସୁସ୍ଥ ହୁଅନ୍ତି, ସେମାନେ ଧାମନଗର ଯିବା ଲାଗି ହଇରାଣ ହୋଇଥାନ୍ତି । ଅପରପକ୍ଷରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ମନ୍ମୟ କୁମାର ସାମନ୍ତସିଂହାର ଏନେଇ କହିଛନ୍ତି ଯେ, ଆମ ପାଖରେ ଆଉ କର୍ମଚାରୀ ନାହାନ୍ତି । ତେଣୁ ସୋଧକୁ କର୍ମଚାରୀ ଯୋଗାଇ ଦିଆଯାଇପାରୁନି ।

## ଯାଜପୁର ପୋଲିସର ଭୂମିକାକୁ ନେଇ ପୂର୍ବତନ ବିଧାୟକଙ୍କ ଉଦ୍‌ବେଗ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ପୋଲିସର ଭୂମିକାକୁ ନେଇ ଧର୍ମଶାଳା ପୂର୍ବତନ ବିଧାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜାରକା ସ୍ଥିତ ବିଜେଡି କାର୍ଯ୍ୟାଳୟ ଠାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ ପ୍ରକାଶ କରିଛନ୍ତି ଯେ ଯାଜପୁର ପୋଲିସର ଦୋମୁହାଁ ନୀତିପାଇଁ ସାଧାରଣ ଲୋକଙ୍କର ପୋଲିସ ଉପରେ ଆଉ ଭରସା ନାହିଁ । ବଡ଼ଚଣା ପାଇଁ ଗୋଟିଏ ଆଇନ୍ ଧର୍ମଶାଳା ପାଇଁ ଆଉ ଗୋଟିଏ ଆଇନ୍ । ପୋଲିସ ଥାନୁଆଳ ପଞ୍ଚାୟତର ଜଣେ ଯୁବକଙ୍କୁ ବଡ଼ଚଣା ପୋଲିସ ବିନା କାରଣରେ ଥାନାକୁ ନେଇଥିଲେ । ଏସ୍‌ପି ନିର୍ଦ୍ଦେଶରେ ଛାଡିଦେଲେ । କିନ୍ତୁ ଧର୍ମଶାଳା ଥାନାରେ ପ୍ରକୃତ ଅଭିଯୁକ୍ତଙ୍କୁ ପୋଲିସ ଧରିବା ପରିବର୍ତ୍ତେ ନିଜ ଗାଡ଼ିରେ ଧରି ବୁଲୁଛି । ପୋଲିସ ବାଲିମାଫିଆଙ୍କୁ ଥାନାକୁ ଆଣିଥିବା ବେଳେ କାହା ଇଂଗିତରେ ରାତିଅଧରେ ଆସି ମହିଳା ପୋଲିସ ଏଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରି ଜବରଦସ୍ତ ଅଭିଯୁକ୍ତଙ୍କୁ ନେଇ ପଳାଇଲେ । ଏପର୍ଯ୍ୟନ୍ତ ଆସାମୀମାନଙ୍କୁ ଗିରଫ କରାଯାଉନାହିଁ । ଥାନାର ମହିଳା ପୋଲିସ କର୍ମଚାରୀ ଏବେ ଅସୁରକ୍ଷିତ । ୨ ମାସ ପୂର୍ବରୁ ଯାଜପୁର ଏସ୍‌ପିଙ୍କୁ ଏ ଘଟଣା ବିଷୟରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ପୂର୍ବତନ ବିଧାୟକ ଗୁରୁତର ଅଭିଯୋଗ କରିଛନ୍ତି ।

## ମହିଳାଙ୍କ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ଆବଶ୍ୟକ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ମହିଳାଙ୍କ ଦକ୍ଷତା ବିକାଶ ପାଇଁ ମିଳୁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ । କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଏଭଳି ଦାବି କରିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ମହିଳାଙ୍କ ଦକ୍ଷତା ବିକାଶ ଏବଂ ସାମଗ୍ରିକ ସଶକ୍ତିକରଣ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପର ମଞ୍ଜୁରୀ ପାଇଁ ଦାବି କରିଛନ୍ତି ବରଗଡ଼ ସାଂସଦ । ଏନେଇ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ଭେଟି ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି ପ୍ରଦୀପ ପୁରୋହିତ । ବରଗଡ଼ ସଂସଦୀୟ କ୍ଷେତ୍ରରେ ଥିବା ମହିଳାଙ୍କ ପାଇଁ ଦକ୍ଷତାର ବିକାଶ ତଥା ମହିଳାଙ୍କ ସଶକ୍ତିକରଣ ଦିଗରେ ସେ ଦାବି ଉପସ୍ଥାପନା କରିଛନ୍ତି । କୃଷି, ପଶୁ ସମ୍ପଦ, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟଚାଷ, ବୟନ, ହସ୍ତତନ୍ତ, ଖଦି ଓ ଗ୍ରାମାଞ୍ଚଳ କାରଖାନା ତଥା ପାରମ୍ପରିକ କ୍ଷେତ୍ରରେ ଦକ୍ଷତା ମୂଳକ ତାଲିମ୍ ମହିଳାମାନଙ୍କୁ ଦିଆଯାଉ ବୋଲି କହିଛନ୍ତି ପ୍ରଦୀପ ପୁରୋହିତ । ମହିଳାଙ୍କୁ ଉଦ୍ୟୋଗ ଓ ଆତ୍ମନିର୍ଭରଶୀଳ ତାଲିମ୍ ଦେବାକୁ ସେ ଗୁରୁତ୍ୱ ଦେଇଛନ୍ତି । ମହିଳାଙ୍କ ସୁରକ୍ଷା, ଆଇନ୍‌ଗତ ଅଧିକାର, ସଂସ୍ଥାଗତ ସହାୟତା ବ୍ୟବସ୍ଥା ସମ୍ପର୍କରେ ମହିଳାମାନଙ୍କୁ ସଚେତନତା କଲା ଭଳି କାର୍ଯ୍ୟକ୍ରମ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ସେ ଦାବି କରିଛନ୍ତି । ତାଲିମ୍ ପରେ ସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ଓ ରୋଜଗାରକ୍ଷମ କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ଥିବା କହିଛନ୍ତି ବରଗଡ଼ ସାଂସଦ । କେନ୍ଦ୍ର ସରକାରଙ୍କ ମିଶନ ଶକ୍ତି ଓ ଅନ୍ୟ ଯୋଜନାରେ ଏହି ଅଞ୍ଚଳର ମହିଳାମାନଙ୍କୁ ସାମିଲ୍ କରାଯାଉ । ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ପ୍ରାୟ ୭ ଲକ୍ଷ ୩୦ ହଜାର ମହିଳା ଅଛନ୍ତି । ଏଠାକାର ମୋଟ୍ ଜନସଂଖ୍ୟାର ୪୯.୨% ହେଉଛନ୍ତି ମହିଳା । ଏମାନେ କୃଷି, ପଶୁପାଳନ, ମାଇନିଂ ଓ କଳ କାରଖାନା ଉପରେ ନିର୍ଭର କରନ୍ତି । ବଡ଼ ବଡ଼ ଇଣ୍ଡଷ୍ଟ୍ରୀ ଥିବା ସତ୍ତ୍ୱେ ବିଶେଷକରି ମହିଳାମାନେ ସ୍ଥାନୀୟ ଭାବରେ ଦକ୍ଷ ମାନବସମ୍ବଳ ଗୁରୁତର ଅଭାବର ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ ପଡୋଶୀ ରାଜ୍ୟରୁ ମାନବସମ୍ବଳ ଆଣି କାମରେ ନିୟୋଜିତ କରାଯାଉଛି । ତେଣୁ ମହିଳାମାନଙ୍କ ଦକ୍ଷତା ବିକାଶ ଏବଂ ସାମଗ୍ରିକ ସଶକ୍ତିକରଣ ପାଇଁ ଏକ ଲକ୍ଷ୍ୟ ଭିତ୍ତିକ ପଦକ୍ଷେପ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ମନ୍ତ୍ରଣାଳୟର ମିଶନ ଶକ୍ତି ଯୋଜନା ଏବଂ କାର୍ଯ୍ୟକ୍ରମ ଅଧିନରେ ସ୍ୱତନ୍ତ୍ର ପ୍ରକଳ୍ପ ଅନୁଦାନ ମଞ୍ଜୁର କରିବାକୁ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ନିକଟରେ ଦାବି କରିଛନ୍ତି ସାଂସଦ ପ୍ରଦୀପ ପୁରୋହିତ ।

## ଦ୍ୱୀପାଞ୍ଚଳ କେନାଲ ସଫେଇରେ ଅନିୟମିତତା ଅଭିଯୋଗ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**



ମହାନଦୀ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ଚାଷ ଜମିକୁ ଜଳସେଚିତ କରିବାପାଇଁ ଦ୍ୱୀପାଞ୍ଚଳ ଜଳସେଚନ ଯୋଜନାରେ ଚିତ୍ରୋତ୍ପଳା ସାଇଫନ୍ ନିର୍ମାଣ କରାଯାଇଛି । ଏହି ସାଇଫନ୍ ଜରିଆରେ ନିର୍ମିତ କେନାଲ୍ ଜରିଆରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି । ଚଳିତ ବର୍ଷ ଚିତ୍ରୋତ୍ପଳା ଦକ୍ଷିଣ କେନାଲ ଓ ମହାନଦୀ ଉତ୍ତର କେନାଲକୁ ବର୍ଷାଦିନରେ ଅତି ତରବରିଆ ଭାବେ ସଫେଇ କରାଯାଇଛି । ଏହି ସଫେଇ କେବଳ ଜେସିବି ମେସିନ୍ ଲଗାଇ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଛି । ବିଭିନ୍ନ ସ୍ଥାନରେ କେନାଲ ମଧ୍ୟରେ ଥିବା ଅଳିଆ ଆବର୍ଜନା, ଗଛଲତା ଆଦିକୁ ମନମୁଖୀ ଭାବେ ସଫେଇ କରାଯାଇଛି ବୋଲି ଚାଷୀମାନେ ଅଭିଯୋଗ କରଛନ୍ତି । କେନାଲ ସଫେଇ ଓ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ବ୍ୟାପକ ଅର୍ଥ ବ୍ୟୟ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନଥିବା ଅଭିଯୋଗ ହେଉଛି । କେନାଲ କାମ ପରେ ପରେ ତତ୍‌କ୍ଷଣାତ ପାଣି ଛଡ଼ାଯାଉଥିବାରୁ ଠକେଇ ଦୃଷ୍ଟିଗୋଚର ହୋଇପାରୁନାହିଁ । ଏହି ସମସ୍ତ ନିମ୍ନମାନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ନିମନ୍ତେ ଚାଷୀମାନେ ଦାବି କରିଛନ୍ତି ।

# ‘ଡ୍ର’ରେ ଶେଷ ହେଲା ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ ମ୍ୟାଚ୍




**ମାଞ୍ଚେଷ୍ଟର**

ମାଞ୍ଚେଷ୍ଟରରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ ଡ୍ର’ରେ ଶେଷ ହୋଇଛି। ଟେଷ୍ଟ ମ୍ୟାଚ୍‌ର ଶେଷ ଦିନରେ, ଟିମ୍ ଇଣ୍ଡିଆ ଶୁଭମନ ଗିଲ୍, ରବିନ୍ଦ୍ର ଜାଡ଼େଜା ଏବଂ ୱାଶିଂଟନ୍ ସୁନ୍ଦରଙ୍କ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ୩ ବ୍ୟାଟର ଜବରଦସ୍ତ ଶତକ ହାସଲ କରି ଇଂଲଣ୍ଡର ଅଗ୍ରଣୀକୁ ଟପିଯାଇଥିଲେ। ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟରମାନେ ଦିନସାରା ବ୍ୟାଟିଂ କରି ପରାଜୟକୁ ଏଡ଼ାଇ ଦେଇଛନ୍ତି।

ଏହି ମ୍ୟାଚ୍ ଭାରତ ପାଇଁ ଅନେକ ଦୃଷ୍ଟିରୁ ଐତିହାସିକ ଥିଲା। ପ୍ରଥମ ଇନିଂସରେ ୬୬୯ ରନ କରିବା ପରେ, ଇଂଲଣ୍ଡ ଭାରତ ସମ୍ମୁଖରେ ୩୧୧ ରନର ଲିଡ୍ ରଖିଥିଲା। ଯାହାର ଜବାବରେ ଭାରତୀୟ ଦଳ ପ୍ରଥମ ଓଭରରେ ଦୁଇଟି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରି ପରିସ୍ଥିତିରେ ଭାରତ ଇନିଂସ ହାରିବା ଆଶଙ୍କା ଦେଖା ଦେଇଥିଲା। ଏହାପରେ କେଏଲ ରାହୁଲ ଏବଂ ଗିଲ୍‌ଙ୍କ ମଧ୍ୟରେ ୧୮୮ ରନର ପାର୍ଟନର୍ସିପ୍ ଦଳ ପାଇଁ ଟର୍ଣ୍ଣିଂ ପଏଣ୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ ଜାଡ଼େଜା ଏବଂ ସୁନ୍ଦର ଦୁହେଁ ଆକ୍ରମଣାତ୍ମକ ଢଙ୍ଗରେ ଖେଳ ପ୍ରଦର୍ଶନ କରି ଇଂଲଣ୍ଡକୁ ବିଜୟୀ ହେବାରୁ ରୋକିଥିଲେ।

# ଏସିଆ କପ୍ : ସେପ୍ଟେମ୍ବର ୧୪ରେ ଭାରତ-ପାକିସ୍ତାନ ଟକ୍କର

**ନୂଆଦିଲ୍ଲୀ**

ଆସନ୍ତା ସେପ୍ଟେମ୍ବର ୧୪ ଏସିଆ କପରେ ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ। ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ୧୪ ତାରିଖ (ରବିବାର)ରେ ଖେଳାଯିବ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ମୁକାବିଲା। ଏହି ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ଲଢ଼େଇ ଦେଖିବାକୁ ମିଳିବ। ଆଇସିସି ଚାମ୍ପିୟନ୍ସ ଟ୍ରଫି ପରେ ଦୁଇ ଦେଶ ପରସ୍ପର ବିରୋଧରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ସେହିପରି ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଭାରତ-ପାକିସ୍ତାନ କୌଣସି କ୍ରିକେଟ ମ୍ୟାଚ୍ ଖେଳିବେ।




ଏସିଆ କପ୍ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ଫାଇନାଲ ସେପ୍ଟେମ୍ବର ୨୮ରେ ଖେଳାଯିବ। ପାକିସ୍ତାନକୁ ଭେଟିବା ପୂର୍ବରୁ ଭାରତ ନିଜର ପ୍ରଥମ ମ୍ୟାଚ୍ ୧୦ ତାରିଖରେ ୟୁଏଇ ବିରୋଧରେ ଖେଳି ନିଜର ଏସିଆ କପ୍ ଅଭିଯାନ ଆରମ୍ଭ କରିବ। ସେହିପରି ୧୨ ତାରିଖରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ଲଢ଼େଇ କରିବେ। ଭାରତ ତା’ର ଶେଷ ଗ୍ରୁପ ମ୍ୟାଚ୍ ୧୯ ତାରିଖରେ ଓମାନ ବିରୋଧରେ ଖେଳିବ। ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଏସିଆ କପ୍‌ର ଗ୍ରୁପ୍ ଏ’ରେ ରହିଛନ୍ତି।

ଗ୍ରୁପ ବି’ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ଦଳ ୩ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଏହାପରେ ପ୍ରତିଟି ଗ୍ରୁପରୁ ଶ୍ରେଷ୍ଠ ୨ଟି ଲେଖାଏଁ ଦଳ ପରବର୍ତ୍ତୀ ରାଉଣ୍ଡକୁ ଯିବେ। ସେଠାରେ ରାଉଣ୍ଡ ରବିନ ଫର୍ମାଟରେ ପ୍ରତି ଦଳ ପରସ୍ପର ସହ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ଟପ୍ ୨ଟି ଦଳ ମଧ୍ୟରେ ଟ୍ରଫି ଟକ୍କର ହେବ।

ଭାରତ ଏସିଆ କପ୍ ଆୟୋଜନ କରୁଛି। କିନ୍ତୁ ଭାରତ ବଦଳରେ ଏସିଆ କପ୍ ୨୦୨୫ ଟି-୨୦ ଫର୍ମାଟରେ ୟୁଏଇରେ ଖେଳାଯିବ। ଏସିଆ କପ୍ ୨୦୨୫ର ସମସ୍ତ ମ୍ୟାଚ୍ ଦୁବାଇ ଓ ଅବୁଧାବିରେ ଖେଳାଯିବ। ଭାରତ ଯଦିଓ ଏସିଆ କପର ହୋଷ୍ଟ, କିନ୍ତୁ ମ୍ୟାଚ୍‌ଗୁଡ଼ିକ ବିସିସିଆଇ ନିରପେକ୍ଷ ଭେନ୍ୟୁରେ ଆୟୋଜନ କରିବ।

ଏସିଆ କପ ଏଥର ଟି-୨୦ ଫର୍ମାଟରେ ଖେଳାଯିବ। ଭାରତ ସମେତ ମୋଟ ୮ଟି ଟିମ୍ ଏଥିରେ ଭାଗ ନେବେ। ଭାରତ ବ୍ୟତୀତ ଶ୍ରୀଲଙ୍କା, ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶ, ହଂକଂ, ୟୁଏଇ ଓ ଓମାନ ଏସିଆ କପ ୨୦୨୫ରେ ନଜର ଆସିବେ।

ଭାରତ ଓ ପାକିସ୍ତାନ ସମାନ ଗ୍ରୁପରେ ରହିଛନ୍ତି। ଏହାର ଅର୍ଥ ଦୁଇ ଦଳ ମଧ୍ୟରେ ୩ ଥର ଲଢ଼େଇ ହେବାର ସମ୍ଭାବନା ରହିଛି। ଲିଗ ଷ୍ଟେଜ, ସୁପର ୪ ଓ ଫାଇନାଲରେ ଦୁଇ ଦଳର ଟକ୍କର ଦେଖିବାକୁ ମିଳିପାରେ। କିନ୍ତୁ ସବୁ କିଛି ଯୋଗ୍ୟତା ଅର୍ଜନ ଉପରେ ନିର୍ଭର କରୁଛି।

# ଅକ୍ଟୋବର ୨୨ରୁ ‘ଥାର୍ଡ ଆଇ’ କର୍ପୋରେଟ୍ ପ୍ରିମିୟର ଲିଗ୍




**ଭୁବନେଶ୍ୱର**

ଆସନ୍ତା ଅକ୍ଟୋବର ୨୨ରୁ ଆରମ୍ଭ ହେବ ଓଡ଼ିଶାର ଅନ୍ୟତମ ବଡ଼ କର୍ପୋରେଟ୍ ଟୁର୍ଣ୍ଣାମେଣ୍ଟ। ଥାର୍ଡ ଆଇ କର୍ପୋରେଟ୍ ପ୍ରିମିୟର ଲିଗ୍ (ସିପିଏଲ) ଅକ୍ଟୋବର ୨୨ ତାରିଖରୁ ୫ ଦିନ ଧରି ଭୁବେନଶ୍ୱରର ଘାଟିକିଆ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହେବ। ସିପିଏଲ ଗୋଟିଏ ପ୍ରିମିୟମ୍ କର୍ପୋରେଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏଥିରେ ୧୬ଟି ଦଳ ଭାଗ ନେବେ। କର୍ପୋରେଟ୍ ପ୍ରଫେସନାଲଙ୍କ ମଧ୍ୟର ଖେଳୁଆଡ଼ ମନୋଭାବ, ଟିମ୍‌ୱର୍କ ଓ ବନ୍ଧୁତ୍ୱର ଭାବନାକୁ ପ୍ରସାର ପ୍ରଚାର କରିବା ଏହି ଟୁର୍ଣ୍ଣାମେଣ୍ଟର ମୂଳ ଉଦ୍ଦେଶ୍ୟ।

ସିପିଏଲ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜିତ ହେବ। ଅର୍ଥାତ ଖେଳାଳିଙ୍କ ନିଲାମ ହେବ। ଖେଳାଳି ନିଲାମୀ ପାଇଁ ପଞ୍ଜିକରଣ ଆରମ୍ଭ ହୋଇସାରିଛି। ସିପିଏଲରେ ପ୍ରତିଟି ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହେବ। ଟେନିସ୍ ବଲରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ୫ ଦିନ ଧରି ଚାଲିବାକୁ ଥିବା ଟୁର୍ଣ୍ଣାମେଣ୍ଟର ୧୬ଟି ଦଳ ମୋଟ ୩୨ଟି ମ୍ୟାଚ୍ ଖେଳିବେ। ଟୁର୍ଣ୍ଣାମେଣ୍ଟର ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ଚାମ୍ପିଅନଙ୍କୁ ୧ ଲକ୍ଷ ୫୦ ହଜାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିପରି ରନର୍ସଅପ ଦଳକୁ ୮୦ ହଜାର ଓ ଟ୍ରଫି ଦିଆଯିବ। ପ୍ରତି ମ୍ୟାଚ୍‌ରେ ମ୍ୟାନ ଅଫ ଦ ମ୍ୟାଚ୍ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୧୦ ହଜାର ଲେଖାଏଁ ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀରେ ଥାର୍ଡ ଆଇ କର୍ପୋରେଟ୍ ପ୍ରିମିୟର ଲିଗ୍‌ର ବରିଷ୍ଠ ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଦରିଦ୍ର ନାରାୟଣ ନାୟକ, ସଭାପତି ସୋନାଲ ସାହୁ, ଉପ ସଭାପତି ଆଶୀଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ବଲ୍ଲଭ ବେହେରା ଓ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ଏସୀୟ ଅଧିନାୟକ ଭାବେ ୭୦୦ ରନ୍ କଲେ ଗିଲ୍

**ମାଞ୍ଚେଷ୍ଟର**

ଭାରତର ଅଧିନାୟକ ଶୁଭମନ ଗିଲ୍ ରବିବାର ଏକ ଐତିହାସିକ ଉପଲବ୍ଧି ହାସଲ କରିଛନ୍ତି। ସେ ବିଦେଶ ମାଟିରେ ଟେଷ୍ଟ ସିରିଜ୍‌ରେ ୭୦୦ରୁ ଅଧିକ ରନ କରିବାରେ ପ୍ରଥମ ଭାରତୀୟ ଅଧିନାୟକ ହେବାର ଉପଲବ୍ଧି ହାସଲ କରିଛନ୍ତି। ସେ ଏହି ସଫଳତା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ହାସଲ କରିଥିଲେ। ୨୫ ବର୍ଷୀୟ ଗିଲ୍ ସେହି ସଫଳ କିମ୍ବଦନ୍ତୀ ଅଧିନାୟକଙ୍କ କ୍ଲବରେ ସାମିଲ ହୋଇଛନ୍ତି ଯେଉଁମାନେ ଗୋଟିଏ ଟେଷ୍ଟ ସିରିଜ୍‌ରେ ୭୦୦ରୁ ଅଧିକ ରନ କରିଥିଲେ। ଏହି ତାଲିକାରେ ସାର ଡନବ୍ରାଡମ୍ୟାନ(ଦୁଇ ଥର), ସାର ଗ୍ୟାରି ସୋବର୍ସ, ଗ୍ରେଗ ଚ୍ୟାପେଲ, ସୁନୀଲ ଗାଭାସ୍କର, ଡେଭିଡ ୱାର୍ଣ୍ଣର, ଗ୍ରାହାଗମ ଗୁଚ୍ ଓ ଗ୍ରେମ ସ୍ମିଥଙ୍କ ପରି ନାଁ ସାମିଲ।




ଗିଲ, ସୁନୀଲ ଗାଭାସ୍କର ଓ ଯଶସ୍ୱୀ ଜୟସ୍ୱାଲଙ୍କ ପରେ ଟେଷ୍ଟ ସିରିଜ୍‌ରେ ୭୦୦ ରନ ଅତିକ୍ରମ କରିବାରେ ତୃତୀୟ ଭାରତୀୟ ବ୍ୟାଟର ହୋଇ ପାରିଛନ୍ତି। ତାଙ୍କର ଏହି ସ୍ମରଣୀୟ ଇନିଂସ ସେହି ସମୟରେ ଆସିଛି ଯେତେବେଳେ ଭାରତୀୟ ଦଳ ମୁସ୍କିଲ ସ୍ଥିତିରେ ଥିଲା। ଆଜବେଷ୍ଟନ ଟେଷ୍ଟରେ କ୍ୟାରିୟରର ସର୍ବଶ୍ରେଷ୍ଠ ଇନିଂସ ୨୬୯ ରନ କରିବା ପରେ ଗିଲ୍ ସିରିଜର ପ୍ରଥମ ୭ନିଂସରେ ୬୧୯ ରନ କରି ସାରିଥିଲେ।

ତାଙ୍କୁ ବିରାଟ କୋହଲିଙ୍କ ୨୦୧୪ ଇଂଲଣ୍ଡ ଗସ୍ତରେ କରିଥିବା ୬୯୨ ରନ ଅତିକ୍ରମ କରିବା ପାଇଁ ୭୪ ରନ ଦରକାର ଥିଲା ଏବଂ ୭୦୦ ରନ ଛୁଇଁବା ପାଇଁ ୮୧ ରନ ଦରକାର ଥିଲା। ଭାରତ ୩୧୧ ରନରେ ପଛୁଆ ଥିବା ବେଳେ ଦଳ ପ୍ରଥମ ଓଭରରେ ହିଁ ୨ଟି ୱିକେଟ୍ ହରାଇଥିଲା। ଏହି ସମୟରେ ଗିଲ୍ ଓ କେଏଲ ରାହୁଲ ଚତୁର୍ଥ ଦିନର ପୂରା ଦୁଇଟି ସେସନ ବ୍ୟାଟିଂ କରି ଭାରତ ପାଇଁ ମ୍ୟାଚ୍ ଡ୍ର କରିବାର ଆଶା ସଞ୍ଚାର କରିଥିଲେ।

ଭାରତ ପାଇଁ ଟେଷ୍ଟ ସିରିଜ୍‌ରେ ୭୦୦ କିମ୍ବା ଅଧିକ ରନ କରିଥିବା ବ୍ୟାଟର : ୭୭୪-ସୁନୀଲ ଗାଭାସ୍କର ବନାମ ୱେଷ୍ଟଇଣ୍ଡିଜ, ୧୯୭୧(ବିଦେଶ)। ୭୩୨-ସୁନୀଲ ଗାଭାସ୍କର ବନାମ ୱେଷ୍ଟଇଣ୍ଡିଜ, ୧୯୭୮/୭୯(ଘରୋଇ)। ୭୧୨-ଯଶସ୍ୱୀ ଜୟସ୍ୱାଲ ବନାମ ଇଂଲଣ୍ଡ, ୨୦୨୪(ଘରୋଇ)। ୭୦୦-ଶୁଭମନ ଗିଲ୍ ବନାମ ଇଂଲଣ୍ଡ, ୨୦୨୫(ବିଦେଶ)।

ଗିଲ୍ ଲିୟାମ ଡାସନଙ୍କ ବଲରେ ଚୌକା ମାରି କୋହଲିଙ୍କ ରେକର୍ଡ ଭାଙ୍ଗିଥିଲେ। ପୁଣି ବେନ ଷ୍ଟୋକ୍ସଙ୍କ ବଲରେ ୨ ରନ ନେଇ ୭୦୦ ରନ ପୂରଣ କରିଥିଲେ। ଏହି ସିରିଜ୍‌ରେ ଗିଲ୍ ଚତୁର୍ଥ ଶତକୀୟ ଇନିଂସ ଖେଳିଛନ୍ତି। ଏହା ପୂର୍ବରୁ ସେ ୧୪୭ ରନ, ୧୬୧ ରନ ଓ ୨୬୯ ରନ କରିଥିଲେ। ତେବେ ପୂର୍ବର ଇନିଂସ ସହଜ ପରିସ୍ଥିତିରେ ଆସିଥିବା ବେଳେ ଏହି ପାଳି ବହୁତ କଠିନ ଏବଂ ମୁସ୍କିଲ ସ୍ଥିତିରେ ଆସିଛି। ଏହି ଉପଲବ୍ଧି ସହିତ ଗିଲ୍ ଏ ପର୍ଯ୍ୟନ୍ତ ଭାରତୀୟ ବ୍ୟାଟରଙ୍କ ଦ୍ୱାରା କୌଣସି ଏକ ଟେଷ୍ଟ ସିରିଜ୍‌ରେ ସବୁଠୁ ଅଧିକ ରନ କରିଥିବା ବ୍ୟାଟରଙ୍କ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଗାଭାସ୍କରଙ୍କ ୭୭୪ ଓ ୭୩୨ ରନ, ଜୟସ୍ୱାଲଙ୍କ ୭୧୨ ରନ ପରେ ଗିଲ୍ ୭୦୦ ରନ ରହିଛି। ଗିଲ୍ ପ୍ରଥମ ଭାରତୀୟ ଅଧିନାୟକ ଭାବେ ବିଦେଶ ମାଟିରେ ଟେଷ୍ଟ ସିରିଜ୍‌ରେ ୭୦୦ରୁ ଉର୍ଦ୍ଧ୍ୱ ରନ କରିଛନ୍ତି। ୨୫ ବର୍ଷ ବୟସରେ ଏହିପରି ଚାପ ସମୟରେ ପ୍ରଦର୍ଶନ କରିବା ଏବଂ ଦଳକୁ ସମ୍ଭାଳିବା ବାସ୍ତବରେ ବହୁତ ପ୍ରଶଂସନୀୟ।

## ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲ୍ : ଦିବ୍ୟା-ହମ୍ପି ପ୍ରଥମ ଗେମ୍ ଡ୍ର’

**ବାତୁମି**

ଚଳିତ ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଦୁଇ ଭାରତୀୟ ଖେଳାଳି ଡବ୍ଲ୍ୟୁଜିଏମ୍ କୋନେରୁ ହମ୍ପି ଓ ଆଇଏମ୍ ଦିବ୍ୟା ଦେଶମୁଖଙ୍କ ମଧ୍ୟରେ ଫାଇନାଲ ମୁକାବିଲା ଆରମ୍ଭ ହୋଇଛି। ଟ୍ରଫି ଲଢ଼େଇର ପ୍ରଥମ ଗେମ୍ (କ୍ଲାସିକାଲ) ଡ୍ର’ ହୋଇଛି। ଫଳରେ ଉଭୟ ଖେଳାଳି ପଏଣ୍ଟ ଭାଗ କରିଛନ୍ତି। ଦ୍ୱିତୀୟ କ୍ଲାସିକାଲ ଗେମ୍‌ରେ ଯିଏ ଜିତିବ ସିଏ ଚାମ୍ପିଅନ୍ ହେବ। ଡ୍ର’ ହେଲେ ସୋମବାର ଦିନ ଟାଇବ୍ରେକରେ ଫଳାଫଳ ନିର୍ଣ୍ଣୟ ହେବ। ପ୍ରଥମ କ୍ଲାସିକାଲ୍ ଗେମ୍‌ରେ ଦିବ୍ୟା ଧଳା ଏବଂ ହମ୍ପି କଳା ଗୋଟିରେ ଖେଳିଥିଲେ। ଧଳା ଗୋଟିରେ ଖେଳୁଥିବାରୁ ଦିବ୍ୟାଙ୍କ ପଲା ଭାରି ରହିଥିଲା। ୧୧ତମ ଗୋଟି ଚାଳନା ବେଳକୁ ସେ ଦୃଢ଼ ସ୍ଥିତିରେ ରହିଥିଲେ। ମାତ୍ର ହମ୍ପି ଚତୁରତାର ସହ ଖେଳି ପ୍ରତ୍ୟାବର୍ତ୍ତନ କରିଥିଲେ। ୨୯ତମ ଗୋଟି ଚାଳନା ସୁଦ୍ଧା ମ୍ୟାଚ୍ ଡ୍ର’ ହେବା ନିଶ୍ଚିତ ଜଣାପଡୁଥିଲା। ମାତ୍ର ଦିବ୍ୟା ଖେଳ ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲେ। ୩୪ତମ ଗୋଟି ଚାଳନାରେ ହମ୍ପି ଏକ ତ୍ରୁଟି କରିଥିଲେ ଏବଂ ଦିବ୍ୟାଙ୍କ ବିଜୟ ଆଶା ଉଜ୍ଜ୍ୱଳ ରହିଥିଲା। ଶେଷରେ ୪୨ଟି ଗୋଟି ଚାଳନ ପରେ ଉଭୟ ପଏଣ୍ଟ ଭାଗ କରିଥିଲେ। ଅନ୍ୟ ପଟରେ ଚୀନ ଡବ୍ଲ୍ୟୁଜିଏମ୍ ଲି’ ଟିଙ୍ଗଜି ଓ ଟାନ୍ ଝୋନଗୀଙ୍କ ମଧ୍ୟରେ ତୃତୀୟ ସ୍ଥାନ ପାଇଁ ଲଢ଼େଇର ପ୍ରଥମ ଗେମ୍ ମଧ ଡ୍ର’ ହୋଇଛି। ଉଭୟ ପଏଣ୍ଟ ଭାଗ କରିଛନ୍ତି।

# ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା

## ମାଧ୍ୟମିକ ଶିକ୍ଷା ପରିଷଦ ସହ ସମ୍ପାଦକ ଏବଂ ୫ ସେକ୍ସନ ଅଫିସରଙ୍କୁ ବଦଳି

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ୬ ଜଣଙ୍କୁ ବଦଳି କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦର ସହ ସମ୍ପାଦକ ଏବଂ କିଛି ସେକ୍ସନ ଅଫିସରଙ୍କୁ ବଦଳି କରିଦେଇ ଉଚ୍ଚ ପଦସ୍ଥ ଅଧିକାରୀମାନେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଚେଷ୍ଟା କରିଛନ୍ତି। ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଲାଗି ୧୯୩ ପରୀକ୍ଷା କେନ୍ଦ୍ର ହୋଇଥିଲା ଏବଂ ପ୍ରାୟ ୭୫ ହଜାର ଶିକ୍ଷକ ଏହି ପରୀକ୍ଷା ଦେଇଥାଆନ୍ତେ। କିନ୍ତୁ ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପରୀକ୍ଷା ବାତିଲ କରିଦିଆଗଲା। ତେବେ ଏଥିରେ କିଏ ସମ୍ପୃକ୍ତ, କେମିତି ପ୍ରଶ୍ନପତ୍ର ବାହାରକୁ ଗଲା, ତା’ ଉପରେ ବୋର୍ଡ କର୍ତ୍ତୃପକ୍ଷ ଏଯାଏଁ କୌଣସି ସ୍ପଷ୍ଟୀକରଣ ରଖିନାହାନ୍ତି। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି, ହେଲେ ସପ୍ତାହେ ପରେ ବି ତଦନ୍ତକାରୀ ସଂସ୍ଥାର ହାତ ଖାଲି କହିଲେ ଚଳେ। ଶୁକ୍ରବାର ବୋର୍ଡ ସଭାପତି ଏକ ନିର୍ଦ୍ଦେଶନାମା ବଳରେ ଜଣେ ବରିଷ୍ଠ ଅଧିକାରୀ ଓ ୫ ଜଣ ସେକ୍ସନ ଅଫିସରଙ୍କୁ ଅନ୍ୟ ବିଭାଗକୁ ବଦଳି କରିଛନ୍ତି। ହେଲେ ପ୍ରଶ୍ନପତ୍ର ଲିକ୍ ଘଟଣା ଏବେବି ରହସ୍ୟ ଘେରରେ ରହିଛି।

## ତାଇକୋଣ୍ଡୋରେ ଅଦମ୍ୟ ପାଇଲେ ରୌପ୍ୟ



**କେନ୍ଦୁଝର, ନ୍ୟୁଜ୍**

୨୦୨୫ ବର୍ଷ ପାଇଁ ସିବିଏସ୍‌ଇର ଆଞ୍ଚଳିକ ତାଏକୋଣ୍ଡୋ ଚାମ୍ପିଅନସିପ୍ ଚଳିତ ମାସ ୨୪ରୁ ୨୬ ତାରିଖ ଯାଏ ମେଘାଳୟର ଶିଲଂ ଠାରେ ବିଡିଡ଼ବ୍ଲୁ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା, ଆସାମ, ଛତିଶଗଡ଼, ମେଘାଳୟ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବିଭିନ୍ନ ବର୍ଗରେ ପ୍ରାୟ ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ତନ୍ମଧ୍ୟରେ କେନ୍ଦୁଝରର ତାଏକୋଣ୍ଡୋ ଖେଳାଳି ଅଦମ୍ୟ ଅରିଜିତ ରାୟ ୧୪ ବର୍ଷରୁ କମ୍ ଓ ୪୧ କେଜିରୁ ଅଧିକ ବିଭାଗରେ ପ୍ରଶିକ୍ଷକ ରାଜେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅଂଶ ଗ୍ରହଣ କରିଥିଲେ। ମୋଟ ୨୪ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ୫ ରାଉଣ୍ଡରେ ମେଘାଳୟ, ଛତିଶଗଡ଼, ଆସାମ ଓ ଓଡ଼ିଶା ଖେଳାଳିଙ୍କ ସହ ଖେଳି ଅଦମ୍ୟ ଅରିଜିତ ରାୟ ରୌପ୍ୟ ପଦକ ହାସଲ କରିଥିଲେ। ଅଦମ୍ୟ କେନ୍ଦୁଝର ରବୀନ୍ଦ୍ର ବିଦ୍ୟା ନିକେତନର ଅଷ୍ଟମ ଶ୍ରେଣୀର ଛାତ୍ର ଅଟନ୍ତି। ତାଙ୍କର ଏହି ସଫଳତାରେ ପ୍ରଶିକ୍ଷକ ମୌଳିନ୍ଦୁ କୁମାର ମହାନ୍ତ ଓ ମନିଶ ପ୍ରସାଦ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଓଡ଼ିଶା ତାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ମଧ୍ୟ ଅଦମ୍ୟଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଗାଁରେ ପଶି ପାଚେରୀ ଭାଙ୍ଗିଲେ ହାତୀପଲ



**ନିରାକାରପୁର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅଧୀନରେ ଗୟାବନ୍ଧ ସଂଖ୍ୟାଲଘୁ ସାହିରେ ଜଙ୍ଗଲୀ ହାତୀ ପଶି ଘର ପାଚେରୀ ଭାଙ୍ଗିଥିବା ଜଣାପଡ଼ିଛି। ଦୀର୍ଘ ଦିନ ଧରି ଅଞ୍ଚଳରେ ୪ଟିକିଆ ହାତୀପଲ ରହି ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ କେତେବେଳେ ଘର, ବାରିରେ ପଶି ଲାଗିଥିବା ଗଛପତ୍ର ଖାଉଛନ୍ତି ତ’ କେତେବେଳେ ଘରେ ବାରିରେ ହୋଇଥିବା ସୁରକ୍ଷା ପାଚେରୀ ଭାଙ୍ଗୁଛନ୍ତି। ଏପରିକି କେତେବେଳେ ମଣିଷ ସହିତ ହାତୀର ଲଢେଇ ହୋଇ ହାତୀ ମରୁଛି ତ କେତେବେଳେ ମଣିଷ ମରୁଛନ୍ତି। ଶନିବାର ବିଳମ୍ବିତ ରାତିରେ ୪ଟି ହାତୀ ଗୟାବନ୍ଧ ଗାଁ ନିକଟକୁ ଆସି ଅବଦୁଲ ଗଫୁର ଖାଁ ଫାର୍ମହାଉସ ପାଚେରୀ ଭାଙ୍ଗି ଫାର୍ମ ଭିତରେ ଲଗାଯାଇଥିବା ଗଛପତ୍ର ଖାଇବା ସହ ଦଳିଚକଟି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଖବର ପାଇ ବନ କର୍ମଚାରୀ ପହଞ୍ଚି ହାତୀର ଗତିବିଧି ଜାଣିବା ପାଇଁ ଡ୍ରୋନ ସହାୟତାରେ ନଜର ରଖିଛନ୍ତି। ହେଲେ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇବାରେ ବିଫଳ ହେଉଥିବାରୁ ଚାଷୀ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

# ମାତ୍ର ୨୦ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକ୍ରି କରିଦେଲେ ମା’ ବାପା

**ଟିଟିଲାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବୁଝିଲେନି ସମ୍ପର୍କ। ମାତ୍ର ୨୦ ହଜାରରେ ଶିଶୁ କନ୍ୟାଙ୍କୁ ବିକ୍ରି କରିଦେଲେ ମା’ବାପା। ଏଭଳି ଘଟଣା ଟିଟିଲାଗଡ଼ ବ୍ଲକର ବାଗଡ଼େର ଗାଁରେ ଦେଖିବାକୁ ମିଳିଛି। ଏକ ଦମ୍ପତି ନିଜ ଶିଶୁ କନ୍ୟାକୁ ୨୦ ହଜାର ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନାନୁସାରେ, ବାଗଡେର ଗାଁର ନୀଳ ରଣାଙ୍କ ପ୍ରଥମ ସ୍ତ୍ରୀରୁ ୩ଟି ଶିଶୁ କନ୍ୟା ଥିଲେ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ପ୍ରଥମ ସ୍ତ୍ରୀ ନୀଳ ରଣାଙ୍କୁ ଛାଡ଼ି ମା’ ଘରକୁ ପଳାଇ ଯାଇଥିଲେ । ଏହାପରେ ନୀଳ ୨ୟ ବିବାହ କରିବା ପରେ ୨ୟ ସ୍ତ୍ରୀଙ୍କ ମଧ୍ୟ ପ୍ରଥମ ଝିଅ ହୋଇଥିଲା ଓ ପରେ ୨ୟ ଝିଅ ହେବା ପରେ ୨ୟ ଝିଅକୁ ୨୦ ହଜାର ଟଙ୍କାରେ ବିକ୍ରି କରିଥିବା ନୀଳ ରଣା ଓ ପତ୍ନୀ କନକ ରଣା ସ୍ୱୀକାର କରିଛି । ନୀଳ ରଣା ଓ କନକ ରଣା ଏକ ଗରିବ ପରବାର ଶ୍ରେଣୀର ହୋଇଥିବାରୁ ବର୍ଷର ଅଧିକାଂଶ ସମୟ ଦାଦନ ଖଟିବାକୁ ଯାଇଥାନ୍ତି। କନକ ଗର୍ଭବତୀ ହେବା ପରେ ଟିଟିଲାଗଡ଼ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଶିଶୁ କନ୍ୟାଟି ଜନ୍ମ ହୋଇଥିଲା। ହସ୍ପିଟାଲରୁ ନବଜାତ ଶିଶୁ କନ୍ୟା ଓ କନକ ଘରକୁ ଆସିବା ପରେ ୭ ଦିନ ମଧ୍ୟରେ ପାଇକମାଲର ଏକ ଗାଁର ଦମ୍ପତ୍ତିକୁ ୨୦ ହଜାର ଟଙ୍କାରେ ବିକ୍ରି କରିଥିବା ନୀଳ ଓ କନକ ସ୍ୱୀକାର କରିଛନ୍ତି। ଗରିବ ଶ୍ରେଣୀର ଲୋକଙ୍କୁ ସହାୟତା ପାଇଁ ସରକାରଙ୍କ ପାଖରେ ଅନେକ ଯୋଜନା ହେଲେ ଏହି ସମସ୍ତ ଯୋଜନାରୁ ବାଦ୍ ପଡିଛନ୍ତି ଏହି ଗରିବ ପରିବାର। ଭଙ୍ଗା ଦଦରା ଘରେ ରହିବା ଅସମ୍ଭବ। ଏପରିକି ରାଶନ ମିଳୁନଥିବାରୁ ଏମାନେ ଅନେକ କଷ୍ଟରେ ଚଳୁଛନ୍ତି। ସରକାରର ସମସ୍ତ ଯୋଜନାରୁ ବାଦ ପଡିଥିବା ସହିତ ଅତି ଗରିବ ହୋଇଥିବାରୁ ଶିଶୁ କନ୍ୟାକୁ ବିକ୍ରି କରିଥିବା କହିଛନ୍ତି ଏହି ଦମ୍ପତି।

# ବିଜେଡି ପକ୍ଷରୁ ୧୮୦ ୟୁନିଟ୍ ରକ୍ତ ସଂଗ୍ରହ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କାରଗିଲ ବିଜୟ ଦିବସ ଉପଲକ୍ଷେ ବିଜେଡିର କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏକ ମହା ରକ୍ତଦାନ ଶିବିର କେନ୍ଦ୍ରାପଡ଼ା ଟାଉନ ହଲ୍ ଠାରେ ବିଧାୟକ ଗଣେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ କେନ୍ଦ୍ରାପଡ଼ା ରକ୍ତ ଭଣ୍ଡାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ବିଜେଡି ସୁପ୍ରିମୋମା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରରେ ବହୁ ନେତୃସ୍ଥାନୀୟ ବ୍ୟକ୍ତି, କର୍ମୀ ଓ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଶିବିରକୁ ସଫଳ କରାଇ ଥିବାରୁ ସଂଗଠନ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି । ବିଧାୟକ ଶ୍ରୀ ବେହେରା ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ପୌରାଧକ୍ଷା ସରିତା ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ସମାଜସେବୀ ରଂଜିତ ସାହୁ, ହିରଣ୍ୟ ପଣ୍ଡା, ପ୍ରଦିପ୍ତ ମହାନ୍ତି, ଧିରେନ ସାହୁ, ପ୍ରଦ୍ୟୁମ୍ନ ଜେନା, ପ୍ରସନ୍ନ ରାଉତ, ମାନସ ପରିଡ଼ା, ସସ୍ମିତା ପାଢ଼ୀ, ଆଲେକା ସାହୁ, ରଶ୍ମିତା ସିଂହ, ମୁକ୍ତାର ଖାନ, ବିଜୟ ମଣ୍ଡଳ, ସ୍ୱାଧିନ ନାୟକ, ନିରାକାର ସ୍ୱାଇଁ, ପ୍ରଦିପ୍ତ ଜେନା ପ୍ରମୁଖ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ରହି ରକ୍ତଦାନ କରିବା ସହିତ ଅନ୍ୟ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

# ବରିଷ୍ଠ ସାମ୍ବାଦିକ ରାଜ କୁମାର ମାହାଣାଙ୍କ ପରଲୋକ : ବିଭିନ୍ନ ମହଲରେ ଶୋକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଭୋର ୫.୩୦ମି.ରେ ଖବର କାଗଜ ବିତରଣ ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ୍‌ର ବରିଷ୍ଠ ସାମ୍ବାଦିକ (ପ୍ରମେୟ ପ୍ରତିନିଧି) ତଥା ଓଡ଼ିଶା ସାମ୍ବାଦିକ ସଂଘର ଜିଲ୍ଲା ଉପଦେଷ୍ଟା ରାଜ କୁମାର ମାହାଣା (୭୬)ଙ୍କ ବଲାଙ୍ଗୀର ମେଡିକାଲରେ ମୃତ୍ୟୁ ଘଟିଛି। ଏ ଖବରରେ ତରଭା ସୋନପୁର ବଲାଙ୍ଗୀର ଅଞ୍ଚଳ ସମେତ ସାରା ଓଡ଼ିଶାରେ ସାମ୍ବାଦିକ ମହଲରେ ଶୋକ ଖେଳି ଯାଇଛି। ସେ ଜଣେ ଅତି ଭଦ୍ର, ସରଳ, ନମ୍ର ସହ ଅମାୟିକ ବ୍ୟକ୍ତିତ୍ୱ ଖୁବ୍ ଲୋକପ୍ରିୟତା ହାସଲ କରିଥିଲେ। ନିଷ୍ଠା ଓ ନିର୍ଭୀକତାର ସହିତ ସାମ୍ବାଦିକତା ବୃତ୍ତିରେ ଶେଷ ଦିନ ଶେଷ ନିଃଶ୍ୱାସ ଯାଏ କାର୍ଯ୍ୟ କରି ଆସିଥିଲେ। ଶ୍ରୀ ମାହାଣା ଚାରିମାସ ପୂର୍ବରୁ ଗୁରୁତର ଅସୁସ୍ଥତା କାରଣରୁ ବିକାଶ ବରଗଡ଼ ମେଡିକାଲ୍‌ରେ ଦୀର୍ଘଦିନ ଚିକିତ୍ସିତ ହୋଇ ଜୀବନ ମରଣ ସହ ବହୁ ସଂଘର୍ଷ କରି ସୁସ୍ଥ ହୋଇ ଥିଲେ ଓ ପୁଣି ଏକ ନୂଆଁ ଜୀବନ ଯାପନ ଆରମ୍ଭ କରିଥିଲେ। ସଂଘ କର୍ମକର୍ତ୍ତା ଓ ସୁବର୍ଣ୍ଣପୁରର ପ୍ରାକ୍ତନ ଏସ୍‌ପି ରାମ ପ୍ରସାଦ ସାହୁ ତାଙ୍କ ଘରକୁ ପହଞ୍ଚି ଆର୍ଥିକ ସହାୟତା ଯୋଗାଇ ଉତ୍ସାହିତ କରିଥିଲେ। ଏହି ଖବରରେ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜ, ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ଉପ ସଭାପତି ଦୀପକ କୁମାର ଓ ରମଣୀ ରଞ୍ଜନ ଦାସ ଗଭୀର ଶୋକ ପ୍ରକାଶ କରିଥିବା ବେଳେ ସୁବର୍ଣ୍ଣପୁର ସମେତ ସମସ୍ତ ଜିଲ୍ଲାର କର୍ମକର୍ତ୍ତା ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ ସାଂଗଠନିକ ସମ୍ପାଦକ ରାଜ କିଶୋର ତ୍ରୀପାଠୀ, ଜିଲ୍ଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ, ଉପ ସଭାପତି ବିବେକା ନନ୍ଦ ମିଶ୍ର, ମୁକେଶ ବର୍ଗର୍ତ୍ତୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀଳ କମଳ ମିଶ୍ର, ସଂଘର ତରଭା ବ୍ଲକ ଶାଖାର ବରିଷ୍ଠ ସଦସ୍ୟ ମାନ ଭଞ୍ଜନ ମିଶ୍ର, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ, କଲ୍ୟାଣ ପାଢ଼ୀ, ସମାଜ ସେବୀ ଜୟ ପ୍ରକାଶ ସାହୁ, ପୁଇନ୍ତଳା ବ୍ଲକ ଅଧ୍ୟକ୍ଷ ସରୋଜ୍ ପଧାନ, କେବିକେ ପ୍ରମେୟ ପରିବାରର ମୁଖ୍ୟ ଅଖିଳ ଚନ୍ଦ୍ର ହୋତା, ବଲାଙ୍ଗିର ପ୍ରମେୟ ସର୍କୁଲେସନ ମ୍ୟାନେଜର ବିଷ୍ଣୁ ଚରଣ ସାହୁ, ଜିଲ୍ଲା ପ୍ରତିନିଧି ମୁକେଶ ବହିଦାର, ଅମର ଜିତ୍ ବେହେରା, ସବ୍‌ଏଡ଼ିଟର ସଂଗ୍ରାମ ମିଶ୍ରଙ୍କ ସମେତ ତରଭା ସୋନପୁର ଓ ବଲାଙ୍ଗିର ଅଞ୍ଚଳର ବହୁ ସାମ୍ବାଦିକ, ରାଜନେତା, ବୁଦ୍ଧିଜୀବୀ, ସମାଜସେବୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗୀୟ ଶ୍ରୀ ମାହାଣାଙ୍କ ଅନ୍ତିମ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଧର୍ମପତ୍ନୀ, ପୁଅ, ପୁତ୍ରବଧୂ, ଦୁଇଝିଅ, ନାତିନାତୁଣୀ ଶେଷ ଦର୍ଶନ କରି ଦୁଃଖରେ ଭାଙ୍ଗି ପଡ଼ିଥିଲେ। ତରଭା ବ୍ରିଜ୍ ଶ୍ମଶାନ ଘାଟରେ ଶ୍ରୀ ମାହାଣାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ଜିତେନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ।



## ନାଗ ସାପକୁ କାମୁଡ଼ି ମାରିଦେଲା ବର୍ଷକର ଛୁଆ

**ବେଟିଆ ଗାଁ**

ବିହାରର ବେଟିଆ ଗାଁରୁ ଆସିଛି ଗୋଟିଏ ସାଂଘାତିକ ଘଟଣା। ଏଠାରେ ବର୍ଷକର ଛୁଆ ଗୋଟିଏ ନାଗ ସାପକୁ କାମୁଡ଼ି ମାରି ଦେଇଛି। ଘର ବାହାରେ ପିଲାଟି ଖେଳୁଥିବା ବେଳେ ସାପଟି ତା’ ହାତରେ ଗୁଡ଼ାଇ ହୋଇ ଯାଇଥିଲା। ତେଣୁ ସେ ସାପକୁ ଦାନ୍ତରେ କାମୁଡ଼ି ମାରି ଦେଇଥିଲା। ଗୋବିନ୍ଦ ନାମକ ବର୍ଷକର ଛୁଆଟି ସାପକୁ କାମୁଡ଼ି ମାରି ଦେବା ପରେ ନିଜେ ଅଚେତ ହୋଇ ଯାଇଥିଲା। ଏଥିଯୋଗୁ ତାକୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା କଥା, ସାପଟି ପିଲାଟିର ହାତରେ ପୂରା ଜୋରରେ ଗୁଡ଼ାଇ ହୋଇ ଯାଇଥିଲା। ଏଥି ଯୋଗୁ ସେ ସାପଟିକୁ ସମ୍ଭବତଃ ଦାନ୍ତ ଦ୍ୱାରା ଜୋରରେ କାମୁଡ଼ି ଦେବାରୁ ତା’ର ମୃତ୍ୟୁ ହୋଇଥିଲା। ଘଟଣାର କିଛି ସମୟ ପରେ ଗୋବିନ୍ଦର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା।

# ଯାଜପୁର ନୂତନ ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ପରିଦର୍ଶନ : ପରସ୍ଥିତି ସମୀକ୍ଷା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁରରେ ନୂତନ ଜିଲ୍ଲାପାଳ ଭାବେ ଯୋଗଦେଇଥିବା ଅମ୍ବର କୁମାର କର ଜିଲ୍ଲା କାର୍ଯ୍ୟାଳୟର ଓସ୍ୱାନ ଭି.ସି. କକ୍ଷରେ ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନିଷ ଅଗ୍ରୱାଲ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାରେ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ଯୋଗୁ ଯାଜପୁର ଓ ଦଶରଥପୁର ଦୁଇଟି ବ୍ଲକର ୧୩ଟି ପଞ୍ଚାୟତ, ୨୪ଟି ଗାଁ ପ୍ରଭାବିତ ହୋଇଛି। ୬୫୯୪ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୪୪ ଜଣ ଲୋକଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ଦୁଇଟି ରିଲିଫ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଚାରୋଟି ମେଡିକାଲ ଟିମ୍ ଓ ଗୋଟିଏ ଭେଟେରୀନାରୀ ଟିମ୍ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଛି। ବର୍ତ୍ତମାନ ବୈତରଣୀ ନଦୀରେ ଜଳ ସ୍ତର କମୁଛି। ଜିଲ୍ଲାପାଳ ବନ୍ୟାଜଳରେ ପ୍ରଭାବିତ ଲୋକମାନଙ୍କୁ ଆଶ୍ରୟସ୍ଥଳୀରେ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଛାଡ଼ିଲା ପରେ ପାନୀୟ ଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପ ଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଲୋକମାନେ ଆଶ୍ରୟସ୍ଥଳୀରେ ଅଛନ୍ତି ସେମାନଙ୍କୁ ରବିବାର ଘରକୁ ଛଡ଼ାଯିବ ନାହିଁ। ଯେଉଁ ଅଞ୍ଚଳରେ ଘରେ ପାଣି ପଶିଛି ସେଠାରେ ସାପ ଓ ସରୀସୃପମାନେ ଥାଇପାରନ୍ତି ଏଣୁ ପାଣି ଛାଡ଼ିଲା ପରେ ଦିନ ବେଳା ଯେଉଁମାନେ ଚାହିଁବେ ଘରକୁ ଯାଇପାରିବେ। ଜିଲ୍ଲାର ଦଶାସ୍ୱମେଧ ଘାଟ, ବଲ୍ଲଭୀ ଘାଟ, ସିଦ୍ଧେଶ୍ୱର ଘାଟ, କୟାଁଗୋଲା ଓ ଅନ୍ୟାନ୍ୟ ଜାଗାରୁ ରବିବାର ଓ ସୋମବାର ସକାଳେ ବୋଲବମ୍ ଭକ୍ତମାନେ ପାଣି ଉଠେଇବାକୁ ଥିବାରୁ ସେଠାରେ ଅଗ୍ନିଶମ ବାହିନୀ ଓ ବିଭାଗୀୟ ଅଧିକାରୀମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଟ ସର୍କିଟ କିମ୍ବା ବୈଦ୍ୟୁତିକ ସମସ୍ୟା ଦେଖାଦେଲେ ଟୋଲ ଫ୍ରି ନମ୍ବର ୧୯୧୨ରେ କଲ୍ କଲେ ସମସ୍ୟାର ତୁରନ୍ତ ସମାଧାନ କରାଯିବ। ପରେ ଜିଲ୍ଲାପାଳ ଓ ଅତିରିକ୍ତ ରିଲିଫ କମିଶନର ଦଶରଥପୁର ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଜୁଲାଇ ୨୦୨୫ ସୋମବାର





# ପ୍ରମୁଖ ପରିମଳ କର୍ମଚାରୀଙ୍କ ଅଧିକାର ଉପରେ ଭୁବନେଶ୍ୱର ଘୋଷଣାନାମା ସହ ଓଡ଼ିଶା ଦେଶର ନେତୃତ୍ୱ ନେଉଛି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ଗରିମା ପଦକ୍ଷେପ ଅଧୀନରେ 'ମୁଖ୍ୟ ପରିମଳ କର୍ମଚାରୀଙ୍କ ସମ୍ମାନ, ନିରାପତା ଏବଂ ଅନ୍ତର୍ଭୁକ୍ତୀକରଣ ସୁନିଶ୍ଚିତ କରିବା' ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଛି। ଉଦଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରମୁଖ ପରିମଳ କର୍ମଚାରୀଙ୍କ ସୁରକ୍ଷା ଦିଗରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ପରିମଳ କାର୍ଯ୍ୟରେ ଅଂଶୀଦାରମାନଙ୍କୁ ସ୍ୱୀକୃତି ଦେବାରେ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଥିଲେ ଯେ ପ୍ରମୁଖ ସଫେଇ କର୍ମଚାରୀଙ୍କ ପ୍ରସଙ୍ଗକୁ ଜାତୀୟସ୍ତରରେ ଆଗେଇ ନେବାରେ ଓଡ଼ିଶାର ନେତୃତ୍ୱକୁ ନେଇ ସେ ଗର୍ବିତ । ଜାତୀୟ ଗରିମା କର୍ମଶାଳା ବର୍ତ୍ତମାନ ପ୍ରତିବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହେବ, ଯାହା ଏହି ଉଦ୍ଦେଶ୍ୟରେ ଏକ ସ୍ଥାୟୀ ଜାତୀୟ ପ୍ରତିବଦ୍ଧତାର ପ୍ରତୀକ ଅଟେ ଏବଂ କର୍ମଶାଳାର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ଉଦଘାଟନ ଭାଷଣ ସମୟରେ ଏହା ଘୋଷଣା କରିଥିଲେ। ଶ୍ରୀମତୀ ପାଢ଼ୀ ସଫେଇ କର୍ମଚାରୀଙ୍କ ପାଇଁ ପ୍ରସ୍ତୁତ ଦୃଢ଼ ସାମାଜିକ ସୁରକ୍ଷା ଢାଞ୍ଚାର ଆବଶ୍ୟକତା ସମେତ ଦୁଇଦିନିଆ ଆଲୋଚନାର ମୁଖ୍ୟାଂଶ ଉପରେ ମଧ୍ୟ ଆଲୋକପାତ କରିଥିଲେ। ବୃତିଗତ ସ୍ୱାସ୍ଥ୍ୟ ଏବଂ ନିରାପତା (ଓଏଚଏସ) ମାନର ବୃଦ୍ଧି, ଚୁକ୍ତିଭିତିକ ସଂସ୍କାର ମାଧ୍ୟମରେ ଅନୌପଚାରିକ ଶ୍ରମିକଙ୍କ ଆନୁଷ୍ଠାନିକତା ଏବଂ କଲ୍ୟାଣକାରୀ ଯୋଜନାରେ ପ୍ରବେଶ, କଲ୍ୟାଣ ବିତରଣକୁ ଟ୍ରାକ୍ କରିବା ଏବଂ ମହିଳା ଏବଂ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ସମ୍ମାନ ଏବଂ ସୁରକ୍ଷା ସହିତ ପରିମଳ ଭୂମିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଟେକ୍ନୋଲୋଜି ଏବଂ ଡାଟା ସିଷ୍ଟମର ବ୍ୟବହାର ଉପରେ ସେ ଆଲୋକପାତ କରିଥିଲେ। ୨୦୨୦ ରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଗରିମା ପଦକ୍ଷେପକୁ ଏକ ମଡେଲ ଭାବରେ ପ୍ରଶଂସା କରାଯାଇଛି। କର୍ମ କ୍ଷେତ୍ରରେ ନିରାପତା, ଉଚିତ ମଜୁରି, ବୀମା, ସାମାଜିକ ସୁରକ୍ଷା ଏବଂ ସମାଜରେ ସମ୍ମାନ ସୁନିଶ୍ଚିତ କରି ମୁଖ୍ୟ ସଫେଇ କର୍ମଚାରୀଙ୍କ ଅଧିକାରର ସୁରକ୍ଷା କରିବା ଏହାର ଉଦ୍ଦେଶ୍ୟ। ସମ୍ମିଳନୀର ଏକ ଅଂଶ ଭାବରେ, ବିଭିନ୍ନ ରାଜ୍ୟ, ଆନ୍ତର୍ଜାତୀୟ ସଂଗଠନ, ଏନଜିଓ ଏବଂ ୟୁଏଲବିର ପ୍ରତିନିଧିମାନେ ବିଷୟଗତ ଅଧିବେଶନରେ ଅଂଶଗ୍ରହଣ କରିଥିଲେ ଓ ସାମାଜିକ ସୁରକ୍ଷ୍ୟା , ମାନସିକ ସ୍ୱାସ୍ଥ୍ୟ ଏବଂ ଯାନ୍ତ୍ରିକ ପରିମଳ ଏବଂ ସୁରକ୍ଷା ପ୍ରୋଟୋକଲରେ ପରିମଳ କାର୍ଯ୍ୟାବଳୀ ପାଇଁ ସର୍ବୋତମ ଅଭ୍ୟାସ ବୋଲି ମତ ପ୍ରକାଶ ପାଇଥିଲା। ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ଦୁର୍ଗେଶ ନନ୍ଦିନୀ ସାହୁ ମଧ୍ୟ ଉଦଯାପନୀ ଅଧିବେଶନରେ ସେମାନଙ୍କର ମତ ରଖିଥିଲେ। ଏହି ଦୁଇଦିନିଆ ସମ୍ମିଳନୀ ରେ ୧୨ଟି ରାଜ୍ୟ ଓ ୩୪ଟି ଉନ୍ନୟନ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ରାଜ୍ୟର ପ୍ରମୁଖ ପରିମଳ କର୍ମଚାରୀ, ପଞ୍ଚାୟତିରାଜ ବିଭାଗ ଏବଂ ଏସଟି ଏବଂ ଏସସି ଏମବିସିସି ବିଭାଗର ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।

# ଧାମନଗରରେ ବନ୍ୟା ସ୍ଥିତିରେ ସୁଧାର : ତଳିଆ ଅଞ୍ଚଳ ଜଳମଗ୍ନ



**ଧାମନଗର, ନ୍ୟୁଜ ବ୍ୟୁରୋ**
ଧାମନଗର ବ୍ଲକର ଉପର ପଞ୍ଚାୟତଗୁଡ଼ିକରେ ବନ୍ୟାଜଳ ହ୍ରାସ ପାଇଥିବାବେଳେ ତଳିଆ ଅଞ୍ଚଳରେ ବନ୍ୟା ଜଳ ମାଡ଼ି ଚାଲିଛି । ବୈତରଣୀରେ ଜଳ ପତନ ହ୍ରାସ ପାଇବା ପରେ ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, ପଧାନି, କରଦା ଓ ଅର୍ଜ୍ଜୁନପୁରରେ ପାଣି କମିଛି। ହେଲେ ଧୁଷୁରୀ, ବମକୁରା, କାଶୀମପୁର, ହସନାବାଦ, ପାଳସାହି ଅଞ୍ଚଳରେ ପାଣି ବଢୁଛି। ଉପର ମୁଣ୍ଡରେ ବର୍ଷା ନଥିବାରୁ ସୋମବାର ସକାଳ ସୁଦ୍ଧା ଏ ସବୁ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବ ବୋଲି ଧାମନଗର ଜଳ ସଂପଦ କାର୍ଯ୍ୟାଳୟର ଏସଡିଓ କହିଛନ୍ତି। ଆନନ୍ଦପୁର ପଞ୍ଚାୟତର ମଲ୍ଲିମାହାରା ଓ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପର ଦକ୍ଷିଣ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଥିବାରୁ ବନ୍ୟା ନିୟନ୍ତ୍ରଣ ହୋଇପାରିଛି। ଆଖୁଆପଦାରେ ବୈତରଣୀର ଜଳସ୍ତର ବିପଦ ସଂକେତଠାରୁ ୨ ମିଟର ଉଚ୍ଚରେ ଥିବା ସତ୍ତ୍ୱେ ୨ ଏସକେପ ବାଟେ ପାଣି ନିଷ୍କାସନ କମିଛି। ପୂର୍ବରୁ ଏହି ଦୁଇ ଏସକେପ ମୁକୁଳା ଥିଲା। ଯାହା ଫଳରେ ବୈତରଣୀର ଜଳସ୍ତର ବିପଦ ସଂକେତରେ ପହଞ୍ଚିବା କ୍ଷଣି ଏହି ବାଟେ ବନ୍ୟା ଜଳ ଗାଁ ଭିତରକୁ ପଶୁଥିଲା। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଦୁଇ ଏସକେପରେ ସୁରକ୍ଷା ପ୍ରାଚୀର ଓ ବେସମେଣ୍ଟ ଉଚ୍ଚା କରାଯିବାରୁ ମଧ୍ୟମ ଧରଣ ବନ୍ୟାରେ ଅଳ୍ପ ପାଣି ନିଷ୍କାସନ ହେଉଛି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରବିବାର ଦିନ ତମାମ ବନ୍ୟା ଅଞ୍ଚଳ ବୁଲି ଦେଖିଛନ୍ତି। ହସନାବାଦର ପଙ୍ଗଟା, ଅସ୍ତକ, ଗୋପବନ୍ଧୁନଗର, ପଧାନିର ଦାସପାରୀ, ଶଇଲୋ, ଅର୍ଜ୍ଜୁନପୁର ପଞ୍ଚାୟତ, ବମକୁରା, ଧୁଷୁରୀ, ସୋହଡ଼ାର ଗୌରାଙ୍ଗପୁର, ବାଲିପଡ଼ା, ପିଢେଇପୁର ଓ ଆନନ୍ଦପୁରର ମଲ୍ଲିମାହାରା ଅଞ୍ଚଳ ବୁଲିଥିଲେ। ସେପଟେ ପ୍ରଶାସନ ପକ୍ଷରୁ ପାଣି ଘେରରେ ଥିବା ଲୋକଙ୍କୁ ତୁରନ୍ତ ଶୁଖିଲା ଖାଦ୍ୟ ଓ ପିଇବା ପାଣି ଯୋଗାଇ ଦିଆଯାଇଛି। ସ୍କୁଲ ଘର ଓ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ହୋଇଥିବା ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ମୁସ୍ତଫାପୁର ପଞ୍ଚାୟତର ଗୋହିରାଟିକିରି ମଛରେ ଥିବା ମହନ୍ତ ଓ ୩ ମାତାଙ୍କ ପାଇଁ ଖାଦ୍ୟ ପଦାର୍ଥ ପଠାଯାଇଛି। ବନ୍ୟା ଘେର ଭିତରେ ଥିବାରୁ ୩ ମାତାଙ୍କୁ ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। କଣ୍ଟାପାରୀ, ଦାସପାରୀ ଓ ହସନାବାଦରେ ପାୱାର ବୋଟ୍ ଏବଂ ମୋଟର ବୋଟକୁ ସଜାଗ ରଖାଯାଇଛି। ଅଗ୍ନିଶମ ବାହିନୀ ମଧ୍ୟ ସଜାଗ ହୋଇ ରହିଛନ୍ତି। ସେପଟେ ରବିବାର ଓ ଶ୍ରାବଣ ମାସର ସୋମବାର ଥିବାରୁ କାଉଡ଼ିଆମାନେ ପାଣି ଉଠାଉଛନ୍ତି। ଏଥିପାଇଁ ନଦୀବନ୍ଧ ଓ ଗାଧୁଆ ତୁଠ ପାଖରେ ପୋଲିସଙ୍କୁ ମୁତୟନ କରାଯାଇଛି। ଗତବର୍ଷ ବନ୍ଧବାଡ଼ ମରାମତି ହୋଇଥିଲେ ବି ବୈତରଣୀର ବାମ ପାର୍ଶ୍ୱ ବନ୍ଧରେ ଅନେକ ସ୍ଥାନରେ ଘଳିଆ ପଡ଼ିଥିବା ଦେଖିବାକୁ ମିଳିଛି। ମୁଥାନଗର, କଣ୍ଟାପାରୀ, ଦାସପାରୀ ଓ ପିଢେଇପୁରରେ ଘଳିଆ ପଡ଼ିଥିଲା। ଜଳ ସଂପଦ ବିଭାଗର କର୍ମଚାରୀ ପହଞ୍ଚି ରାତିରେ ହିଁ ଘଳିଆ ମାରିଥିଲେ। ଅପର ପକ୍ଷରେ ମଲ୍ଲିମାହାରା ଏସକେପର ସ୍ଲିଲ ୱେ କାମ ନିମ୍ନମାନର ହୋଇଥିବାରୁ ତଳ ବାଟେ ପାଣି ଲିକ୍ ହେଉଥିବା ଦେଖାଯାଇଛି। ପ୍ରତି ସ୍ଥାନର ସ୍ଲିଲ ୱେ ତଳେ ବଡ଼ ବଡ଼ ଘଳିଆ ଭଳି ପାଣି ବାହାରୁଥିବା ଦେଖାଯାଇଛି। ଆଉ ଗୋଟେ ବଡ଼ ବନ୍ୟା ହେଲେ ମଲ୍ଲିମାହାରା ଏସକେପର ସୁରକ୍ଷା ପ୍ରାଚୀର ଭୁଶୁଡ଼ି ପଡ଼ିବ ବୋଲି ଆଶଙ୍କା କରାଯାଉଛି।

## ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

# ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଆଲୋକସଜ୍ଜା କରାଯିବାକୁ ଗୁରୁତ୍ୱ

**ରାଉରକେଲା, ନ୍ୟୁଜ୍**
ସୁନ୍ଦରଗଡରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧକ୍ଷତାରେ ଏହି ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦଭାବନା ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ଯତରା ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଏଥି ନିମନ୍ତେ ନିମନ୍ତେ ଅଗଷ୍ଟ ୧୧, ୧୨ ଏବଂ ୧୩ ତାରିଖ ସକାଳ ୭:୩୦ ଟା ସମୟରେ ପରେଡ ଅଭ୍ୟାସ କରାଯିବ। ସେହିପରି ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦେଶାତ୍ମବୋଧକ କବିତା ଆବୃତ୍ତି, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଗୁଡ଼ିକ ଆୟୋଜିତ ହେବ। ଏହି ପବିତ୍ର ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ଅନ୍ୟାୟ କାର୍ଯ୍ୟାଳୟ ମାନଙ୍କରେ ଆଲୋକସଜ୍ଜା କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ସ୍ୱାଧୀନତା ଦିବସରେ ପ୍ରାତଃ ୪:୩୦ ସମୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ସହର ମଧ୍ୟରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିଭଳି ସହର ମଧ୍ୟରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟରେ ଥିବା ୍ୱରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ସଂପୃକ୍ତ ଅନୁଷ୍ଠାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତଫେରି କରାଯିବ। ସେହିଭଳି ଜିଲ୍ଲା ପ୍ରଶାସନ, ଜିଲ୍ଲା ପ୍ରେସ କ୍ଲବ ଏବଂ ଜିଲ୍ଲା ବାର ଆସୋସିଏସନ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହେବ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜେଲ, ଆସ୍ଥା ଗୃହ ଏବଂ ସାର୍ଥକ ସ୍କୁଲରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଫଳ ଓ ମିଷ୍ଟାନ ବଣ୍ଟନ କରାଯିବ। ଏହି ପବିତ୍ର ଦିବସକୁ ସରସ ସୁନ୍ଦର କରି ସଫଳତା ର ସହ ପାଳନ କରାଯିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ରନାଥ ମୁର୍ମୁ, ଏସଡିପିଓ ନିର୍ମଳ କୁମାର ମହାପାତ୍ର, ସଦର ତହସିଲଦାର କୁଳମଣି ରଣବିଡ଼ା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ରିଜର୍ଭ ଇନ୍ସପେକ୍ଟର ଲୋକନାଥ ଭୋଇ, ଅନ୍ୟାନ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟକ୍ଷ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମନ୍ କି ବାତ୍ ...

ମନ୍ତ୍ର ମଧ୍ୟ ଜପୁଛି । ପ୍ରମିଳା ପ୍ରଧାନ ଏହି ପ୍ରୟାସ ଲାଗି ପ୍ରେରଣା ସାଜିଛନ୍ତି । ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସେ ପାରମ୍ପରିକ ଗୀତରେ ନୂଆ ଶବ୍ଦ, ନୂଆ ବାର୍ତ୍ତା ଯୋଡ଼ିଛନ୍ତି । ତାଙ୍କ ଦଳ ଗାଁ ଗାଁ ବୁଲି ଜଙ୍ଗଲରେ ଲାଗୁଥିବା ନିଆଁରୁ କେତେ କ୍ଷତି ହୁଏ, ତାହା ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଉଛନ୍ତି । ଦେଶର ଲୋକ ପରମ୍ପରାଗୁଡ଼ିକ ଆଦୌ ପୁରୁଣାକାଳିଆ ନୁହେଁ, ଏଥିରେ ଆଜି ବି ସମାଜକୁ ଦିଗଦର୍ଶନ ଦେବାର ଶକ୍ତି ରହିଛି ବୋଲି ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଭଲ ପାଠ ପଢି ...

ଅଧ୍ୟାୟ। ମୁଖ୍ୟମନ୍ତ୍ରୀ ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପିଲାଙ୍କ ସହ ଏହି କାର୍ଯ୍ୟକ୍ରମ ଶୁଣିବା ସହ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥି ସହିତ ପିଲାମାନଙ୍କୁ ଭଲ ପାଠ ପଢି, କଠିନ ପରିଶ୍ରମ କରି ସଫଳତାର ସହିତ ବଡ଼ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଶ୍ରମ ପରିସରରେ ଏକ ନିମ୍ବ ବୃକ୍ଷ ଚାରା ମଧ୍ୟ ରୋପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଆଜି ୧୨୪ ତମ ଅଧ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଜନ ସମୂହଙ୍କ ପ୍ରେରଣାଦାୟୀ ପଦକ୍ଷେପ ସହିତ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳା ମାନଙ୍କ ଦ୍ୱାରା ସାନ୍ତାଳି ଶାଢ଼ିର ପୁନରୁଦ୍ଧାର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ୬୫୦ ଜଣ ଆଦିବାସୀ ମହିଳା ଆଜି ଏହି ଶାଢ଼ି ବୁଣି ଭଲ ରୋଜଗାର କରିବା ସହିତ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ କହିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ପାଇଁ ଆମ ଦାୟିତ୍ୱ ବିଷୟରେ କେନ୍ଦୁଝର ଜିଲ୍ଲାର ନାମ ନେଇଛନ୍ତି। କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନ କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ସଂଘର୍ଷ, ସଫଳତା ଓ ନବସୃଜନ ଉପରେ ଗୁରୁତ୍ୱଦେଇ ଅନ୍ୟ ମାନଙ୍କୁ ପ୍ରେରଣା ଓ ମାର୍ଗଦର୍ଶନ ଦେଇ ଆସୁଛନ୍ତି ।

## ନଦୀରୁ ...

ଗୋଟିଏ ଓଡ୍ରାଫ୍, ଗୋଟିଏ ଏନ୍‌ଡିଆରଏଫ୍ ଓ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍ ସହ ୧୪ଟି ଅଗ୍ନିଶମ ବାହିନୀ ସମେତ ଏହି ସବୁ ଜିଲ୍ଲାରେ ୧୦୬ଟି ବୋଟ୍ ମଧ୍ୟ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ସୁବର୍ଣ୍ଣରେଖା ନଦୀକୁ ଛାଡ଼ି ଅନ୍ୟ ସମସ୍ତ ନଦୀର ଜଳପତନ ହ୍ରାସ ପାଇବାରେ ଲାଗିଛି। ସୁବର୍ଣ୍ଣରେଖାରେ ବନ୍ୟାଜଳକୁ ଆଖିରେ ରଖି ବାଲେଶ୍ୱର ଜିଲ୍ଲା ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ବୈତରଣୀ ଓ ଜଳକା ନଦୀରେ ଜଳପତନ କମିବାରେ ଲାଗିଛି । ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବନ୍ୟାଞ୍ଚଳରେ ଜଳବିଶୋଧନ ଓ ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବାର ବ୍ୟବସ୍ଥା କରାଯିବା ସହ ଆବଶ୍ୟକ ପରିମାଣରେ ଆଣ୍ଟିଭେନମ୍ ମହଜୁଦ ରଖାଯାଇଛି । ଆବଶ୍ୟକତା ଅନୁଯାୟୀ ଲୋକମାନଙ୍କୁ ସ୍ଥିତି ସାମାନ୍ୟ ହେବା ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇଦିଆଯିବ। ଅତିରିକ୍ତ ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କାର୍ଯ୍ୟ ପାଇଁ ପଠାଯାଇଛି। ଏହି ଅବସରରେ ଓସଡ଼ମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର ଓ ଅତିରିକ୍ତ ରିଲିଫ୍ କମିଶନର ପଦ୍ମନାଭ ବେହେରାଙ୍କ ସମେତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଓ ଓସ୍‌ଡମାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଲ ଗଲେ...

ଧମକଚମକ ଆଦି ପରି ଦଫା ଲାଗିଛି। ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ସେହିପରି ଅମରେଶଙ୍କୁ ଖସାଇବାରେ ସହଯୋଗ କରିଥିବାରୁ ୫ ଗିରଫ ହୋଇଛନ୍ତି।

## ମନ୍‌ସା ଦେବୀ ...

୩ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପୋଲିସ୍ ଓ ପ୍ରଶାସନିକ ଟିମ୍‌ମାନଙ୍କ ସହିତ ଏସଡିଆରଏଫ୍ ଟିମ୍‌ମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଆହତମାନେ ବର୍ତ୍ତମାନ ଜିଲ୍ଲା ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ସହାୟତା ଘୋଷଣା...

କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ୬ ଜଣ ଭକ୍ତଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ଶୋକସନ୍ତପ୍ତ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ଏହି ଦୁଃଖଦ ମୁହୂର୍ତ୍ତରେ ଶୋକସନ୍ତପ୍ତ ପରିବାର ସହିତ ଦୃଢ଼ ଭାବରେ ଠିଆ ହୋଇଛି।

## ରାଷ୍ଟ୍ରପତି ଓ...

ମନ୍‌ସା ଦେବୀ ମନ୍ଦିର ମାର୍ଗରେ ଦଳାଚକଟା ଘଟଣାରେ ଅନେକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ସମ୍ବାଦ ବହୁତ ଯନ୍ତ୍ରଣାଦାୟକ। ମୁଁ ସମସ୍ତ ଶୋକାକୁଳ ପରିବାର ପ୍ରତି ଗଭୀର ସମବେଦନା ଜଣାଉଛି। ଆହତ ହୋଇଥିବା ସମସ୍ତ ଶ୍ରଦ୍ଧାଳୁ ଶୀଘ୍ର ସୁସ୍ଥ ହୁଉନ୍ତୁ ବୋଲି କାମନା କରୁଛି।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, "ହରିଦ୍ୱାରରେ ମନ୍‌ସା ଦେବୀ ମନ୍ଦିର ମାର୍ଗରେ ଦଳାଚକଟା ଘଟଣାରୁ ଘଟିଥିବା ମାନବିକ କ୍ଷତି ଦେଖି ମୁଁ ଗଭୀର ଦୁଃଖିତ। ଯେଉଁମାନେ ତାଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ସମବେଦନା ଅଛି।" ସେ ଆହତମାନଙ୍କ ଶୀଘ୍ର ସୁସ୍ଥତା କାମନା କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ ସ୍ଥାନୀୟ ପ୍ରଶାସନ ପ୍ରଭାବିତ ଲୋକଙ୍କୁ ସହଯୋଗ ପ୍ରଦାନ କରୁଛି।

## ଚାଷୀ ପଞ୍ଜିକରଣ...

କହିଥିଲେ, ଯାହା ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲୁ ବହୁତ କିଛି ପୂରଣ କରିବା ଦିଗରେ ଆମେ ସମର୍ଥ ହୋଇଛୁ । ଗୋଟିଏ ବର୍ଷ ମଧ୍ୟରେ ମୋହନ ସରକାର ଅନେକଗୁଡ଼ିଏ ଭଲ କାମ କରିଛନ୍ତି। ଚାଷୀଙ୍କ ଧାନ ପ୍ରତି କୁଇଣ୍ଟାଲ ପିଛା ଏମଏସପି ଦର ୨୧୦୦ରୁ ୨୩୦୦ଟଙ୍କା କରିବା ସହ ୮୦୦ଟଙ୍କା ବୋନସ ଦିଆଯାଉଛି । ପୂର୍ବ ସରକାର ୧୦୦ଟଙ୍କା ବୋନସ ଦେବ କହି ଦେଇପାରିନଥିଲେ ବୋଲି ନବରଙ୍ଗପୁରଜିଲ୍ଲା ଗସ୍ତରେ ଆସି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ବର୍ଷକୁ ୧୦ହଜାର ଟଙ୍କା ହିସାବରେ ୫ବର୍ଷରେ ୫୦ହଜାର ଟଙ୍କା ଦିଆଯିବା ଆରମ୍ଭ କରିଛୁ । ଶ୍ରୀକ୍ଷେତ୍ରର ଚରିଦ୍ୱାର ଖୋଲିବାକୁ କହିଥିଲୁ ଏବଂ ଖୋଲିକି ଦେଖାଇଲୁ । ଗତ ବର୍ଷକ ପୂର୍ବରୁ ଖରିଫରେ ରାଜ୍ୟରେ ୫୮ଲକ୍ଷ ମେଟ୍ରିକ ଟନ୍ ଧାନ କିଣୁଥିବା ବେଳେ ନୂଆ ସରକାର ଆସିବାର ବର୍ଷକ ମଧ୍ୟରେ ଗତ ଖରିଫରେ ଆମେ ୭୩ଲକ୍ଷ ୪୭ହଜାର ମେଟ୍ରିକ ଟନ ଧାନ କିଣିଛୁ ବୋଲି ମନ୍ତ୍ରୀ କହିଥିଲେ।

## କଟକ ଓଏମ୍‌ପିରୁ ...

ମହତାବ ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପ କଟକ ସହରର ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା ସହ ଟ୍ରାଫିକ ଜାମ ସମସ୍ୟା ହ୍ରାସ କରିବ। ଏହା ସହରର ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି।

## ମହିଳା ନକ୍ସଲ...

ସୂତ୍ରରୁ ଖବର ପାଇ ଚିନ୍ତାଗୁମ୍ଫା ଥାନା ଅଞ୍ଚଳର ମେନପା, ଏତରାଜପାଡ ଭଳି ଅଞ୍ଚଳରେ ସର୍ଚ୍ଚ ଅପରେସନ କରିବାକୁ ଜିଲ୍ଲା ପୁଲିସ ଏବଂ ଡିଆରଜି ଯବାନ ଯାଇଥିଲେ।

## ସୀମାରେ ସେବା...

ପ୍ରଭାବିତ ହୋଇଥିଲେ ଏବଂ ନ୍ୟାୟପାଳିକା କିପରି ସେମାନଙ୍କ କଲ୍ୟାଣରେ ଅଧିକ ସିଧାସଳଖ ଯୋଗଦାନ ଦେଇପାରିବ ସେ ବିଷୟରେ ଅନୁସନ୍ଧାନ ଆରମ୍ଭ କରିଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ଦେଶକୁ ରକ୍ଷା କରୁଥିବା ସୈନିକମାନେ ଯେପରି ବ୍ୟକ୍ତିଗତ ଆଇନଗତ ସଙ୍କଟର ମୁକାବିଲା ପାଇଁ ଏକୁଟିଆ ହୋଇ ନ ଯିବେ ସେଥିପାଇଁ ଆଇନଜୀବୀ ମହଲ ନିଜର ଭୂମିକା ନିର୍ବାହ କରିବା ଦରକାର। ବିଚ୍ଛିନ୍ନାଞ୍ଚଳରେ ନିୟୋଜିତ ସୈନିକମାନେ ପ୍ରାୟତଃ ପାରିବାରିକ ସମ୍ପତ୍ତି, ଘରୋଇ ବିବାଦ କିମ୍ବା ଜମି ସମ୍ବନ୍ଧୀୟ ଆଇନଗତ ମାମଲାଗୁଡ଼ିକ ଲଢିପାରନ୍ତି ନାହିଁ । ଉଦାହରଣ ସ୍ୱରୂପ, ଜମ୍ମୁ-କଶ୍ମୀରରେ ମୁତୟନ ଥିବା ଜଣେ ସୈନିକଙ୍କୁ କେରଳ କିମ୍ବା ତାମିଲନାଡୁରେ ଅଦାଲତରେ ହାଜର ହେବା ପାଇଁ ଛୁଟି ମିଳି ନ ପାରେ। ଏହି ଯୋଜନା ଅଧୀନରେ ନାଲସା ଦେଶର ବିଭିନ୍ନ ଅଦାଲତରେ ଏଭଳି ମାମଲାଗୁଡ଼ିକର ଉପଯୁକ୍ତ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବ। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ୍), ଭାରତ-ତୀବ୍ବତ ସୀମା ପୁଲିସ (ଆଇଟିବିପି) ଓ ଅନ୍ୟାନ୍ୟ ଅର୍ଦ୍ଧସାମରିକ ବାହିନୀ ଯବାନଙ୍କୁ ମଧ୍ୟ ଏହି ସହାୟତା ପ୍ରଦାନ କରାଯିବ।

## ମାଟି ତଳୁ ...

ସମସ୍ତ ଟଙ୍କା ଏକ ଷ୍ଟିଲ କେନରେ ରଖାଯାଇ ମାଟିରେ ପୋତାଯାଇଥିଲା। ଜବତ ଟଙ୍କାର ମୂଲ୍ୟ ପ୍ରାୟ ୩୫ ଲକ୍ଷ ହେବ ବୋଲି ଆକଳନ କରାଯାଉଥିବା ବେଳେ ଥାନାକୁ ନେଇ ଟଙ୍କା ଗଣନା ପରେ ସଠିକ ପରିମାଣ ଜଣାପଡ଼ିବ ବୋଲି ରାଞ୍ଚି ଆଇଜି ମନୋଜ କୌଶିକ ଏକ୍ସ ଯୋଗେ ସୂଚନା ଦେଇଛନ୍ତି।

# ଡ଼ଃ ଏପିଜେ ଅବଦୁଲ କଲାମଙ୍କ ସ୍ମୃତି ସଂସଦ ପକ୍ଷରୁ ଡ଼ଃ କଲାମଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ପାଳିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରବିବାର ଚେ଼ତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ମହାନ୍ ବୈଜ୍ଞାନିକ,ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ସ୍ୱର୍ଗତ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଥମେ ପୂର୍ବତନ ରାଷ୍ଟ୍ରପତି ଡ଼ଃ କଲାମଙ୍କ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାସହ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଚେତନା ସ୍ୱତନ୍ତ୍ର ବିଦ୍ୟାଳୟର ସଙ୍ଗୀତ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ମୃତି ତ୍ରିପାଠୀ ଏବଂ ଅନ୍ୟ ମାନଙ୍କ ଦ୍ୱାରା ଡ଼ଃ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଡ଼ଃ ବସନ୍ତ କୁମାର କର, ଜୁଏଲସ୍ ଇଣ୍ଟରନ୍ୟାସନାଲ୍‌ର ପ୍ରତିଷ୍ଠାତା ସଦସ୍ୟ ତଥା ସାଧାରଣ ସମ୍ପାଦକ ପ୍ରଫେସର ନାରାୟଣ ଚ଼ନ୍ଦ୍ର ପତି,ଡ଼ଃ ଏପିଜେ ଅବଦୁଲ କଲାମଙ୍କ ସ୍ମୃତି ସଂସଦର ଅଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ମୁଖ୍ୟବକ୍ତା ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଡ଼ଃ ରାମ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଦେଶପ୍ରେମ ଓ ଭାରତକୁ ବିକାଶ ପଥରେ ନେବାରେ ତାଙ୍କ ଅବଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଡକ୍ଟର କଲାମ ବିଜ୍ଞାନ ଏବଂ ସାର୍ବଜନୀନ ଜୀବନ କ୍ଷେତ୍ରରେ ଏକ ଅଲିଭା ଛାପ ଛାଡି ଯାଇଛନ୍ତି। ତାଙ୍କର ଆଦର୍ଶ ଏବଂ ମୂଲ୍ୟବୋଧ ଆଜିର ସମାଜ ପାଇଁ ପ୍ରେରଣା ଉତ୍ସ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହିତ ଡ଼ଃ କଲାମଙ୍କ ସହ ଅଙ୍ଗାଙ୍ଗୀ ଭାବେ ପରିଚିତ ବୈଜ୍ଞାନିକ କାର୍ତ୍ତିକ ସ୍ୱାଇଁ, ଡଃ ମହାରଣା, ଏନ ସି ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ । ପରିଶେଷରେ ଚେ଼ତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ କର ଧନ୍ୟବାଦ୍ ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚେତନା ଅନୁଷ୍ଠାନର ଭିନ୍ନକ୍ଷମ ଛାତ୍ରଛାତ୍ରୀ, ସ୍ୱତନ୍ତ୍ର ଶିକ୍ଷା ତାଲିମ ନେଉଥିବା ଛାତ୍ରଛାତ୍ରୀ ଏବଂ ସମସ୍ତ କର୍ମକର୍ତ୍ତାଙ୍କ ସହ ଅନେକ ଜ୍ଞାନୀ ଗୁଣି ବ୍ୟକ୍ତି ଯୋଗ ଦେବା ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଚେତନା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିନୟ ଭୂଷଣ ମହାପାତ୍ର ଏଂ ଅବଦୁଲ କଲାମ ସ୍ମୃତି ସଂସଦର ସଦସ୍ୟ ଶ୍ରୀ ଭରତ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

# ଜଙ୍ଗଲୀ ଦନ୍ତା ହାତୀ ଉପଦ୍ରବ : ଯୁବକଙ୍କୁ ମାରି ଖଣ୍ଡ ବିଖଣ୍ଡ ଶରୀରକୁ ଫୋପାଡ଼ି ଦେଲା



**କନ୍ଧମାଳ, ନ୍ୟୁଜ ବ୍ୟୁରୋ**
କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଜି.ଉଦୟଗିରି ବ୍ଲକ କଳିଙ୍ଗା ନିକଟସ୍ଥ ମାଲାନ ସୁଗା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଦନ୍ତା ହାତୀ ଦଳି ଚକଟି ମାରି ଦେଇଥିବା ଅଭିଯୋଗ ହୋଇଛି। ପଦାସାହିରୁ କାମ ସାରି ଫେରୁଥିବା ବେଳେ ପାଜିମାହା ପାଖରେ ସାମନ୍ତ ଦିଗାଲଙ୍କୁ ଏକ ଦନ୍ତା ହାତୀ ଦଳି ଚକଟି ଅତି ନିର୍ମମ ଭାବେ ମାରି ଦେଇଥିବାର ଦେଖିବାକୁ ମିଳିଛି ଏବଂ ଅନ୍ୟ ଜଣେ ପ୍ରାଣ ବିକଳରେ ଧାଇଁ ପଳାଇଥିଲେ। । ପ୍ରାୟ ଦୁଇ ଶହ ମିଟର ଭିତରେ ଖଣ୍ଡ ଖଣ୍ଡ ହୋଇ ମୃତ ଦେହ ପଡ଼ି ରହିଅଛି। କିଛି ଦେହର ଅଂଶ ବର୍ତ୍ତମାନ ସୁଦ୍ଧା ମିଳି ପାରି ନାହିଁ। ଏହି ଘଟଣା କୁ ନେଇ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ଉପୁଜିଛି । ଖବର ପାଇ ଘଟଣା ସ୍ଥଳରେ ଜି.ଉଦୟଗିରି ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ବିଶି , ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ, ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଅବ୍ୟାହତ ରଖିଛନ୍ତି । ସୂଚନା ଯୋଗ୍ୟ ଯେ ମୃତ ବ୍ୟକ୍ତିଙ୍କ ପରିବାରକୁ ରବିବାର ସରକାରଙ୍କ ତରଫରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆଉ ୧୫ ଦିନ ମଧ୍ୟରେ ୯୦ ହଜାର ଦିଆଯିବ ଏବଂ ପୋଷ୍ଟମଟମ୍ ରିପୋର୍ଟ ଆସିଲା ପରେ ୯ ଲକ୍ଷ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ବିଜୟ କୁମାର ବିଶି। ଚଳିତ ବର୍ଷ ଜଙ୍ଗଲୀ ହାତୀଙ୍କ ଉପଦ୍ରବରେ ବହୁ ଘର ଭାଙ୍ଗିବା ସହ ବହୁ ଫସଲ, ଗଛ ନଷ୍ଟ ହୋଇଛି। କିଛି ଦିନ ତଳେ ସୁଜେଲୀ ଗ୍ରାମର ପାତ୍ର ନାୟକଙ୍କୁ ଏକ ପାହାଡ ଉପରେ ହାତୀ ମାରି ଦେଇଥିବାର ଅଭିଯୋଗ ହୋଇଥିଲା। ଘୁମୁସର ବନଖଣ୍ଡରୁ ଅଧିକ ହାତୀ ଆସି ଏହି ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଟାଉନ ପୋଲିସ ଦ୍ୱାରା ୬୦ଟି ମୋଟର ସାଇକେଲ ଜବତ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**
କେନ୍ଦୁଝର ଟାଉନ ପୋଲିସ ସମ୍ପ୍ରତି ସହର ସୀମା ମଧ୍ୟରେ ଚାଲୁଥିବା ଅନଧିକୃତ ଏବଂ ଅସୁରକ୍ଷିତ ମୋଟରସାଇକେଲ ଗୁଡ଼ିକୁ ଟାର୍ଗେଟ କରି ଏକ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଅଭିଯାନ ସ୍ୱରୂପ ଟ୍ରାଫିକ୍ ଏବଂ ମୋଟର ଯାନ ନିୟମ ଉଲ୍ଲଂଘନ କରିବା ପାଇଁ ୬୦ରୁ ଅଧିକ ମୋଟରସାଇକେଲ ଜବତ କରାଯାଇଛି। ଏହି ଯାନଗୁଡ଼ିକ ପଞ୍ଜିକରଣ ନମ୍ବର ପ୍ଲେଟ୍ ବିନା ଚାଲୁଥିବା, ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା, ପରିବର୍ତ୍ତିତ ସାଇଲେନ୍ସର ଲଗାଇଥିବା ଏବଂ ଆଇନ ଅନୁଯାୟୀ ଉଚ୍ଚ-ସୁରକ୍ଷା ନମ୍ବର ପ୍ଲେଟ୍ ବିନା ଚାଲୁଥିବା ଜଣାପଡ଼ିଥିଲା। ପ୍ରମୁଖ ସ୍ଥାନରେ କରାଯାଉଥିବା ରାସ୍ତା କଡ଼ ଯାଞ୍ଚ ସମୟରେ ଏହି ଯାନଗୁଡ଼ିକୁ ଅଟକ ରଖାଯାଇଥିଲା ଏବଂ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି ବୋଲି ପୋଲିସ ପ୍ରକାଶ କରିଛି।

# ବାର୍ଡ ଫ୍ଲୁ ଭୟ : ନନ୍ଦନକାନନରେ ସତର୍କତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୁରୀ ଜିଲ୍ଲା ଡେଲାଙ୍ଗ ପରେ ଏବେ ଖୋର୍ଦ୍ଧାରୁ ଚିହ୍ନଟ ହୋଇଛି ବାର୍ଡ଼ ଫ୍ଲୁ । ଜଙ୍କିଆକୁ ବ୍ୟାପିଛି ମାରାତ୍ମକ ବାର୍ଡ଼ ଫ୍ଲୁ ଭୁତାଣୁ । କିଛି ଦିନ ହେବ ଜଙ୍କିଆ ସମେତ ବିଭିନ୍ନ ଅଞ୍ଚଳର ଫାର୍ମରେ ହଜାର ହଜାର ସଂଖ୍ୟାରେ କୁକୁଡ଼ା ମରୁଥିଲେ । ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ଖୋର୍ଦ୍ଧା ପଶୁ ଚିକିତ୍ସକ ଆସି ଜଙ୍କିଆରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୋପାଳ ଲାବ୍ରୋଟୋରିକୁ ପଠାଇଥିଲେ। ନମୁନା ରିପୋର୍ଟ ଆଧାରରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ରବିନାରାୟଣ ପଟ୍ଟନାୟକ ବାର୍ଡ ଫ୍ଲୁ ବୋଲି ସ୍ପଷ୍ଟ କରିଛନ୍ତି । ତେବେ ଏହାକୁ ନେଇ କିଭଳି ରହିଛି ପକ୍ଷୀ ଓ ପ୍ରାଣୀ ଉଦ୍ୟାନ । ଖୋର୍ଦ୍ଧାରେ ଯେଉଁ ବାର୍ଡ ଫ୍ଲୁ ବ୍ୟାପିଛି ସେନେଇ ନନ୍ଦନକାନନ ପ୍ରସ୍ତୁତ ରହିଛି । ତେବେ କିଭଳି ଭାବରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ମଧ୍ୟରେ କୌଣସି କିଛି ଅଘଟଣ ନଘଟେ ସେନେଇ ଅନେକ ପଦକ୍ଷେପ ନିଆଯାଉଛି। ନନ୍ଦନକାନନରେ ଯେଉଁମାନେ ସବୁ ଷ୍ଟାଫ୍ ରହିଛନ୍ତି ସେମାନଙ୍କୁ ଏବାବଦରେ ସଚେତନ କରାଯାଇଛି। ଯଦି କୌଣସି ପକ୍ଷୀଙ୍କର ଫ୍ଲୁ ଲକ୍ଷଣ ଦେଖାଯିବ ଯଥା, କାଶ, ଛିଙ୍କ ଓ ଜ୍ୱର ହେଲେ ସେଥିପ୍ରତି ଧ୍ୟାନ ରଖିବାକୁ ପରାମର୍ଶ ଦିଆଯାଇଛି । ଦିନକୁ ଦୁଇଥର ବାର୍ଡକିପର ମାନେ ପକ୍ଷୀମାନଙ୍କୁ ନୀରିକ୍ଷଣ କରିବେ । ତା ସହିତ ପ୍ରତ୍ୟେକ ଦିନ ପକ୍ଷୀମାନଙ୍କର ହାଲଚାଲ ମଧ୍ୟ ଏକ ରିପୋର୍ଟ ପ୍ରସ୍ତୁତ କରିବେ । ଏହି ରିପୋର୍ଟକୁ ପ୍ରତ୍ୟେକ ଦିନ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକ ସମୀକ୍ଷା କରିବେ । ପ୍ରତ୍ୟେକ ଦିନ ପକ୍ଷୀଙ୍କ ଏନକ୍ଲୋଜର ସମ୍ମୁଖରେ ଏକ ଫୁଟ ବାର୍ଥ ରଖାଯିବ । ଯେଉଁଟାକି ଏକ ପଟାସିୟମ ପରମାଙ୍ଗାନାଇଟ ମଧ୍ୟରେ ବୁଡିକି ରହିବ । ଯେଉଁ ବାର୍ଡ କିପର ବା ଡାକ୍ତର ମାନେ ପାଖି ଗୃହକୁ ପ୍ରବେଶ କରିବେ ସେଠାରେ ପାଦ ବୁଡେଇକି ଯିବେ । ଯାହା ଫଳରେ ବାର୍ଡ ଏନକ୍ଲୋଜର ମଧ୍ୟକୁ କୌଣସି ଭାଇରସ ଯିବ ନାହିଁ । ଭେଟନାରୀ ଡାକ୍ତରଙ୍କ ପାଇଁ ଏକ ସ୍ୱତନ୍ତ୍ର କିଟ ବ୍ୟବସ୍ଥା କରାଯାଇଛି । ଯେତେବେଳେ କୌଣସି ପକ୍ଷୀ ଏନକ୍ଲୋଜର ମଧ୍ୟକୁ ପ୍ରବେଶ କରିବେ ସେହି ସମୟରେ ଏହି ସ୍ୱତନ୍ତ୍ର କିଟ ପ୍ରରିଧାନ କରିବେ । ଏପରିକି ବାର୍ଡ କିପର ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଗ୍ଲୋବସ, କିଟ ଆଦି ପରିଧାନ ମଧ୍ୟ କରିବେ । ଯେତେବେଳେ ପ୍ରାଣୀ ଉଦ୍ୟାନ ବନ୍ଦ ରହିବ ସେହିଁ ସମୟରେ ସମସ୍ତ ଜିନିଷକୁ ଡିସ୍ପୋଜାଲ କରିବେ । ପକ୍ଷୀ ଏନକ୍ଲୋଜରକୁ ଆଣ୍ଟି ଭାଇରସ ପ୍ରୋଟେକ୍ଟ କରାଯିବ। ପାଖି ଏନକ୍ଲୋଜରସବୁବେଳେ ସଫାସୁତରା ରଖିଯିବା ଆବଶ୍ୟକ । ଦିନ ରାତି ୨୪ ଘଣ୍ଟା ପ୍ରାଣୀ ଉଦ୍ୟାନ ମଧ୍ୟରେ ପ୍ରାଟ୍ରୋଲିଙ୍ଗ୍ କରନ୍ତି । ନନ୍ଦନକାନନରେ ଥିବା ଖୋଲା ପକ୍ଷୀ ବିହାରରେ ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ବାରଣ କରାଯାଇଛି । ପର୍ଯ୍ୟଟକଙ୍କୁ ସ୍ୱତନ୍ତ୍ର ଭାବରେ ସଚେତନ କରାଯାଉଛି । ପକ୍ଷୀ ସ୍ଥାନ ଆଦି ରେ କୌଣସି ପ୍ରକାରର ଏନକ୍ଲୋଜରକୁ ଛୁଁଇବେ ନାହିଁ । କାରଣ ଇନଫେକ୍ସନ ହେବାର ସମ୍ଭବନା ଅଧିକ ଥାଏ । ଚିକେନ କିମ୍ବା ଅଣ୍ଡା ଆଦି ବାହାର ଭେଣ୍ଡର୍ସମାନଙ୍କୁ ନନ୍ଦନକାନନକୁ ଆଣିବାକୁ ବାରଣ କରାଯାଇଛି । ଏହା ସହିତ ସରକାରୀ ସ୍ତରରେ ମଧ୍ୟ ସୁରକ୍ଷିତ ସ୍ଥାନରୁ ଆଣିବେ ଚିକେନ । ଯାହା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନ ର ପ୍ରାୟ ୨ କିଲୋମିଟର ମଧ୍ୟରେ କୌଣସି ବାର୍ଡ ମାନଙ୍କ ଫାର୍ମ ରହିଛି ତାହା ଉପରେ ନଜର ରହିଛି । ଏହା ସହିତ ସେଠାରେ ଯଦି କୌଣସି କାରଣରୁ ପକ୍ଷୀଙ୍କ ମୃତ୍ୟୁ ଘଟେ ବା ସଂକ୍ରମଣ ହୁଏ ତେବେ ସେନେଇ ମଧ୍ୟ ନଜର ରହିଛି। କୌଣସି ଏନକ୍ଲୋଜରରେ ପଶୁପକ୍ଷୀଙ୍କ ମଳ ବା ଖାଇଥିବା ବଳକା ଖାଦ୍ୟ ଆଦି କୁ ରହିଥିଲେ ତାହାକୁ ଏକ ସ୍ଥାନରେ ପୋତା ଯିବା ସହିତ ପୋଡା ଯିବ ମଧ୍ୟ ଯାହା ଫଳରେ କୌଣସି ସଂକ୍ରମଣ ହୋଇପାରିବ ନାହିଁ । ବାହାରୁ ଯେଉଁ ଗାଡି ପ୍ରାଣୀ ଉଦ୍ୟାନ ମଧ୍ୟକୁ ପ୍ରବେଶ କରିବ ତାହା ଏକ ସ୍ୱତନ୍ତ୍ର ପାଣି ମଧ୍ୟରେ ଯିବ ବୋଲି ସୂଚନା ମିଳିଛି।

ଭୁବନେଶ୍ୱର
୨୮ ଜୁଲାଇ,
ସୋମବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିର ଉତ୍ତରଦ୍ୱାର ଭିତର ଗୁମୁଟ କବାଟ ହେବ ପିତ୍ତଳ ଛାଉଣୀ : ଖର୍ଚ୍ଚ ହେବ ୧୯ ଲକ୍ଷ



**ପୁରୀ, ୨୭/୦୭ ନ୍ୟୁଜ ବ୍ୟୁରୋ**
ରଥଯାତ୍ରା ସମୟରେ କାର୍ଡ଼ି ଦେଲେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଭିତର ଗୁମୁଟ କବାଟ । କୁରୁମ ବେଢ଼ାର ଉତ୍ତର ଦ୍ୱାରରେ ଥିବା ପୁରୁଣା କବାଟ ସ୍ଥାନରେ ନୂଆ କବାଟ ଲଗାଇବା ନିମନ୍ତେ ପଦକ୍ଷେପ ନିଆଯାଇଛି । ସ୍ୱତନ୍ତ୍ର ଧରଣର ଶାଗୁଆନ୍ କାଠରେ ନୂଆ ଦ୍ୱାର ତିଆରି କରି ଲଗାଯିବ । ଏହି କବାଟ ଉପରେ ପିତ୍ତଳ ଛାଉଣୀ କରାଯିବ । ଶ୍ରୀମନ୍ଦିର ପ୍ରଶାସନ ଟେଣ୍ଡର ଡାକିବା ସହ ପଦକ୍ଷେପ ଆରମ୍ଭ କରିସାରିଛି । ଦୁଇମାସରେ କାମ ସାରିବାକୁ ଲକ୍ଷ୍ୟ ରହିଛି ।
ଅରୁଣ ସ୍ତମ୍ଭ ଚାରିପାର୍ଶ୍ୱରେ ପିତ୍ତଳ ବ୍ୟାରିକେଡ୍ ଲଗାଯିବା ପରେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଭିତର ଗୁମୁଟ କବାଟକୁ ନୂଆ ଭାବେ ନିର୍ମାଣ କରିବା ସହ ଏହା ଉପରେ ପିତ୍ତଳ ଛାଉଣୀ ଲାଗି ପଦକ୍ଷେପ ନିଆଯାଇଛି । ଏଥିନିମନ୍ତେ ପ୍ରାୟ ୧୯ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଉତ୍ତର ଦ୍ୱାର ଦେଇ ଦିବ୍ୟାଙ୍ଗଙ୍କ ଦର୍ଶନ ବ୍ୟବସ୍ଥା କରିବାକୁ ଏଏସ୍ଆଇ ପକ୍ଷରୁ ଖଣ୍ଡୋଲାଇଟ୍ ପଥର ବ୍ୟବହାର କରି ସ୍ୱତନ୍ତ୍ର ର୍ୟାମ୍ପ କରାଯାଇଛି । ଏଏସ୍ଆଇ ଓ ଶ୍ରୀମନ୍ଦିର ପ୍ରଶାସନର ମିଳିତ ବୁଝାମଣାରେ ସମସ୍ତ କାମ ହେଉଛି । ର୍ୟାମ୍ପ୍ ନିର୍ମାଣ କାମ ଏଏସ୍ଆଇ କରିଥିବା ବେଳେ ପିତ୍ତଳ ଛାଉଣୀ ନୂଆ କବାଟ ଲଗାଇବା କାମ ଶ୍ରୀମନ୍ଦିର ପ୍ରଶାସନ କରୁଛି । ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଶ୍ରୀମନ୍ଦିରର ପ୍ରାୟ ୮ଟି ଦ୍ୱାରକୁ ରୁପା ଛାଉଣୀ କରିଥିଲା । ସିଂହଦ୍ୱାର ଭିତର ପତିତପାବନ ମନ୍ଦିର ଓ ପାର୍ଶ୍ୱ ଗୁମୁଟ ଖିଲଣ ରୁପା ଛାଉଣୀ ହୋଇଥିଲା । ରତ୍ନଭଣ୍ଡାର ଭିତର ଦ୍ୱାରକୁ ସୁନା ଛାଉଣୀ ଓ ବାହାର ଦ୍ୱାରକୁ ରୁପା ଛାଉଣୀ କରିବାକୁ ଯୋଜନା ରହିଛି ।

# ଆଜି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି : ୪ ଘଣ୍ଟା ଦର୍ଶନ ମନା



**ପୁରୀ ୨୭/୦୭ ନ୍ୟୁଜ ବ୍ୟୁରୋ**
ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ । ସେଥିପାଇଁ ସନ୍ଧ୍ୟାରେ ପ୍ରାୟ ୪ଘଣ୍ଟା ଠାକୁରଙ୍କ ସାଧାରଣ ଦର୍ଶନ ବନ୍ଦ ରହିବ । ଏନେଇ ରବିବାର ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦିଷ୍ଟ ସୂଚନା ଦେଇଛି । ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ଦଇତାପତି ସେବକମାନେ ଠାକୁରଙ୍କ ଏହି ସେବା କରିଥାନ୍ତି । ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଏହି ନୀତି ପାଳନ କରାଯାଇଥାଏ । ସେଦିନର ନୀତି ଉପରେ ପ୍ରକୃତ ଦର୍ଶନ କଟକଣା ସମୟ ନିର୍ଭର ରହିବ ।
ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଖସାପଡ଼ା ନୀତି ଆରମ୍ଭ ହେବ । ତେଣୁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନିକୁ ନେଇ ନିର୍ମାଣ ହେଲା ଫିଲ୍ମ



**କଟକ,୨୭/୦୭ ନ୍ୟୁଜ ବ୍ୟୁରୋ**
ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନିକୁ ନେଇ ଚଳଚ୍ଚିତ୍ର ନିର୍ମାଣ ହୋଇଛି । ଖୁବ୍ ଶୀଘ୍ର ଏହି ଫିଲ୍ମଟି ରିଲିଜ୍ ହେବାକୁ ଯାଉଛି । ଯାହାର ଶୀର୍ଷକ ରହିଛି 'ମହାମହିମ ଦିଦି ଜି ମୁର୍ମୁ' । ତେବେ ରିଲିଜ୍ ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସାତୋଟି ପୁରସ୍କାର ହାସଲ କରିସାରିଲାଣି 'ମହାମହିମ ଦିଦି ଜି ମୁର୍ମୁ' । ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟ ମାଉଣ୍ଟ ଆବୁରେ ରହୁଥିବା ବ୍ରହ୍ମାକୁମାରୀ ପ୍ରଭା ମିଶ୍ରା ଏହି ଫିଲ୍ମ ନିର୍ମାଣ କରିଛନ୍ତି । କଟକର ଏକ ଫିଲ୍ମ ଫେଷ୍ଟିଭାଲରେ ଯୋଗ ଦେବାକୁ ଆସିଛନ୍ତି ଫିଲ୍ମର ନିର୍ମାତା ପ୍ରଭା ମିଶ୍ରା ।

# କେନ୍ଦ୍ର-ରାଜ୍ୟ ଏଜେନ୍ସି ଗୁଡ଼ିକର 'ସମାନ ଦଳ' ଗଠନ ପାଇଁ ଅମିତ ଶାହଙ୍କ ଆହ୍ୱାନ

**ନୂଆଦିଲ୍ଲୀ, ୨୭/୭**
ବିକଶିତ ଆଭ୍ୟନ୍ତରୀଣ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମନ୍ୱୟ ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କେନ୍ଦ୍ର ଏବଂ ରାଜ୍ୟ ଏଜେନ୍ସିଗୁଡ଼ିକୁ ନେଇ 'ସମାନ ଦଳ' ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦଳଗୁଡ଼ିକୁ ରଣନୈତିକ ଯୋଜନା ବିକଶିତ କରିବା, ସେମାନଙ୍କର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଏବଂ ପ୍ରଗତି ଉପରେ କଡ଼ା ନଜର ରଖିବା ପାଇଁ ଦାୟିତ୍ୱ ଦିଆଯିବ । ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇ ଦିନିଆ ଅଷ୍ଟମ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀର ଶେଷ ଅଭିଭାଷଣ ସମୟରେ ଶ୍ରୀ ଶାହ ଏହି ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଗୁରୁତ୍ୱ ଦିଆଯାଇଥିଲା ଯେ ଭାରତରେ ବୃଦ୍ଧି ପାଉଥିବା ପ୍ରତିଷ୍ଠା ଆଗାମୀ ବର୍ଷଗୁଡ଼ିକରେ ଜାତୀୟ ସୁରକ୍ଷା ଚ୍ୟାଲେଞ୍ଜକୁ ବୃଦ୍ଧି କରିବ । 'କେନ୍ଦ୍ର ଗୃହମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଏହି ଚ୍ୟାଲେଞ୍ଜଗୁଡ଼ିକୁ ଉତ୍ତମ ସମନ୍ୱୟ ମାଧ୍ୟମରେ ମୁକାବିଲା କରିବା ଆବଶ୍ୟକ । ସେ ରଣନୀତି ବିକଶିତ କରିବା, କାର୍ଯ୍ୟକାରୀ କରିବା ଏବଂ ତଦାରଖ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ଏଜେନ୍ସିଗୁଡ଼ିକର ଏକ ସମାନ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଭାରତର ଅର୍ଥନୀତି ବିଶ୍ୱ ସ୍ତରରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି ବୋଲି ଉଲ୍ଲେଖ କରି କେନ୍ଦ୍ର ଗୃହମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ଭାରତ ବର୍ତ୍ତମାନ ନୂତନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଷ୍ଟାର୍ଟ-ଅପ୍, ସବୁଜ ଶକ୍ତି ଏବଂ ନବସୃଜନରେ ବିଶ୍ୱରେ ପରିଚିତ । ସେ ପ୍ରତ୍ୟେକ ରାଜ୍ୟର ଯୁବ ପୋଲିସ ଅଧିକାରୀମାନଙ୍କୁ ଜାତୀୟ ଚ୍ୟାଲେଞ୍ଜ ଉପରେ ମନ୍ଥନ କରିବା ଏବଂ ସେଗୁଡ଼ିକର ସମାଧାନ ପାଇଁ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ଶାହ ଉଲ୍ଲେଖ କରିଥିଲେ ଯେ ଏହି ସମ୍ମିଳନୀ ବରିଷ୍ଠ ଓ ଯୁବ ଅଧିକାରୀମାନଙ୍କୁ ମାର୍ଗଦର୍ଶନ କରିବା, ସେମାନଙ୍କୁ ଚ୍ୟାଲେଞ୍ଜ ସହିତ ପରିଚିତ କରାଇବା ଏବଂ ସମାଧାନ ଖୋଜିବାର ପଥ ଦେଖାଇବା ପାଇଁ ସକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ହେବ । ସେ ଆହ୍ୱାନ କରିଥିଲେ ଯେ ଜାତୀୟ ଗୁଇନ୍ଦା ଗ୍ରୀଡ୍, ଗିରଫ ନାର୍କୋ ଅପରାଧୀଙ୍କ ଉପରେ ଜାତୀୟ ସମନ୍ୱିତ ଡାଟାବେସ୍, ଆତଙ୍କବାଦ ଉପରେ ସମନ୍ୱିତ ମନିଟରିଂ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ପଳାତକ ଡାଟାବେସ୍ ଭଳି ଜାତୀୟ ଡାଟାବେସ୍ ବ୍ୟବହାରକୁ ସମସ୍ତ ତାଲିମ କାର୍ଯ୍ୟକ୍ରମରେ ସାମିଲ କରି ଯୁବ ଅଧିକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । ଦେଶ ସାମ୍ନାରେ ଥିବା ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବା ପାଇଁ ଯୁଏଚ୍ଏମ୍ କହିଛି, 'ପ୍ରକୃତ-ସମୟ ତଥ୍ୟ ଅଂଶୀଦାର ପାଇଁ ଏକ ନିର୍ଭରଯୋଗ୍ୟ ଇକୋସିଷ୍ଟମ ପ୍ରତିଷ୍ଠା କରାଯିବା ଆବଶ୍ୟକ ।' ମୋଦି ସରକାର ବିଭିନ୍ନ ରାଜ୍ୟରେ ବିଛାଡ଼ି ହୋଇଥିବା ଅନେକ ସମସ୍ୟାର ସମାଧାନ କରିଛନ୍ତି ବୋଲି ଯୁଏଚ୍ଏମ୍ ଗୁରୁତ୍ୱାରୋପ କରିଛି ଯେ ଆଗାମୀ ୫-୧୦ ବର୍ଷ ଦେଶର ବିକାଶ ଏବଂ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ଭାରତର ଭୂରାଜନୈତିକ ପଡ଼ୋଶୀକୁ ଦୃଷ୍ଟିରେ ରଖି ଆଭ୍ୟନ୍ତରୀଣ ସୁରକ୍ଷା ଚ୍ୟାଲେଞ୍ଜ ଗତିଶୀଳ ରହିବ ବୋଲି ଲକ୍ଷ୍ୟ ରଖାଯାଇଛି । ଶ୍ରୀ ଶାହ ରାଜ୍ୟ ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଗୁଡ଼ିକୁ 'ସୁରକ୍ଷା, ସଜାଗତା ଏବଂ ସମନ୍ୱୟ'ର ମୂଳମନ୍ତ୍ର ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ବାମପନ୍ଥୀ ଉଗ୍ରବାଦୀ, ଉତ୍ତର-ପୂର୍ବ ଏବଂ ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ସଫଳତାର ପ୍ରଶଂସା କରି ଶ୍ରୀ ଶାହ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ତିନୋଟି ନୂତନ ଅପରାଧିକ ଆଇନର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ନିଶାଦ୍ରବ୍ୟର ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମାନ ଆଭିମୁଖ୍ୟ ଗ୍ରହଣ କରିବାକୁ କହିଥିଲେ । ସେ ନାର୍କୋ-ଅପରାଧୀଙ୍କ ପ୍ରତ୍ୟାର୍ପଣ ଉପରେ ଧ୍ୟାନ ଦେବା ସହିତ ବଡ଼ ଡ୍ରଗ୍ କାର୍ଟେଲ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାରେ ଉପରରୁ ତଳ ଏବଂ ତଳରୁ ଉପର ପର୍ଯ୍ୟନ୍ତ ଆଭିମୁଖ୍ୟର ଆବଶ୍ୟକତାକୁ ସମର୍ଥନ କରିଥିଲେ । 'ନଶା ମୁକ୍ତ ଭାରତ' ପଥରେ ଏହାକୁ ଆଗାମୀ ତିନି ବର୍ଷ ପାଇଁ ପୋଲିସର ପ୍ରମୁଖ ଏଜେଣ୍ଡା କରିବାକୁ ଡିଜିପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୋଲିସ ଷ୍ଟେସନ ଗୁଇନ୍ଦା ସଂଗ୍ରହର କେନ୍ଦ୍ରବିନ୍ଦୁ ବୋଲି ଉଲ୍ଲେଖ କରି ଶ୍ରୀ ଶାହ ପୋଲିସ ନେତୃତ୍ୱକୁ ପୋଲିସ ଷ୍ଟେସନ ସ୍ତର ପର୍ଯ୍ୟନ୍ତ ବାସ୍ତବ-ସମୟ ସୂଚନା ବାଣ୍ଟିବା ପାଇଁ ଏକ ବିଶ୍ୱସନୀୟ ପ୍ଲାଟଫର୍ମ ବିକଶିତ କରିବାକୁ ଆହ୍ୱାନ କରିଥିଲେ । ନାଗରିକଙ୍କ ଜୀବନ, ସମ୍ପତ୍ତି ଏବଂ ସମ୍ମାନକୁ ସୁରକ୍ଷା ଦେବା ପାଇଁ ପୋଲିସର ପ୍ରାଥମିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରି ଯୁଏଚଏମ ପ୍ରତ୍ୟେକ ରାଜ୍ୟ ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ସଂସ୍ଥାକୁ ଉତ୍କର୍ଷତା ଆଡ଼କୁ ପ୍ରୟାସ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ସୁସ୍ଥ ପ୍ରତିଯୋଗିତାର ମନୋଭାବ ପୋଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା

**ବାଲେଶ୍ୱର, ୨୭/୭
ନ୍ୟୁଜ ବ୍ୟୁରୋ**
ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ପରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା । କାର୍ଯ୍ୟରେ ନିୟୋଜିତ ଥିବା ସୁରକ୍ଷାକର୍ମୀଙ୍କୁ ବହିଷ୍କାର କରିଛନ୍ତି କୁଳପତି । ଏହା ସହ ଅଧିକ ୬ ଜଣ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତ କରାଯାଇଛି । ଏଣିକି ୨୪ ଘଣ୍ଟିଆ ସୁରକ୍ଷା ପାଟ୍ରୋଲିଂ କରାଯିବ । ପୂର୍ବରୁ ସୁରକ୍ଷାକର୍ମୀ ରହିଥିଲେ ମଧ୍ୟ ପାଟ୍ରୋଲିଂ କରାଯାଉନଥିଲା । ପୋଲିସ ଓ ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କେଉଁ ପରିସ୍ଥିତିରେ ଏଭଳି ଘଟିଲା ତାହାର ତଦନ୍ତ ଚାଲିଛି । ଏଣିକି ବିଶ୍ୱବିଦ୍ୟାଳୟ ଭିତରକୁ ଗଲେ ଆଧାର କାର୍ଡ ଦେଖାଇବାକୁ ହେବ । ସେପଟେ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ତାଙ୍କ ବାପା ଗଣମାଧ୍ୟମକୁ ଆସି ନିଜର ପ୍ରତିକ୍ରିୟା ରଖିଛନ୍ତି । ବାପାଙ୍କ କହିବା ଅନୁସାରେ ତାଙ୍କ ପୁଅ ହରିହର ପାତ୍ରର ୩ ବର୍ଷ ହେବ ମସ୍ତିଷ୍କ ରୋଗ ବାହାରିଛି । ଚିକିତ୍ସା ଚାଲିଛି, କେତେବେଳେ କ'ଣ କରୁଛି ଏପରିକି ବାପାକୁ ପିଟି ହାତ ଭାଙ୍ଗି ଦେଇଥିବା କହିଛନ୍ତି ।

# ଭୁବନେଶ୍ୱର ସହରକୁ ୧୦ ବର୍ଷ ପଛକୁ ଠେଲିଦେଲେ

**ଭୁବନେଶ୍ୱର, ୨୭/୭
ନ୍ୟୁଜ ବ୍ୟୁରୋ**



ରାଜ୍ୟର ରାଜଧାନୀ ଭୁବନେଶ୍ୱର ସହରରେ ମେଟ୍ରୋ ରେଳ ଚାଲିବ । ପ୍ରଥମେ ଭୁବନେଶ୍ୱରରୁ କଟକ ଏବଂ ଏହାପରେ ପୁରୀକୁ ମେଟ୍ରୋ ରେଳ ସଂଯୋଗ ନେଇ ପୂର୍ବ ବିଜେଡି ସରକାର ଯୋଜନା କରିଥିଲା । ଆଉ ଏଥି ପାଇଁ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର କରାଯାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । କିନ୍ତୁ ୨୦୨୪ରେ ସରକାର ବଦଳିବା ପରେ ଏବେ ମେଟ୍ରୋ ରେଳ ଚାଲିବା ସ୍ୱପ୍ନ ଭଳି ଲାଗୁଛି । କାରଣ ବିଜେପି ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ପରେ ମଧ୍ୟ ମେଟ୍ରୋ ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗିରହିଥିବା ବେଳେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ପୁରୁଣା କଣ୍ଟ୍ରାକ୍ଟକୁ ରାଜ୍ୟ ସରକାର ବାତିଲ୍ କରିଛନ୍ତି । ରାଜ୍ୟର ବିଜେପି ସରକାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଟେଣ୍ଡର ବାତିଲ କରିବା ପରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ, ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ଥିଲା ବିଜେଡି ସରକାରର ସ୍ୱପ୍ନ । ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କ୍ରୀଡା ଭିତ୍ତିଭୂମି ପ୍ରତିଷ୍ଠା ସାଙ୍ଗକୁ ଆନ୍ତର୍ଜାତିକ ସ୍ତରର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏଥିସହିତ ଆଧୁନିକ ପରିବହନ ସେବା ସାଙ୍ଗକୁ ଆଇଟି ଭିତ୍ତିଭୂମି ସୃଷ୍ଟି କରାଯାଇ ମନ୍ଦିରମାଳିନୀ ସହରକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବାକୁ ଉଦ୍ୟମ କରୁଥିଲା ବିଜେଡି ସରକାର । ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ସହରର ସମ୍ପ୍ରସାରଣ ଓ 'ମୋ ବସ' ରୁଟ୍ ସହ ତାଳ ଦେଇ ସମ୍ପ୍ରସାରିତ କରିବାର ଥିଲା ପ୍ରଥମ ଲକ୍ଷ୍ୟ । ସହର ମଧ୍ୟରେ ଭିଡ ବୃଦ୍ଧି କରିବା ପରିବର୍ତ୍ତେ ସହରର ସମ୍ପ୍ରସାରଣ ଜରୁରୀ । ମେଟ୍ରୋ ସହର ଭଳି ଆବଶ୍ୟକତାକୁ ଉପଲବ୍ଧି କରି ବିଜେଡି ସରକାର ୨୦୨୭ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ମେଟ୍ରୋ ରେଳ କାମ ସାରିବାକୁ ଟାର୍ଗେଟ କରିଥିଲା । କିନ୍ତୁ ଏବେ ଏହି ପ୍ରକଳ୍ପ ପାଇଁ ହୋଇଥିବା ଟେଣ୍ଡରକୁ ବାତିଲ କରିଦିଆଯାଇଛି । ବିଜେପି ସରକାରଙ୍କ ଏହି ନିଷ୍ପତ୍ତି ସହରକୁ ଆହୁରି ୧୦ ବର୍ଷ ପଛକୁ ଠେଲିଦେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି : ୧୦୦୦ ଜଣ ପଞ୍ଜିକୃତ



**ଭୁବନେଶ୍ୱର, ୨୭/୭
ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଅଭିଯୋଗ ଶୁଣାଣି କରିବେ । ଏଥିପାଇଁ ପ୍ରାୟ ୧୦୦୦ ଆବେଦନକାରୀ ଅନ୍‌ଲାଇନରେ ପଞ୍ଜିକରଣ କରିଛନ୍ତି । ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହେବ । ଏହି ଦିନ ପାଇଁ ୧୦୦୦ ଆବେଦନକାରୀ ଅନ୍‌ଲାଇନରେ ସେମାନଙ୍କ ନାମ ପଞ୍ଜିକରଣ କରିଛନ୍ତି । ୨୫ ଜୁଲାଇ ସକାଳ ୧୦ଟାରୁ ପଞ୍ଜିକରଣ ଆରମ୍ଭ ହୋଇଥିଲା ଏବଂ ସର୍ବାଧିକ ହଜାର ଲୋକ ପଞ୍ଜିକୃତ ହେବା ପର୍ଯ୍ୟନ୍ତ ଖୋଲା ରହିଥିଲା । ମୁଖ୍ୟମନ୍ତ୍ରୀ ସୋମବାର ଦିନ ସକାଳ ୮ଟାରୁ ଭୁବନେଶ୍ୱରର ଅଶୋକ ନଗରର ୟୁନିଟ୍-୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏହି ଅଭିଯୋଗ ଶୁଣାଣି କରିବାର କାର୍ଯ୍ୟକ୍ରମ ରହିଛି । ଜନସାଧାରଣଙ୍କୁ ସେମାନଙ୍କର ଅଭିଯୋଗ ପତ୍ର ସହିତ ପଞ୍ଜୀକରଣ ସ୍ୱୀକୃତି ପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ସହିତ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ କୁହାଯାଇଛି ।

# ଏନ୍‌ସିଆରଟି ବହିରେ ରହିବ 'ଅପରେସନ୍ ସିନ୍ଦୂର' : ପିଲା ପଢ଼ିବେ ପରାକ୍ରମର କାହାଣୀ



**ନୂଆଦିଲ୍ଲୀ ୨୭/୦୭**
ଉଚ୍ଚ-ମାଧ୍ୟମିକ ଶ୍ରେଣୀ ପିଲାଙ୍କ ପାଠ୍ୟକ୍ରମରେ 'ଅପରେସନ୍ ସିନ୍ଦୂର' ଉପରେ ସ୍ୱତନ୍ତ୍ର ମଡ୍ୟୁଲ ସାମିଲ କରିବାକୁ ଯାଉଛି ଏନ୍‌ସିଇଆରଟି । ପରେ ଏନ୍‌ସିଇଆରଟି ଏହି ବିଷୟବସ୍ତୁକୁ ମାଧ୍ୟମିକ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଠ୍ୟକ୍ରମରେ ମଧ୍ୟ ସାମିଲ କରିପାରେ । ମଡ୍ୟୁଲ୍‌ର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଖୁବ୍‌ଶୀଘ୍ର ଏହା ଜାରି ହେବ । ସଂସଦର ମୌସୁମୀ ଅଧିବେଶନରେ 'ଅପରେସନ୍ ସିନ୍ଦୂର' ଉପରେ ଚର୍ଚ୍ଚା ପୂର୍ବରୁ ଏନ୍‌ସିଇଆରଟି ଏହା ଉପରେ ମଡ୍ୟୁଲ ଜାରି କରିବାକୁ କହିଛି ।
ସ୍ୱାଭାବିକ ପାଠ୍ୟପୁସ୍ତକରେ ଏହା ଏକ ସ୍ୱତନ୍ତ୍ର କେସ୍ ଷ୍ଟଡି ହେବ, ଯାହା ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତର ରଣନୀତିକ ସୈନ୍ୟ ପ୍ରତିକ୍ରିୟା ଉପରେ କେନ୍ଦ୍ରିତ ହେବ । ଆତଙ୍କବାଦୀ ବିପଦ ଉପରେ ଦେଶ କି ପ୍ରକାର ପ୍ରତିକ୍ରିୟା ପ୍ରକାଶ କରିଛି ତଥା ରକ୍ଷା, କୂଟନୀତି ଓ ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ ସମନ୍ୱୟ ରାଷ୍ଟ୍ରୀୟ ସୁରକ୍ଷାରେ କି ପ୍ରକାର ଭୂମିକା ନିର୍ବାହ କରଛି, ବିଦ୍ୟାର୍ଥୀଙ୍କୁ ତାହା ବୁଝାଇବାରେ ସହାୟକ ହେବା ଏହି କ୍ଲାସ୍ ମଡ୍ୟୁଲ୍‌ର ଉଦ୍ଦେଶ୍ୟ । ସୂଚନାଥାଉକି, ଅପରେସନ୍ ସିନ୍ଦୂର ପହଲଗାମରେ ସଂଘଟିତ ଆତଙ୍କବାଦୀ ଆକ୍ରମଣ ପରେ ଗତ ମେ' ୭ରେ ଭାରତ ଦ୍ୱାରା ନିଆଯାଇଥିବା ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଥିଲା । ଭାରତୀୟ ସେନା ସୀମାପାର ଆତଙ୍କବାଦୀ ଠିକଣା ଉପରେ ଆକ୍ରମଣ କରିଥିଲା । ପାକ୍ ଅଧିକୃତ କଶ୍ମୀରରେ ଆତଙ୍କବାଦୀ ଠିକଣାଗୁଡ଼ିକୁ ଟାର୍ଗେଟ୍ କରି ସଠିକ୍ ଆକ୍ରମଣ କରିଥିଲା । ଏନ୍‌ସିଇଆରଟି ମଡ୍ୟୁଲ୍‌ର ଉଦ୍ଦେଶ୍ୟ ଏହି ମିଶନର ତଥ୍ୟାତ୍ମକ ଅବଲୋକନର ସୂଚନା ଦେବ । ଏଥିରେ ସଶସ୍ତ୍ର ବଳର ଭୂମିକା, ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନ ପଛରେ ନିର୍ଣ୍ଣୟ ନେବାର ପ୍ରକ୍ରିୟା ତଥା କୂଟନୀତି ଓ କ୍ଷେତ୍ରୀୟ ସ୍ଥିରତା ପାଇଁ ବ୍ୟାପକ ପ୍ରଭାବ ଭଳି ପ୍ରମୁଖ ଦିଗକୁ ସାମିଲ କରାଯାଇଛି । ଏହି ପ୍ରୟାସ ନ୍ୟାସ୍‌ନାଲ କରିକୁଲମ୍ ଫ୍ରେମ୍‌ୱର୍କ (ଏନ୍‌ସିଏଫ୍-୨୦୨୩) ଓ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ (ଏନ୍‌ଇପି ୨୦୨୦) ଅନ୍ତର୍ଗତ ଏନ୍‌ସିଇଆରଟିର ବ୍ୟାପକ ପ୍ରୟାସର ଅଂଶ । ୬ଷ୍ଠ ଓ ୮ମ ଶ୍ରେଣୀ ପାଇଁ ଇଂରାଜୀ, ସାମାଜିକ ବିଜ୍ଞାନ, ସଂସ୍କୃତ ଭଳି ବିଷୟରେ ନୂଆ ପାଠ୍ୟପୁସ୍ତକ ପୂର୍ବରୁ ଜାରି ହୋଇସାରିଛି । ଏଥିସହ କୌଶଳ ବୋଧ ନାମକ ଏକ ନୂଆ ବ୍ୟବସାୟିକ ପାଠ୍ୟପୁସ୍ତକ ମଧ୍ୟ ଜାରି ହୋଇଛି । ଏହି ପୁସ୍ତକ ଅନୁଭବ ମୂଳକ ଶିକ୍ଷା, ଭାରତୀୟ ଚିନ୍ତାଧାରା ଓ ସମ୍ପ୍ରତିକ ଆହ୍ୱାନ ଉପରେ କେନ୍ଦ୍ରିତ । ଆଗାମି ଅପରେସନ୍ ସିନ୍ଦୂର ମଡ୍ୟୁଲ ଏହି ଧାରାକୁ ବଜାୟ ରଖିବ । ସମସାମୟିକ ଘଟଣା ଓ ରାଷ୍ଟ୍ରୀୟ ଘଟଣାବଳୀଗୁଡ଼ିକୁ ଶ୍ରେଣୀଗୃହକୁ ଆଣି ବିଦ୍ୟାର୍ଥୀଙ୍କୁ ସୂଚନା ଓ ଆଲୋଚନାତ୍ମକ ରୂପେ ଯୋଡ଼ିବାରେ ଏହା ସାହାଯ୍ୟ କରିବ ।




## ଡିଇଓଙ୍କୁ ଓସେପାର କଡ଼ା ନିର୍ଦ୍ଦେଶ

# ଅଧିକ ଓଜନର ବସ୍ତାନି ନେଇ ସ୍କୁଲ୍ ଯାଇପାରିବେନି ପିଲାମାନେ

**ଭୁବନେଶ୍ୱର,୨୭/୦୭ ନ୍ୟୁଜ ବ୍ୟୁରୋ**
କୋମଳମତି ପିଲାମାନେ ଅଧିକ ଓଜନର ବସ୍ତାନି ନେଇ ସ୍କୁଲ ଯାଇପାରିବେନି । ଏଥିପାଇଁ ୨୦୧୯ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ହେଲେ ଏବେ ବି ଏହି ନିୟମ ଉଲ୍ଲଂଘନ ହେଉଛି । ଛାତ୍ରଛାତ୍ରୀ ଅଧିକ ଓଜନର ବସ୍ତାନି ଧରି ସ୍କୁଲ ଯାଉଥିବା ବେଳେ ଶିକ୍ଷକ ଏ ଦିଗରେ ଆଦୌ ଧ୍ୟାନ ଦେଉନାହାନ୍ତି ଯାହାକୁ ନେଇ ବାରମ୍ବାର ଅଭିଯୋଗ ହେଉଛି । ୨୦୨୪ରେ ଓଏଚ୍ଆରସିରେ ଜଣେ ମାନବାଧିକାର କର୍ମୀ ମଧ୍ୟ ଏ ନେଇ ମାମଲା ରୁଜୁ କରିଥିଲେ । ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର



ନିର୍ଦ୍ଦେଶନାମା ୫୭୦୭/୮/୩/୨୦୧୯କୁ କଡ଼ାକଡ଼ି ଭାବରେ ପାଳନ କରିବାକୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ କହିଛନ୍ତି । ରାଜ୍ୟରେ ଥିବା ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟଗୁଡିକ ଏହି ନିୟମ ମାନିବାକୁ ବାଧ୍ୟ । ସେମାନେ କି ପଦକ୍ଷେପ ନେଲେ ତାହା ଓସେପାକୁ ୩ ଦିନ ମଧ୍ୟରେ ଜଣାଇବାକୁ ସମସ୍ତ ଡିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲକୁ ଅଧିକ ଓଜନର ବ୍ୟାଗ ନ ନେବାକୁ ନିର୍ଦ୍ଦେଶାବଳୀ ରହିଛି । ଉକ୍ତ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀ ଦେଢ କେଜି ଓଜନର ବ୍ୟାଗ ନେଇ ସ୍କୁଲ ଯିବେ । ତୃତୀୟରୁ ପଞ୍ଚମ ପର୍ଯ୍ୟନ୍ତ ୨-୩ କେଜି, ଷଷ୍ଠ ଓ ସପ୍ତମ ପାଇଁ ୪ କେଜି, ଅଷ୍ଟମ ଓ ନବମ ପାଇଁ ୪.୫ କେଜି ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବହିଖାତା ସହ ବ୍ୟାଗର ଓଜନ ୫ କେଜି ରହିବା ଉଚିତ ବୋଲି ସୂଚନା ମିଳିଛି ।